January-1969



ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ଉତ୍କଳ ପ୍ରସଙ୍ଗର ଶ୍ରଦ୍ଧାଞ୍ଜଳି ।



# ଜନରାଜ୍ୟ ଦିବସ ଉପଲକ୍ଷେ
# ରାଜ୍ୟପାଳଙ୍କ
# ବାର୍ତ୍ତା

ଆଜି ଆମ ଜନରାଜ୍ୟ ଦିବସର ଉନବିଂଶ ବାର୍ଷିକୀ ଆମେ ପାଳନ କରୁଥାଉଁ । ଏହି ଶୁଭ ଅବସରରେ ଓଡ଼ିଶାର ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଆମର ପୂର୍ବତନ ନେତୃବର୍ଗ ବିଦେଶୀ ଶାସନ ବିରୁଦ୍ଧରେ ସଂଗ୍ରାମ କରି ସ୍ୱାଧୀନତା ହାସଲ କରିଥିଲେ । ବର୍ତ୍ତମାନ ଆମ ଆଗରେ ନିରକ୍ଷରତା, ଦାରିଦ୍ର୍ୟ, ରୋଗ ଓ ଅନୁନ୍ନତାବସ୍ଥା ବିରୁଦ୍ଧରେ ସଂଗ୍ରାମ କରିବାର ଗୁରୁଦାୟିତ୍ୱ ରହିଛି । ଇପ୍ସିତ ଲକ୍ଷ୍ୟ ହାସଲ ନ କରିବା ପର୍ଯ୍ୟନ୍ତ ଆମେ ଆମର ଉଦ୍ୟମକୁ କୋହଳ କରିଦେବା ଉଚିତ ହେବ ନାହିଁ । ବହୁ ବାଧାବିଘ୍ନ ସତ୍ତ୍ୱେ ଆମେ ଦ୍ରୁତ ଅଗ୍ରଗତି କରିପାରିଛୁ । ତଥାପି ଯେଉଁ ସମ୍ପୂତକ ନଷ୍ଟ ହୋଇଯାଇଛି, ତାକୁ ସଜାଡିବାପାଇଁ ଆମକୁ ଆହୁରି ଅନେକ କିଛି କରିବାକୁ ପଡ଼ିବ । ପୃଥିବୀର ଅନ୍ୟାନ୍ୟ ଉନ୍ନତ ଦେଶମାନଙ୍କ ସହିତ ସମକକ୍ଷ କରି ଆମ ଦେଶକୁ ଗଢ଼ିବାପାଇଁ ଐକ୍ୟବଦ୍ଧ ଉଦ୍ୟମ କରିବା ବର୍ତ୍ତମାନ ଆମର ଦାୟିତ୍ୱ । ତେଣୁ ଆଗକୁ ଆଗକୁ ଅଗ୍ରସର କରିସିବାପାଇଁ ଆଜିର ଯେଉଁ ଆହ୍ୱାନ, ତାକୁ ଗ୍ରହଣ କରି ଓଡ଼ିଶାବାସୀ ନିଜକୁ ପୁଣି ଉତ୍ସର୍ଗ କରନ୍ତୁ ବୋଲି ମୁଁ କାମନା କରେ । ପ୍ରକୃତି ଆମକୁ ପ୍ରଚୁର ଖଣିଜ ସମ୍ପଦ ଓ ଉର୍ବର ମୃତ୍ତିକା ଦେଇଛି । ଏହି ରାଜ୍ୟର ତଥା ଦେଶର ଉପକାର ନିମନ୍ତେ ଏହି ସମ୍ପଦ ବିନିଯୋଗ କରିବା ଭାର ଆମ ଉପରେ ନ୍ୟସ୍ତ ।

ବିଗତ କେତେ ବର୍ଷ ଧରି ଆମ ଦୁର୍ଭାଗ୍ୟକୁ ଓଡ଼ିଶାରେ ଆମେ କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛୁ ଏବଂ ଏହା କେତେକାଂଶରେ ଆମ ଅଗ୍ରଗତିକୁ ବ୍ୟାହତ କରିଛି । ତଥାପି ସୁଖର କଥା ଯେ ଆମେ ସାହସର ସହିତ ଏଭଳି ପରୀକ୍ଷାର ସମ୍ମୁଖୀନ ହେବାପାଇଁ ସମର୍ଥ ହୋଇଛୁ । ବିଗତ ବାର୍ଷିକ ଯୋଜନାଗୁଡ଼ିକରେ କୌଣସି ବଡ଼ କାମ ହାତକୁ ନେଇ ପାରିନାହୁଁ, କିନ୍ତୁ ଆଗରୁ କାର୍ଯ୍ୟକାରୀ କରାଯାଇଥିବା ଯୋଜନା କାର୍ଯ୍ୟଗୁଡ଼ିକୁ ଯେତେ ଦୂର ସମ୍ଭବ ଆମେ ସମ୍ପୂର୍ଣ୍ଣ କରିପାରିଛୁ । ଶିଳ୍ପ ଓ ଖଣିଜ ପଦାର୍ଥ ଉତ୍ପାଦନ

କ୍ଷେତ୍ରରେ ଆମେ ସନ୍ତୋଷଜନକ ଅଗ୍ରଗତି କରିପାରିଛୁ । ଆଜି ମଧ୍ୟ ରାଜ୍ୟର ଅର୍ଥନୈତିକ ସ୍ୱାର୍ଥ ଦୃଷ୍ଟିରୁ ପରିବାର ଯୋଜନା କାର୍ଯ୍ୟକ୍ରମରେ ଆମେ ଯଥେଷ୍ଟ ଆଗେଇ ପାରିଛୁ । ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ପାରାଦୀପ ବନ୍ଦର ବ୍ୟତୀତ ଗୋପାଳପୁର ଏବଂ ଚାନ୍ଦବାଲିଠାରେ ଦୁଇଟି କ୍ଷୁଦ୍ର ବନ୍ଦର ଚତୁର୍ଥ ଯୋଜନାରେ ନିର୍ମାଣ କରିବାକୁ ଆମେ ଇଚ୍ଛା କରୁଛୁ । ଆପଣମାନେ ଜାଣି ଖୁସି ହେବେ ଯେ କଟକ-ପାରାଦୀପ ରେଲପଥ ନିର୍ମାଣ ବିଷୟରେ ଯଥେଷ୍ଟ ଅଗ୍ରଗତି ହୋଇଛି ଏବଂ ୧୯୬୯-୭୦ ଯୋଜନା କାଳରେ ବିମଳାଗଡ଼ ଏବଂ ତାଳଚେର ରେଳପଥପାଇଁ ଆନୁଷଙ୍ଗିକ ଇଞ୍ଜିନିୟରିଂ ଓ ସରବରାହ ଉପରେ ପୁଣି ଥରେ ଅନୁସନ୍ଧାନ କରିବାକୁ ଭାରତ ସରକାର ରାଜି ହୋଇଛନ୍ତି ।

ସନ୍ତାନ ଜନ୍ମ ମଧ୍ୟରେ ବ୍ୟବଧାନ ରଖା ନ ଗଲେ ଓ ପରିବାର ଯୋଜନା କରା ନ ଗଲେ ଆମ ଲୋକମାନଙ୍କର ଅର୍ଥନୈତିକ କଲ୍ୟାଣ ସମ୍ଭବ ହୋଇ ପାରିବ ନାହିଁ । କେନ୍ଦ୍ର ଓ ରାଜ୍ୟ ସରକାରମାନେ ପରିବାର ଯୋଜନା କାର୍ଯ୍ୟକ୍ରମ ବ୍ୟାପକ ଭାବରେ ଆରମ୍ଭ କରିଛନ୍ତି ଏବଂ ଏହି କାର୍ଯ୍ୟକ୍ରମ ସଫଳ ହେବାପାଇଁ ଜନସାଧାରଣଙ୍କର ସମ୍ପୂର୍ଣ୍ଣ ସହଯୋଗ ଆବଶ୍ୟକ ।

ଆମ ଦେଶର ଅର୍ଥନୀତି ଏପରି ଏକ ପର୍ଯ୍ୟାୟରେ ପହଞ୍ଚିଛି, ଯେଉଁଠାରୁ ଆମେ ଦ୍ରୁତଭାବରେ ଆଗେଇ ଯାଇ ପାରିବା । କୃଷି କ୍ଷେତ୍ରରେ ଆମର ଅଗ୍ରଗତି ଏବଂ ଆମର ରପ୍ତାନି ବାଣିଜ୍ୟ ବୃଦ୍ଧିକୁ ଭିତ୍ତିକରି ଏହି ଅର୍ଥନୈତିକ ପରିସ୍ଥିତି ସମ୍ଭବ ହୋଇଛି ।

ଏହି ବର୍ଷଟି ଗାନ୍ଧୀ ଜନ୍ମ ଶତବାର୍ଷିକୀ ବର୍ଷ । ଗାନ୍ଧିଜୀଙ୍କ ଦୃଷ୍ଟିରେ ଭାରତ ଏକ । ଧର୍ମ ନିରପେକ୍ଷତା ଓ ଦେଶର ଏକତାପାଇଁ ସେ ନିଜର ଜୀବନ ଦେଇଥିଲେ । ସେ ଜାତି, ଧର୍ମ, ବର୍ଣ୍ଣ ଭେଦଭାବଠାରୁ ବହୁ ଉଚ୍ଚରେ ଥିଲେ । ଆମେ ତାଙ୍କ ଆଦର୍ଶ ସ୍ମରଣ କରି ତାଙ୍କ ପ୍ରଦର୍ଶିତ ପଥରେ ଅଗ୍ରଗତି କରିବାହିଁ ଜାତିର ଜନକଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ।

ମୁଁ ପୁଣିଥରେ ଓଡ଼ିଶାବାସୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ଜୟହିନ୍ଦ୍



## ଏକ ଉନ୍ନତ ଓ ସମୃଦ୍ଧ ଓଡ଼ିଶା ଗଠନ କରନ୍ତୁ

## ଜନରାଜ୍ୟ ଦିବସ ଉପଲକ୍ଷେ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଆଜି ଆମେ ଜନରାଜ୍ୟ ଦିବସର ଊନବିଂଶତିତମ ବାର୍ଷିକୀ ପାଳନ କରୁଛୁ । ଏହି ଉପଲକ୍ଷେ ଓଡ଼ିଶାର ଜନସାଧାରଣଙ୍କ ପ୍ରତି ମୁଁ ମୋର ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛି । ଜନସାଧାରଣଙ୍କର କ୍ରମବର୍ଦ୍ଧମାନ ଚାହିଦାକୁ ପୂରଣ କରିବାପାଇଁ ବିଗତ ଅଠର ବର୍ଷ ମଧ୍ୟରେ ଦେଶରେ ଯାହାକିଛି କାର୍ଯ୍ୟ ହୋଇଛି, ତାହା ଯଥେଷ୍ଟ ନୁହେଁ । ଏବେ ମଧ୍ୟ ବହୁ ସମସ୍ୟାର ସମାଧାନ ପାଇଁ ଆମେ ସଂଗ୍ରାମ ଚଳାଇଛୁ ।

ଆମ ରାଜ୍ୟରେ ଆମେ ଆଉ ଗୋଟିଏ ସଙ୍କଟଜନକ ବର୍ଷ ଅତିକ୍ରମ କରିଛୁ । ଦେଶବାସୀଙ୍କପାଇଁ ଏହି ବର୍ଷଟି ବହୁ ବାଧାବିଘ୍ନପୂର୍ଣ୍ଣ ଓ ସଙ୍କଟମୟ ହୋଇ ପଡ଼ିଥିଲା । ଆର୍ଥିକ ଦୃଷ୍ଟିରୁ ସାଙ୍ଗକୁ ପ୍ରକୃତି ମଧ୍ୟ ଆମ ପ୍ରତି ନିର୍ମମ ହୋଇ ପଡ଼ିଥିଲା । ବନ୍ୟା, ବାତ୍ୟା ଓ ମରୁଡ଼ି ଲୋକମାନଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଥିଲା । ରାଜ୍ୟବାସୀ ସାହସ ଓ ଧୈର୍ଯ୍ୟର ସହିତ ଏ ପ୍ରକାର ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାରୁ ମୁଁ ସେମାନଙ୍କୁ ଅଭିନନ୍ଦନ ଜଣାଉଛି । ଏ ପ୍ରକାର ଦୁର୍ଦ୍ଦଶା ଓ ସମସ୍ୟାବହୁଳ ପରିସ୍ଥିତି ସତ୍ତ୍ୱେ ଏକ ଦୃଢ଼ ଓ ନିର୍ମଳ ଶାସନ ପ୍ରତିଷ୍ଠା କରି ଓଡ଼ିଶାକୁ ସମୃଦ୍ଧ କରିବାର ପ୍ରତିଜ୍ଞାରୁ ଆମେ ବିଚ୍ୟୁତ ହୋଇନାହୁଁ ।

ସୁଖର କଥା ଯେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଉନ୍ନତ କୃଷି ବ୍ୟବସ୍ଥାର ସୁଯୋଗ ନେଇ କୃଷୀମାନେ ଆଧୁନିକ କୃଷି ପ୍ରଣାଳୀରେ ଚାଷ କରୁଛନ୍ତି । ଏହା ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଲୋକମାନଙ୍କୁ ସ୍ୱାବଲମ୍ବୀ କରାଇବାରେ ସାହାଯ୍ୟ କରିବ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ନୂତନ ଶିଳ୍ପନୀତି ଦ୍ରୁତ ଶିଳ୍ପ ବିକାଶର ପଥ ଉଦ୍‌ଘାଟନ କରିଛି ।

ତଥାପି ଆମ ସମ୍ମୁଖରେ ବିରାଟ ଦାୟିତ୍ୱ ଓ ପ୍ରତିବନ୍ଧକ ରହିଛି । ଜନସାଧାରଣଙ୍କ ସହଯୋଗରେ ଏହି ପ୍ରତିବନ୍ଧକ ଅତିକ୍ରମ କରି ଏକ ଉନ୍ନତ ଓ ସମୃଦ୍ଧ ଓଡ଼ିଶା ଗଢ଼ିପାରିବୁ ବୋଲି ଆମର ଆଶା ।

ଜୟହିନ୍ଦ୍



କୋଣାର୍କ ମନ୍ଦିରର ନାଟମଣ୍ଡପର ଶିଳାଗାତ୍ରର କାରୁକାର୍ଯ୍ୟ

ଓଡ଼ିଶା ସରକାରଙ୍କ ଉନ୍ନୟନ କାର୍ଯ୍ୟକଳାପ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଗ୍ରହଣ କରିବା ଉଚିତ ନୁହେଁ ।

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ପ୍ରକାଶନ—ପ୍ରତି ମାସ ୧୫ ତାରିଖ

ସମ୍ପାଦକ—ପଞ୍ଚାନନ ତ୍ରିପାଠୀ, ଆଇ. ଏ. ଏସ୍.,
ନିର୍ଦ୍ଦେଶକ, ଲୋକସମ୍ପର୍କ, ପର୍ଯ୍ୟଟନ ଓ ପ୍ରୋଟୋକଲ, ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା ସରକାର ।

ସହକାରୀ ସମ୍ପାଦକ—ବିଶ୍ୱନାଥ ଦାସ

ମୂଲ୍ୟ—ପ୍ରତି ସଂଖ୍ୟା ୨୦ ପଇସା

ପ୍ରକାଶକ—ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା

ଟେଲିଗ୍ରାମ—ଜନସମ୍ପର୍କ

# ଉତ୍କଳ ପ୍ରସଙ୍ଗ

## ଜନସମ୍ପର୍କ ବିଭାଗଙ୍କ

| | | |
|---|---|---|
| ୨୫ଶ ଭାଗ | ଜାନୁଆରୀ ୧୯୬୯<br>ମାଘ ୧୮୯୦ | ୬ଷ୍ଠ ସଂଖ୍ୟା |

ଏ ସଂଖ୍ୟାରେ ପଢ଼ନ୍ତୁ—

| ବିଷୟ | | ପୃଷ୍ଠା |
|---|---|---|
| ୧ । ସଦା ସଦାତ୍ମ ଧର୍ମସ୍ୟ | ... | ୧ |
| ୨ । ଜନନୀ (କବିତା) | ... | ୫ |
| ୩ । କ୍ଷୁଦ୍ର ଶିଳ୍ପର ବିକାଶ କଳ୍ପେ | ... | ୬ |
| ୪ । ଓଡ଼ିଶାର ପ୍ରତ୍ନତତ୍ତ୍ୱ | ... | ୧୧ |
| ୫ । ଆଜି ୨୬ ଜାନୁଆରୀ (କବିତା) | ... | ୧୩ |
| ୬ । ଓଡ଼ିଶାରେ ବସ୍ତ୍ରାସ୍ତ୍ରର ଶିଳ୍ପ | ... | ୧୫ |
| ୭ । ଓଡ଼ିଶାର ପର୍ଯ୍ୟଟନ | ... | ୧୭ |
| ୮ । ଖାଦ୍ୟ ସ୍ୱାସ୍ଥ୍ୟ ସମ୍ପର୍କରେ ପଦେ | ... | ୨୧ |
| ୯ । ଅଶ୍ରୁ ତର୍ପଣ (କବିତା) | ... | ୨୭ |
| ୧୦ । ଓଡ଼ିଶାରେ ଅନନ୍ନତ ଶ୍ରେଣୀଙ୍କ ବିକାଶ | ... | ୨୯ |
| ୧୧ । ଓଡ଼ିଶାରେ ମତ୍ସ୍ୟଶିଳ୍ପର ଅଗ୍ରଗତି | ... | ୩୫ |
| ୧୨ । ଓଡ଼ିଶାରେ ଗଭୀର ସମୁଦ୍ରରୁ ମାଛଧରା | ... | ୪୧ |
| ୧୩ । ବାପୁଜୀ ସ୍ମରଣେ | ... | ୪୭ |
| ୧୪ । ଜନ୍ମ ବାର୍ଷିକୀ | ... | ୫୧ |
| ୧୫ । ଅଷ୍ଟ୍ରିଆ ପର୍ଯ୍ୟଟକ ଦଳଙ୍କର ଓଡ଼ିଶାରେ ତିନି ଦିନ । | | ୫୩ |
| ୧୬ । ଆମ ରାଜ୍ୟ | ... | ୫୬ |

## ଏ ସଂଖ୍ୟାରେ ଲେଖିଛନ୍ତି :

**ଶ୍ରୀ ହରିହର ପଟେଲ,** ଓଡ଼ିଶାର ଶିଳ୍ପ, ବାଣିଜ୍ୟ ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ

**ଶ୍ରୀ ନୀଳମାଧବ ମହାନ୍ତି,** ଆଇ. ଏ. ଏସ୍., ରାଜ୍ୟ କୃଷି ସଂଗଠନର ନିର୍ଦ୍ଦେଶକ

**ଶ୍ରୀ ରମେଶ ଚନ୍ଦ୍ର ଧଳ,** ସାମ୍ବାଦିକ ।

**ଶ୍ରୀ ଏକାଦଶୀ ପ୍ରସାଦ ବୋଇତାଇ,** ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର କର୍ମାଧ୍ୟକ୍ଷ

**ଶ୍ରୀ ପ୍ରଶାନ୍ତ କୁମାର ରାୟ,** ଓଡ଼ିଶା ରାଜ୍ୟ ସଂଗ୍ରହାଳୟର କ୍ୟୁରେଟର୍

**ଶ୍ରୀ ଗୌର ଚନ୍ଦ୍ର ଦାଶଗୁପ୍ତ,** ହସ୍ତଶିଳ୍ପ ସଂପର୍କୀୟ ସହକାରୀ ସଂଗଠକ

**ଶ୍ରୀ ଶ୍ରୀବତ୍ସ ପ୍ରସାଦ ନାଥ,** କଟକ ଜନ୍ନ ଡେଭେନ୍ସବଣି ହାଇସ୍କୁଲର ଶିକ୍ଷକ

**ଶ୍ରୀ ନାରାୟଣ ଚୌଧୁରୀ,** କେନ୍ଦ୍ରୀୟ ଛାତ୍ରାବାସ, କଟକ

**ଶ୍ରୀ ପ୍ରଭାକର ତ୍ରିପାଠୀ,** ମତ୍ସ୍ୟ ବିଶେଷଜ୍ଞ

**ଡାକ୍ତର ଦେବଦତ୍ତ ମିଶ୍ର,** ଏମ୍. ବି. ବି. ଏସ୍., ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ୍, କଟକ

**ଶ୍ରୀ ଚନ୍ଦ୍ରଶେଖର ମହାପାତ୍ର,** ସାମ୍ବାଦିକ ।

ହରିହର ପଟେଲ

# ଯଦା ଯଦାହି ଧର୍ମସ୍ୟ

ସାଧାରଣତନ୍ତ୍ର ଦିବସର ତାତ୍ପର୍ଯ୍ୟ ହେଉଛି, ଆଜିର ପରି ଗୋଟିଏ ଦିନରେ ଆମେ ଦେଶର ଜନସାଧାରଣଙ୍କର ଉନ୍ନତି ଏବଂ ଆତ୍ମ-ବିକାଶର ସଂକଳ୍ପ ନେଇଥିଲୁ । ଉନ୍ନତି ଏବଂ ଆତ୍ମ-ବିକାଶ ସକାଶେ ସ୍ୱାଧୀନତା ସର୍ବାଦୌ ଆବଶ୍ୟକ । ତେଣୁ ଭାରତକୁ ପରାଧୀନତାରୁ ମୁକ୍ତ କରିବା ପ୍ରଥମ କର୍ତ୍ତବ୍ୟ ହୋଇପଡ଼ିଥିଲା । କର୍ତ୍ତବ୍ୟ ପ୍ରେରଣାରେ ଦେଶକୁ ସ୍ୱାଧୀନ କରିବା ପାଇଁ ସଂଗ୍ରାମର ସୂତ୍ରପାତ ହେଲା । ଭାରତୀୟ ସ୍ୱାଧୀନତା ସଂଗ୍ରାମର ବିଶେଷତ୍ୱ ହେଉଛି ଏକ ସାଙ୍ଗରେ ସ୍ୱାଧୀନତା ତଥା ଆତ୍ମବିକାଶ, ଉଭୟ ପାଇଁ ସାଧନା ସଂଗ୍ରାମର ଅନ୍ତର୍ଭୁକ୍ତ ଥିଲା । ସ୍ୱାମୀ ବିବେକାନନ୍ଦ, ଯୋଗୀ ଅରବିନ୍ଦ, କବିଗୁରୁ ରବୀନ୍ଦ୍ରନାଥ, ଲୋକ ବାଳଗଙ୍ଗାଧର, ଜବାହରଲାଲ ପ୍ରମୁଖଙ୍କ ଅଦମ୍ୟ ପ୍ରେରଣା ଏବଂ ମହାତ୍ମାଗାନ୍ଧୀଙ୍କର ଅପୂର୍ବ ଓ ବଳିଷ୍ଠ ନେତୃତ୍ୱ ଏପରି ଏକ ପନ୍ଥାର ନିର୍ଣ୍ଣୟ ତଥା ଅବଲମ୍ବନ ସମ୍ଭବ କରିପାରିଥିଲା । ମହାତ୍ମା-ଗାନ୍ଧୀଙ୍କ ନିର୍ଦ୍ଦେଶ ଏବଂ ରଚନାତ୍ମକ କାର୍ଯ୍ୟକ୍ରମ ଏକାଧାରରେ ସଂଗ୍ରାମ ସକାଶେ ଅସ୍ତ୍ର ତଥା ଆତ୍ମବିକାଶର ଯନ୍ତ୍ର ସ୍ୱରୂପ ଥିଲା । ତାଙ୍କ ବଳିଷ୍ଠ ନେତୃତ୍ୱରେ ଦେଶ ସ୍ୱାଧୀନ ହେଲା ଏବଂ ଠିକ୍ ଆଜିର ପରି ଏକ ଦିନରେ ଆମେ ସମାଜ ତଥା ବ୍ୟକ୍ତିର ଆତ୍ମବିକାଶର ଯନ୍ତ୍ର ସ୍ୱରୂପ ଭାରତୀୟ ସମ୍ବିଧାନ ଗ୍ରହଣ କଲୁ । ସ୍ୱାଧୀନତା ପ୍ରାପ୍ତିପରେ ଅନେକ ଏକୋଇଶ ବର୍ଷରୁ ଅଧିକ ଏବଂ ସମ୍ବିଧାନ ଗ୍ରହଣ ପରେ ଉଣେଇଶ ବର୍ଷ ଅତୀତ ହୋଇଗଲାଣି । ଇତିମଧ୍ୟରେ ଆମେ ପ୍ରତିବର୍ଷ ଏହି ଦିବସଟି ସଂକଳ୍ପର ସ୍ମାରକ ସ୍ୱରୂପ ପାଳନ କରି ଆସୁଛୁ । ଆଜିର ଦିନରେ ଅତୀତର କୃତିତ୍ୱ ସଂପର୍କରେ ଏକ ସମୀକ୍ଷା କର୍ତ୍ତବ୍ୟ ।

## ନେତୃତ୍ୱର ସମୀକ୍ଷା

ଆଲୋଚନା କଲାବେଳେ ଉଣାଅଧିକେ ନେତୃତ୍ୱର ସମୀକ୍ଷା କରିବା ଅପରିହାର୍ଯ୍ୟ ହୋଇପଡ଼େ । ଆମର ଦୁର୍ଭାଗ୍ୟକୁ ସ୍ୱାଧୀନତା ପ୍ରାପ୍ତିର ଅଳ୍ପ ସମୟ ମଧ୍ୟରେ ମହାତ୍ମା ଗାନ୍ଧୀ ଇହଧାମରୁ ଅନ୍ତର୍ହିତ ହୋଇଗଲେ । ଅହିଂସାର ପୂଜକଙ୍କୁ ହିଂସାର ଶିକାର ହେବାକୁ ପଡ଼ିଲା । କେବଳ ସେତିକି ନୁହେଁ, ଯେଉଁ ଭାରତକୁ ମହାତ୍ମାଗାନ୍ଧୀ ଅହିଂସା ସାଧନାର ଏକ କ୍ଷେତ୍ରରୂପେ ପ୍ରସ୍ତୁତ କରିଥିଲେ ସେହି ଭାରତରେ ହିଂସାର କେତେ

ଶାନ୍ତି ରହିଥିଲା । ଜବାହରଲାଲଙ୍କର ନେତୃତ୍ୱକୁ ବହୁ ଶୋଷଣ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା । ସମସ୍ତ ସମସ୍ୟା ଭିତରେ ଜବାହରଲାଲ ଦେଶକୁ ଆଗେଇ ନେବାର ଅଦମ୍ୟ ଚେଷ୍ଟା ଅପ୍ରତିହତ ଭାବରେ ପ୍ରୟାସ କଲେ । ୧୯୬୪ ମସିହା ପର୍ଯ୍ୟନ୍ତ କ୍ରମାଗତ ଭାବରେ ସେ ଦେଶକୁ ନେତୃତ୍ୱ ଦେଲେ । ତାଙ୍କ ନେତୃତ୍ୱର ବିଶେଷ ଆଲୋଚନା ଅନାବଶ୍ୟକ । କେବଳ ଏତିକି ପ୍ରତି ଦୃଷ୍ଟି ଦେଲେ ଯଥେଷ୍ଟ ହେବ ଯେ ସେ ତାଙ୍କ ଅଦମ୍ୟ ନେତୃତ୍ୱ କାଳ ମଧ୍ୟରେ ଭାରତକୁ ପୃଥିବୀ ସହିତ ସଂଯୁକ୍ତ କରିଦେଲେ । ସଭ୍ୟତା ଓ ସମୃଦ୍ଧିର ଅଭିବୃଦ୍ଧି ଦିଗରେ ସେ ଭାରତକୁ ମଧ୍ୟ ପ୍ରତିଯୋଗିତାରେ ଅନ୍ତର୍ଭୁକ୍ତ କରିପାରିଲେ । ତାଙ୍କ ଶାସନ କାଳର ମଧ୍ୟ ଯେଉଁ କେତୋଟି ବର୍ଷ ଅତୀତ ହେଲାଣି ସେହି ସମସ୍ତ ମଧ୍ୟରେ ତାଙ୍କ ଉତ୍ତରାଧିକାରୀମାନେ ମୂଳତଃ ତାଙ୍କର ନିର୍ଦ୍ଦେଶିତ ପନ୍ଥା ଅବଲମ୍ବନ କରି ଚାଲିଛନ୍ତି । ସ୍ୱାଧୀନତା ପରେ ଇତି ମଧ୍ୟରେ ବହୁ କଳ କାରଖାନା ଏବଂ ନଦୀବନ୍ଧ ସଂସ୍ଥାର ପ୍ରତିଷ୍ଠିତ ହୋଇଛି । ଭାରତ ଆଜି ପୃଥିବୀରେ ଅଜଣା ନୁହେଁ । ଏଥିରେ ଆନନ୍ଦିତ ହେବା ସ୍ୱାଭାବିକ ।

## ବ୍ୟାଧିର ସ୍ୱରୂପ

ତଥାପି ଦେଶର ଅଭ୍ୟନ୍ତରର ତଥ୍ୟ ଅଧ୍ୟୟନପୂର୍ବକ ଦୃଷ୍ଟିରେ ପରୀକ୍ଷା କଲେ କୌଣସି ଚିନ୍ତାଶୀଳ ବ୍ୟକ୍ତି ସନ୍ତୋଷ ପ୍ରକାଶ କରିପାରିବା ସମ୍ଭବ ନୁହେଁ । ଅଗ୍ରଗତି ପାଇଁ ଯେଉଁ ଶାନ୍ତି, ଶୃଙ୍ଖଳା ଏବଂ ସାଧନାର ଆବଶ୍ୟକ, ଦେଶରେ ଆଜି ତା' ସବୁର ଘୋର ଅଭାବ ପରିଲକ୍ଷିତ ହେଉଛି । ଏ ଦିଗରେ ସ୍ୱାଧୀନତା ସଂଗ୍ରାମ ସମୟରେ ଆମେ ଯେଉଁ ଅବସ୍ଥାକୁ ଛାଡ଼ି ଆସିଥିଲୁ ତାହାଠାରୁ ଅଧିକ ଅଧିକ ଆଗେଇ ଯାଇଛୁ—ଏ କଥା କେହି କହିଲେ ଭୁଲ ହେବ ନାହିଁ । ବରଂ ଆମେ ବିପରୀତ ଦିଗରେ ବହୁବାଟ ଚାଲିଆସିଛୁ । ଶାନ୍ତି, ଶୃଙ୍ଖଳା, ସାଧନା ପରିବର୍ତ୍ତେ ଆଜି ଦେଶରେ ଅଶାନ୍ତି, ଉଚ୍ଛୃଙ୍ଖଳତା, ଅଭାବ, ହିଂସା, ଦ୍ୱେଷଭାବର ପ୍ରାଦୁର୍ଭାବ ଅତି ମାତ୍ରାରେ ବଢ଼ି ଚାଲିଛି । ସ୍ୱର୍ଗତ ଜବାହରଲାଲ ନିଜେ ମଧ୍ୟ ଜୀବନର ଶେଷ ଭାଗରେ ଏ ବ୍ୟାଧିର ପରିଚୟ ପାଇ ସାରିଥିଲେ । ତାଙ୍କର ବିଳକ୍ଷଣ ବ୍ୟକ୍ତିତ୍ୱ ଥିଲା ଏବଂ ଏହାର ସଂଶୋଧନ ସକାଶେ ଜୀବିତ ଥିଲେ ସେ ଉଦ୍ୟୋଗ କରିଥାନ୍ତେ କେଜାଣି । ଆଜିର ନେତୃତ୍ୱ କିନ୍ତୁ ଏ ପରିସ୍ଥିତିରେ ସଂଶୟାଚ୍ଛାଦିତ ମନୋଭାବର ପରିଚୟ ଦେଉଛନ୍ତି । ହୁଏତ ସ୍ୱାଭାବିକ ଗତିରେ ଏହାର ସମାଧାନ ଘଟିବ ଏବଂ ନହେଲେ ବି, ତାହାହିଁ ଘଟିବା ବାଞ୍ଛନୀୟ । କାରଣ ଏ ବ୍ୟାଧି ଆଜି କେବଳ ଭାରତରେ ନୁହେଁ, ପୃଥିବୀସାରା ବ୍ୟାପିଯାଇଛି । ହୁଏତ ଏ ବ୍ୟାଧିର କାରଣ ଭିନ୍ନ ଭିନ୍ନ ଦେଶରେ ଭିନ୍ନ ହୋଇପାରେ, ଏବଂ ପ୍ରତିକାରର ପନ୍ଥା ମଧ୍ୟ ସେହିପରି ଭିନ୍ନ ପ୍ରକାରର ହେବା ସମ୍ଭବ; କିନ୍ତୁ ଏହାର ସମାଧାନ ସ୍ୱାଭାବିକ ଗତିରେ ହେଲେ ହୁଏତ ପ୍ରତିକାରର ସ୍ଥାୟିତ୍ୱ କିଛି ଅଧିକ ହେବ ।

ବହୁ ସମୃଦ୍ଧ ଦେଶରେ ଏ ବ୍ୟାଧିର ବିଶ୍ଳେଷଣ କରି ଚିନ୍ତାଶୀଳ ବ୍ୟକ୍ତିମାନେ ମତ ପ୍ରକାଶ କରୁଛନ୍ତି ଯେ ଯାନ୍ତ୍ରିକ ସଭ୍ୟତାର ଏହା ସ୍ୱାଭାବିକ ପରିଣତି । ମଣିଷ ଧନ ଉତ୍ପାଦନ ତଥା ସୁଖ ସ୍ୱାଚ୍ଛନ୍ଦ୍ୟର ବୃଦ୍ଧି ନିମନ୍ତେ ଯନ୍ତ୍ରର ବ୍ୟବହାର ଆରମ୍ଭ କରିଥିଲା ଏବଂ ଯନ୍ତ୍ର ସାହାଯ୍ୟରେ ଦ୍ରୁତ ଗତିରେ ଅଭିବୃଦ୍ଧି କରି ଚାଲିଲା । ମଣିଷ ସେ ଅଭିବୃଦ୍ଧିରେ କ୍ରମଶଃ ଅଭିଭୂତ ହେବାକୁ ଲାଗିଲା । ପରିଶେଷରେ ଯାନ୍ତ୍ରିକ ସଭ୍ୟତା ଆଜି ଏପରି ଅବସ୍ଥାକୁ ଆସିଗଲାଣି ଯେ ପ୍ରାଣବନ୍ତ ମନୁଷ୍ୟର ସମସ୍ତ କର୍ମ-ଚେତନା ଆଜି ଯନ୍ତ୍ର ଲୁଟି ନେଇଛି । ମଣିଷ ଯନ୍ତ୍ରର ଦାସ । ଯନ୍ତ୍ର ଆଉ ମଣିଷର ନିୟନ୍ତ୍ରଣ ମଧ୍ୟ ଆବଶ୍ୟକ କରୁନାହିଁ । ବରଂ ବାଧ୍ୟ ହୋଇ ବେକାର ଅବସ୍ଥା ଅନୁଭବ କରୁଛି । ତେଣୁ

ପ୍ରାଣରେ ଆଜି ବିଦ୍ରୋହ, ତାର ବହିଃ ପ୍ରକାଶ ହେଉଛି ହିଂସା, ଉଚ୍ଛୃଙ୍ଖଳତା, ଲୁଟ୍ ତରାଜ, ଗଣ୍ଡଗୋଳ ଆଦି ବ୍ୟାଧି ।

## ଆଧ୍ୟାତ୍ମିକତାର ବିକାଶ : ଏକମାତ୍ର ପନ୍ଥା

ପ୍ରାଣର ଉତ୍କର୍ଷ ପ୍ରକାଶ ସ୍ୱରୂପ ଯନ୍ତ୍ର ମନୁଷ୍ୟ ପ୍ରାଣୀଠାରୁ ଆଗେଇ ଯାଉଛି, ମଣିଷ ପ୍ରାଣୀକୁ ଗିଳି ପକାଉଛି—ତାର ସେ ଅଦମ୍ୟ ପ୍ରାଣ ଶକ୍ତିକୁ ଆଉ କ୍ଷୁଣ୍ଣ କରିବାର କିମ୍ବା କରିପାରିବାର ଅବସ୍ଥା ନାହିଁ । ଏହାର ପ୍ରତିକାର ଅନ୍ୟ ଦିଗରେ ଲୋଡ଼ିବାକୁ ହେବ ।

ପ୍ରାଣର ଅନ୍ତରାଳରେ ରହିଛି ଆତ୍ମା । ଆତ୍ମା କେବଳ ପ୍ରାଣ ଶକ୍ତିକୁ ନିୟନ୍ତ୍ରିତ କରିପାରେ । ତେଣୁ ଯାନ୍ତ୍ରିକ ସଭ୍ୟତାକୁ ନିୟନ୍ତ୍ରଣ କରିବାର ଏକମାତ୍ର ପନ୍ଥା ହେଉଛି ଆଧ୍ୟାତ୍ମିକତାର ବିକାଶ । ରବିର କିରଣିକା ଯେପରି ସୂର୍ଯ୍ୟାଲୋକରେ ଅନ୍ତର୍ହିତ ହୋଇ ଜାଜ୍ୱଲ୍ୟମାନ ଦିବାଲୋକରେ ପରିଣତ ହୁଏ, ପ୍ରାଣ ପ୍ରାଚୁର୍ଯ୍ୟର କିରଣିକାକୁ ସେହିପରି ଆଧ୍ୟାତ୍ମିକତାର ଆଲୋକରେ ଉଦ୍ଭାସିତ କରିବାକୁ ପଡ଼ିବ । ବ୍ୟାଧିଗ୍ରସ୍ତ ପାଶ୍ଚାତ୍ୟ ସଭ୍ୟତା ଅବଶ୍ୟ ଦିନେ ନା ଦିନେ ଏହା ଉପଲବ୍ଧି କରିବ—ଏବଂ ସେଦିନ ବେଶି ଦୂର ନୁହେଁ ।

## ଯାନ୍ତ୍ରିକ ସଭ୍ୟତାର ପ୍ରଲୋଭନ

ବର୍ତ୍ତମାନ ପ୍ରଶ୍ନ ହେଉଛି ଭାରତ ତ ଏପର୍ଯ୍ୟନ୍ତ ଯାନ୍ତ୍ରିକ ସଭ୍ୟତାର ସେ ସ୍ତରକୁ ଯାଇନାହିଁ, କିମ୍ବା ଯାନ୍ତ୍ରିକ ସଭ୍ୟତାରେ ବୁଡ଼ି ଯାଇନାହିଁ । ତେବେ ଏତେ ଶୀଘ୍ର ଏ ଦେଶରେ ବ୍ୟାଧି ପ୍ରକାଶ ପାଉଛି କିପରି ? ଏହା ଘଟିବାର କାରଣ ହେଉଛି ଭାରତୀୟ ସଂସ୍କୃତିରେ ଆଧ୍ୟାତ୍ମିକତାର ପ୍ରଚୁରତା । ଭାରତର ସଂସ୍କୃତି ଭିନ୍ନ ପ୍ରକାରର । ଏ ଦେଶ ଦିନେ ଆଧ୍ୟାତ୍ମିକତାର ବହୁ ଉଚ୍ଚ ସ୍ତରରେ ଥିଲା । ଇତିହାସର ଉତ୍ଥାନ ପତନ ଭିତରେ ସେ ଆଧ୍ୟାତ୍ମିକତା ବସ୍ତୁ ଅଭ୍ୟନ୍ତରରେ ଜଟିଳଭାବରେ ଆବଦ୍ଧ ରହିଯାଇଛି । ଭାରତର ଆତ୍ମା ତଥା ପ୍ରାଣ ବହୁଭାବରେ ଘାତ ପ୍ରତିଘାତର ସମ୍ମୁଖୀନ ହୋଇଛି । ସେହି ଆତ୍ମାର ପ୍ରକାଶ ପାଇଁ ସାଧନାର ଆହ୍ୱାନ ପରେ ପରେ ଦେଶ ଆଜି ଘଟଣାଚକ୍ରରେ ଯାନ୍ତ୍ରିକ ସଭ୍ୟତାର ପ୍ରଲୋଭନର ଦ୍ୱାର ଦେଶରେ । ଭାରତ ଆଜି ପୃଥିବୀ ସହିତ ଘନିଷ୍ଠ ଭାବରେ ସଂଯୁକ୍ତ । ପ୍ରାଣ ପ୍ରାଚୁର୍ଯ୍ୟର ଆକାଂକ୍ଷା ଏଡ଼ିବା ଅସମ୍ଭବ । ଭାରତୀୟ ସଂସ୍କୃତିରେ ମଧ୍ୟ ଏହାକୁ ଉପେକ୍ଷା କରିବାର ନିର୍ଦ୍ଦେଶ ନାହିଁ । ସୁଦୂର ଅତୀତରେ ଏ ଦେଶ ଆଧ୍ୟାତ୍ମିକତାର ଉଚ୍ଚ ସ୍ତରରେ ଥିବାବେଳେ ପ୍ରାଣ ପ୍ରାଚୁର୍ଯ୍ୟର ମଧ୍ୟ ଇତିହାସରେ ଉଲ୍ଲେଖ ରହିଛି । ପ୍ରାଣ ପ୍ରାଚୁର୍ଯ୍ୟକୁ ଆଧ୍ୟାତ୍ମିକତା ତଥା ତଥା ନୈତିକତାର ନିୟନ୍ତ୍ରଣାଧୀନ କରିବା ଏ ଦେଶର ସଂସ୍କୃତିର ଇତିହାସ । ବସ୍ତୁତଃ ଏ ଦେଶର ଆଧ୍ୟାତ୍ମିକ ଶକ୍ତି ଇତିହାସର ନାନା କାରଣରୁ ପ୍ରାଣ ପ୍ରାଚୁର୍ଯ୍ୟର ଅଭିବ୍ୟଞ୍ଜନାର ଅନ୍ଧକାର ମଧ୍ୟରେ କେଉଁଠି ହଜିଗଲା ପରି ହଜିବା ଅବସ୍ଥାରେହିଁ ରହିଯାଇଛି ।

## ଉପଲବ୍ଧି ଓ ସାଧନା ଆବଶ୍ୟକ

ଆଜି ତେଣୁ ଯାନ୍ତ୍ରିକ ସଭ୍ୟତାର ପ୍ରଲୋଭନର ଦ୍ୱାରଦେଶରେ ଥିବା ବେଳେ ଦେଶର ହୃଦୟକୁ ପ୍ରାଣ ପ୍ରାଚୁର୍ଯ୍ୟର ଆକାଂକ୍ଷା ଯେପରି ଉଦ୍‌ବେଳିତ କରୁଛି, ସଂସ୍କୃତିର ଆଧ୍ୟାତ୍ମିକ ଉପାଦାନ ମଧ୍ୟ ସେହିପରି କଶାଘାତ କରୁଛି । ଉଭୟର ଘାତପ୍ରତିଘାତରେ ସୃଷ୍ଟି ହେଉଛି କମ୍ପନ, ପ୍ରକମ୍ପନ ଓ ଆଲୋଡ଼ନ । ଏହାର ବାହ୍ୟ-ପ୍ରକାଶ ହିଂସା, ବିଭ୍ରାଟ, ବ୍ୟତିକ୍ରମ, ଅଶାନ୍ତି ତଥା ଶମ, ଦମ ଓ ଯମ । ଏହାର ଭିତରୁ ପ୍ରକାଶ ପାଇବା କଥା ପ୍ରଭାତର ସୂର୍ଯ୍ୟାଲୋକ ପରି ଶାନ୍ତି, ସଂଯମ, ନୈତିକତା ଓ ଆଧ୍ୟାତ୍ମିକତାର ଆଭାସ । ତା'ପରେ ଆମେ ଆଶା କରିପାରିବା ଭାରତୀୟ

ଅବଶିଷ୍ଟାଂଶ ୭ ପୃଷ୍ଠା ଦେଖନ୍ତୁ

# ଏ ଜଣେ ସମ୍ପତ୍ତିଶାଳୀ ବ୍ୟକ୍ତି

## ତାଙ୍କର କେହି ହାକିମ ନାହାନ୍ତି, ଗ୍ରାଚ୍ୟୁଇଟି ନାହିଁ, ପେନ୍‌ଶନ ନାହିଁ—ତାଙ୍କର ନିଜେ ତିଆରି କରୁଥିବା କେବଳ ଟ. ୫୦,୦୦୦/-ର ସମ୍ପତ୍ତି ଅଛି !



୩୨ ବର୍ଷର ସଂଜୀବ ଲାଲଙ୍କ ଠାରୁ ଆମ୍ଭେମାନେ ଏହା ଶୁଣିଲୁ, ନଗଣ ବିଲ୍ଡିଂ କଣ୍ଟ୍ରାକ୍ଟର ହିସାବରେ ଶେଷ ବ୍ୟବସାୟ ଚଳାନ୍ତି, ଅବସର ନେବା ପାଇଁ ଟ. ୫୦,୦୦୦/- ରେ ଏକ ନିରାପଦ ସମ୍ପତ୍ତି କରିଛନ୍ତି । ସେ କହନ୍ତି :

"ମୁଁ ମୋ କାର୍ଯ୍ୟରେ ଏତେ ବ୍ୟସ୍ତ ରହେ ଯେ ପ୍ରାୟ ଚିନ୍ତା କରେ ନା ଯେ କେବେ ଏ କାର୍ଯ୍ୟ ଛାଡ଼ିବାକୁ ପଡ଼ିବ । ଆମ୍ଭମାନଙ୍କ ଭଳି ବ୍ୟବସାୟୀ ଲୋକଙ୍କର ଅବସର କାଳୀନ କୌଣସି ଲାଭ ନାହିଁ, ଗ୍ରାଚ୍ୟୁଇଟି ନାହିଁ, ପେନ୍‌ଶନ୍ ନାହିଁ, ଅଛି କେବଳ ମାତ୍ର ନିଜ ରୋଜଗାରରୁ କିଛି ଟଙ୍କା ବଞ୍ଚାଇବା । ଏହାଛଡ଼ା କିଛି ମୋର ସଞ୍ଚୟ ନାହିଁ । ତେଣୁ ମୁଁ ଧନ 'ଗଚ୍ଛିତ' କଲି ମୋ ପାଇଁ ଟ. ୫୦,୦୦୦/- ମୂଲ୍ୟର ଜୀବନ ବୀମା କରି—ଯେତେବେଳେ ମୁଁ ଅବସର ନେବା ପାଇଁ ମନସ୍ଥ କରିବି ସେତେବେଳେ ଏହା ଏତେ ବର୍ଷର ରୋଜଗାରର ପଣ୍ଠା ହେବ—ଅତି ସହଜରେ ମଧ୍ୟ ଲାଭ କରି ହୁଏ । ଆପଣଙ୍କର ବୈଷୟିକ ଯୋଗ୍ୟତା [illegible] ଓ ମୋଟା [illegible] ମିଳେ । ଆଜି [illegible] ମୁକ୍ତ ପାଇବା ପାଇଁ ଏହା ହିଁ ଗୋଟିଏ ଉପାୟ ବୋଲି ମୁଁ ଭାବେ ।"

> **ଜୀବନ ବୀମା ହେଉଛି ସମ୍ପତ୍ତି—ସୁନିଶ୍ଚିତ ସମ୍ପତ୍ତି !** ଏହା ହେଉଛି ଏକମାତ୍ର ସମ୍ପତ୍ତି ଯାହାକି ପୂରାପୂରି ଆପଣଙ୍କର ଯେଉଁ ମୁହୂର୍ତ୍ତରେ ଆପଣ ପ୍ରଥମ ପ୍ରିମିୟମ ଜମା ଦିଅନ୍ତି । କେବଳ ଜୀବନ ବୀମାହିଁ ଆପଣଙ୍କୁ ସାହାଯ୍ୟ କରେ ଏତେ ସହଜରେ ନିରାପଦ ଏକ ସମ୍ପତ୍ତିର ଅଧିକାରୀ ହେବା ପାଇଁ ।

## ଜୀବନ ବୀମା କରି ନିଜକୁ ସମ୍ପତ୍ତିଶାଳୀ ଅନୁଭବ କରନ୍ତୁ

DH LIC-77-203-OR

ଏକାଦଶୀ ପ୍ରସାଦ ବୋଇଭାଇ

# ଜ ନ ନୀ

ଅଂଧାରର ଯେଉଁଠାରୁ ମୁଁ ଆଜି ପାଇଛି ମୁକ୍ତି
ମୁଦ୍ରିତ ମୋ ଚକ୍ଷୁଦ୍ୱୟ ହୋଇଛି ଉନ୍ମୁକ୍ତ
ଦେହରେ ମୋ ରକ୍ତ ଛୁଟା କରୁ
ମୋ ଅସଂଖ୍ୟ ବୀର ପୁତ୍ରଙ୍କର ।
ମୁଁ ନୁହେଁ ପିଶାଚିନୀ ଅଥବା ଡାକିନୀ
କେହି ମୋତେ ଦେଖିନାହାନ୍ତି ଭୈରବୀ ରୂପରେ
ତଥାପି ମୁଁ ସ୍ୱରବୁଲେ ହିମାଳୟୁ କୁମାରୀ ଜାପାଏ
ପୁତ୍ରହୀନା ଗାଂଧାରୀ ବେଶରେ ।
ମୋ ବକ୍ଷୁ ରୁଧିର ଦେଇ ପୁଷ୍ଟ କଲି ଯେତେ ବୀର ସୁତେ
ସେ ସମସ୍ତେ ହଜିଗଲେ ମହାକାଳ ସ୍ରୋତେ
ରିକ୍ତ କରି କାଂଗାଳୁଣୀ ମା'କୁ ତାଂକର ।
ମୋତେ କରୁ ଛାଡି ଦେଇ ଗଲେ
ଶୁଣିବାକୁ ଆଜୀବନେ ଅନୁଶୋଚନାର
ସମୟର ସୁଅ ମୁହେଁ ମୁହିଁ ଏକ ଭାସମାନ ଶୁଖିଲା ପତର ।
ସମସ୍ୟ ସେ ବର୍ତ୍ତୁଳର ବଡ ଅବଶ୍ୟ ସୀ
ସେ କାହୁଁ ଜାଣିବ ଅବା ଜନନୀର ହୃଦୟ ଯାତନା
ବାଂଧା କଣ ବୁଝେ କେବେ ପ୍ରସବ ବେଦନା ?
ତେଣୁ ମୁଁ କହୁଛି ଆଜି ହେ ସମସ୍ୟ ! ତୁମେ ସ୍ଥିର ହୁଅ
ନିର୍ବାପିତ ହେଉ ତୁମ ପ୍ରଲୟଦାନ ଶକ୍ତି
ବୁକୁଥରେ ଜନନୀର ବିକଳ ମିନତି ।

ଉତ୍କଳ ପ୍ରସଙ୍ଗ, ଜାନୁଆରୀ—୧୯୬୯

ଶୁଣ ସର୍ବେ ଭାରତୀୟ ମୋ ବଂଶର ସୁଯୋଗ୍ୟ ଦାୟାଦ
ତୁମେ ଯଦି ସ୍ୱର୍ଗ ତୁମ ମା'ର ସ୍ୱାଚ୍ଛନ୍ଦ୍ୟ
ସ୍ୱର୍ଗ ଯଦି ରଖିବାକୁ ଜାତିର ଚେତନା
ଇଚ୍ଛା ଯଦି ଲଂଘିବାକୁ ସମସ୍ୟାର କଣ୍ଟକ ଲହରୀ
"ଯାଉ ପ୍ରାଣ ରହୁ ମାନ" ହେଉ ତୁମ ପ୍ରଥମ ପ୍ରସ୍ଥାନ
ଜନନୀର ଆଜି ଶୁଭ ଆଶୀର୍ବାଦ ଘେନ ।

---

୩ ପୃଷ୍ଠାର ଅବଶିଷ୍ଟାଂଶ

ସଂସ୍କୃତିର ଉଦ୍‌ଭାସ । ସେ ସଂସ୍କୃତି ହେବ ପ୍ରାଣ-ପ୍ରବୃତ୍ତି ଆଧାର । କେବେ ସେ ଦିନ ଆସିବ, ତାହା ନିର୍ଭର କରେ ଆମର ଗଭୀର ଉପଲବ୍ଧି ଏବଂ ସାଧନା ଉପରେ । ତେଣୁ ଦେଶ ଆଜି ଯଦି ଦୁର୍ଯୋଗ, ଦୁର୍ଗତିର ସମ୍ମୁଖୀନ—ସୁଯୋଗର ଦ୍ୱାର ଦେଶ ମଧ୍ୟ ରହିଛି ଉନ୍ମୁକ୍ତ । ନିଜକୁ ବ୍ୟାଧିଶୂନ୍ୟ କରିବା ସଙ୍ଗେ ସଙ୍ଗେ ପୃଥିବୀକୁ ମଧ୍ୟ ଭାରତ ବ୍ୟାଧି ମୁକ୍ତ ହେବାର ସନ୍ଧାନ-ସୂଚନା ଦେଇପାରେ । ବସ୍ତୁତଃ ଆମ ସ୍ୱାଧୀନତା ସଂଗ୍ରାମର ପଛରେ ଥିଲା ଏହି ଉଦ୍ଦେଶ୍ୟ, ପ୍ରେରଣା ଏବଂ ଆକାଂକ୍ଷା । ସ୍ୱାଧୀନତା ସଂଗ୍ରାମର ଇତିହାସ ଏବଂ ନେତୃତ୍ୱର ଅନୁଧ୍ୟାନ କଲେ ଏ କଥା ସ୍ପଷ୍ଟ ପ୍ରତୀତ ହେବ । ଏହି କାରଣ ହେତୁ ଆଜି ଦେଶରେ ପୁଣି ଥରେ ସ୍ୱାଧୀନତା ସଂଗ୍ରାମର ସାଧନା ତଥା ନେତୃତ୍ୱର ବିଶ୍ଳେଷଣ ମଧ୍ୟ ଆରମ୍ଭ ହୋଇଯାଇଛି । ତେଣୁ ବିଷାଦଗ୍ରସ୍ତ ହେବାର କୌଣସି କାରଣ ନାହିଁ ।

## ସଂକଳ୍ପ-କର୍ତ୍ତବ୍ୟ-କର୍ମ

ଏ ପରିସ୍ଥିତିରେ କର୍ତ୍ତବ୍ୟ ହେଉଛି—କର୍ମ । ଭାରତର ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତି ନିଜ ସାଧନରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ କର୍ମ-ପ୍ରବୃତ୍ତି ମଧ୍ୟ ହେବା ଆବଶ୍ୟକ । ଦୁର୍ଗତି, ଦୁର୍ଦ୍ଦଶା, ଦୁର୍ଯୋଗ, ଦୁଃସ୍ୱଭାବ ଅନ୍ଧକାର ସଦୃଶ । ଚିନ୍ତା ଏବଂ କର୍ତ୍ତବ୍ୟ ବୋଧ ଆଲୋକ ସ୍ୱରୂପ । କର୍ମ ଆଲୋକକୁ ଅଧିକରୁ ଅଧିକ ପ୍ରଜ୍ଜ୍ୱଳିତ କରେ । ଅନ୍ଧକାରକୁ ଦୂରୀଭୂତ କରିବା ଆଲୋକର ଧର୍ମ । ଆଲୋକରେ ଅପସାରିତ ହୋଇଯିବା ଅନ୍ଧକାରର ପ୍ରକୃତି । ଆଲୋକକୁ ନିର୍ବାପିତ କରିବାର ଶକ୍ତି ଅନ୍ଧକାରର ନାହିଁ । ତେଣୁ ବିଷାଦର କୌଣସି କାରଣ ନାହିଁ । ଯେଉଁ କୋଣରେ ସୂକ୍ଷ୍ମ ଆଲୋକର କ୍ଷୀଣ ରେଖାର ସନ୍ଧାନ ମିଳିଲେ କ୍ରମଶଃ ଅନ୍ଧକାର ବିଦୂରିତ ହୋଇଯିବ—ଏଥିରେ ସନ୍ଦେହର ଅବକାଶ ନାହିଁ । ତେଣୁ ଆଜିର ଦିନରେ ଆମର ଦୃଢ଼ ସଂକଳ୍ପ ହେବା ଉଚିତ, ହୃଦୟରେ କୌଣସି ଦୁର୍ବଳତାକୁ ପ୍ରଶ୍ରୟ ନ ଦେଇ କର୍ତ୍ତବ୍ୟର ଅବଲମ୍ବନରେ କର୍ମ-ପ୍ରବୃତ୍ତ ହେବା । ଦୁର୍ବଳତାକୁ ଦୂରରେ ରଖିବାର ଉପାୟ ହେଉଛି ଭଗବଦ୍ ଚିନ୍ତା, ଭଗବଦ୍ ଧ୍ୟାନ ।

ନୀଳମାଧବ ମହାନ୍ତି

# କ୍ଷୁଦ୍ର ଶିଳ୍ପର ବିକାଶ କଲେ





ରାଜ୍ୟ ତଥା ଦେଶର ଅଗ୍ରଗତିରେ କ୍ଷୁଦ୍ର ଶିଳ୍ପର ଭୂମିକା ଏକ ଅନସ୍ୱୀକାର୍ଯ୍ୟ ବିଷୟ । କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡ଼ିକ ଅପେକ୍ଷାକୃତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଚାହିଦା ମେଣ୍ଟାଇବା ସଂଗେ ସଂଗେ, ବେକାର ସମସ୍ୟା ସମାଧାନରେ ବିଶେଷ ସହାୟ କରିପାରନ୍ତି । ଲବ୍ଧ ପ୍ରତିଷ୍ଠିତ ବୃହତ ଶିଳ୍ପାନୁଷ୍ଠାନ ପ୍ରସ୍ତୁତ ସାମଗ୍ରୀ ତୁଳନାରେ, କ୍ଷୁଦ୍ର ଶିଳ୍ପାନୁଷ୍ଠାନଗୁଡ଼ିକ ଯେ ରୁଚି ସମ୍ପନ୍ନ, ମନୋହର, ସୁଷ୍ଠୁ ନିର୍ଭର ଯୋଗ୍ୟ ଦ୍ରବ୍ୟ ପ୍ରସ୍ତୁତ କରନ୍ତି, ଏହା ପ୍ରତ୍ୟେକେ ଜାଣି ଅଧିକେ ଉପଲବ୍ଧି କରନ୍ତି । ଅନ୍ୟ ଦିଗରୁ ବିଚାର କଲେ ଜଣାଯାଏ, କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡ଼ିକ ମାଧ୍ୟମରେ ହିଁ ଶିଳ୍ପ କଳାର ବିକାଶ ଘଟିଥାଏ । ବିଶେଷତଃ ପ୍ରାଚୀନ ଉତ୍କଳର ଏହା ଏକ ପାରମ୍ପରିକ ଗୁଣ; କଳାର ଉତ୍କର୍ଷତାରେ ହିଁ ଉତ୍କଳର ନାମ ଐତିହାସିକ ପୃଷ୍ଠଭୂମିରେ ଅଙ୍କିତ ।

ଓଡ଼ିଶାପରି ଅନୁନ୍ନତ ରାଜ୍ୟରେ ଦ୍ରୁତ ଆର୍ଥିକ ଅଗ୍ରଗତିରେ ସାହାଯ୍ୟ କରୁଥିବା କ୍ଷୁଦ୍ର ଶିଳ୍ପଗୁଡ଼ିକର ସ୍ଥିତି, ବିକାଶ ଓ ପ୍ରସାରର ଆବଶ୍ୟକତା ସମ୍ବନ୍ଧରେ ଅତ୍ୟଧିକ ସୂଚନା ଦେବା ବାହୁଲ୍ୟମାତ୍ର । ବିଗତ ୨୦ ବର୍ଷ ହେବ, ଏହି ସଂସ୍ଥାଗୁଡ଼ିକ ଆଶାନୁରୂପ ସାହାଯ୍ୟ ନ ପାଇ ଅବହେଳିତ ହୋଇ ଆସୁଅଛନ୍ତି । କ୍ଷୁଦ୍ର ଶିଳ୍ପାନୁଷ୍ଠାନ ଗଠନରେ କ୍ରମଶଃ ଶିଥିଳତା ପରିଲକ୍ଷିତ ହେଉଅଛି । ଆର୍ଥିକ ଅନାଟନ, ଦୁର୍ବଳ, ବ୍ୟବସାୟିକ ମନୋଭାବ, ସଂଗଠିତ ପ୍ରଚେଷ୍ଟାର ଅଭାବ ଏବଂ ପ୍ରସ୍ତୁତ ସାମଗ୍ରୀର କାଟତି ଜନିତ ଅସୁବିଧା ଏହାର ପ୍ରଗତିରେ ଘୋର ପ୍ରତିବନ୍ଧକ ସୃଷ୍ଟି କରୁଛି । ଫଳରେ ଅଭିଳାଷ ଥିଲେ ମଧ୍ୟ ଏ ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ନୂତନ ଶିଳ୍ପ ପ୍ରତିଷ୍ଠା କରିବାର ପ୍ରୟାସ ଆଜି ଯଥେଷ୍ଟ ପରିମାଣରେ ପରିଲକ୍ଷିତ ହୁଏ ନାହିଁ ।

ସେତେଗୁଡ଼ିଏ ପ୍ରତିବନ୍ଧକ ଦେଖାଯାଇଅଛି, ତନ୍ମଧ୍ୟରୁ ବର୍ତ୍ତମାନ ଉତ୍ପାଦିତ ଜିନିଷଗୁଡ଼ିକର କାଟତି ଅଭାବରେ ବଜାରର ସୃଷ୍ଟି ବର୍ତ୍ତମାନ ଏକ ପ୍ରଧାନ ସମସ୍ୟା । ସ୍ୱଳ୍ପ ମୂଳଧନରେ ପରିଚାଳିତ ସଂସ୍ଥାଗୁଡ଼ିକ ଲବ୍ଧ ପ୍ରତିଷ୍ଠିତ ବୃହତ ଶିଳ୍ପଗୁଡ଼ିକ ସହିତ ପ୍ରତିଯୋଗିତା କରିବାକୁ ଶକ୍ତି ସଞ୍ଚୟ କରି ପାରୁ ନାହାନ୍ତି । ସାଧାରଣତଃ ପ୍ରତିଯୋଗିତା କରିବାକୁ ହେଲେ ଦୁଇଟି ବିଷୟରେ ଯତ୍ନ କରିବାକୁ ହୁଏ । ପ୍ରଥମତଃ, ଉତ୍କୃଷ୍ଟ ଧରଣର ଜିନିଷ ପ୍ରସ୍ତୁତ କରିବା

ସଙ୍ଗେ ସଙ୍ଗେ ମୂଲ୍ୟର ହ୍ରାସ କରିବା ଉଦ୍ଦେଶ୍ୟ । ବିଶେଷତଃ ସୁ-ସଂଗଠିତ ଅଧୁନାତନ ବଜାର-ସଂସ୍ଥା (Scientific Marketing Cell) ଉକ୍ତ ସାମଗ୍ରୀର ଚାହିଦା ଅଟକଳ କରିବା ସଙ୍ଗେ ସଙ୍ଗେ ଆଶୁ ଗୁଜରଣ ମେଣ୍ଟାଇବା ନିମିତ୍ତ, ଏକ ପରିକଳ୍ପିତ ଉତ୍ପାଦନ ଯୋଜନା (Planned Production) ପ୍ରସ୍ତୁତ କରିବା ବାଞ୍ଛନୀୟ । ଉପରୋକ୍ତ ଦୁଇଟି ଦିଗ ପ୍ରତି ସତର୍କ ନ ହେଲେ କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡ଼ିକର ଭବିଷ୍ୟତର ଉନ୍ନତିର ଆଶା ଖୁବ୍ କମ୍ ତେଣୁ ରାଜ୍ୟ ସରକାର ଏହି ସମସ୍ୟାଗୁଡ଼ିକର ନିରାକରଣ ନିମନ୍ତେ ଓ ଲବ୍ଧ ପ୍ରତିଷ୍ଠିତ ବୃହତ୍ ଶିଳ୍ପାନୁଷ୍ଠାନ କବଳରୁ ଏମାନଙ୍କୁ ବଞ୍ଚାଇବା ଅଭିପ୍ରାୟରେ କେତେଗୁଡ଼ିଏ ବିଧିବଦ୍ଧ କର୍ମପନ୍ଥା ଅନୁସରଣ କରି ଆସୁଛନ୍ତି । କ୍ଷୁଦ୍ର ଶିଳ୍ପାନୁଷ୍ଠାନଗୁଡ଼ିକ ଉତ୍କୃଷ୍ଟ ଧରଣର ଜିନିଷ ପ୍ରସ୍ତୁତ କରିବାରେ ସମର୍ଥ ହେବା ସଙ୍ଗେ ସଙ୍ଗେ ଉତ୍ପାଦିତ ଦ୍ରବ୍ୟର ଦର ଯଥା ସମ୍ଭବ ମୂଲ୍ୟ ଅବକ୍ରୁତ ହେବ, ଏହା ସରକାରଙ୍କ ନିର୍ଦ୍ଧାରିତ କର୍ମପନ୍ଥାର ମୂଳ ଲକ୍ଷ୍ୟ, ଯାହାକି ପ୍ରତିଯୋଗିତା କ୍ଷେତ୍ରରେ କ୍ଷୁଦ୍ର ଶିଳ୍ପାନୁଷ୍ଠାନଗୁଡ଼ିକୁ ଶକ୍ତିଶାଳୀ କରି ଗଢ଼ିବାରେ ସମର୍ଥ କରି ପାରିବ ।

ଉପରୋକ୍ତ ଲକ୍ଷ୍ୟକୁ ଆଖି ଆଗରେ ରଖି ୧୯୭୩ ମସିହାରେ ସରକାର "ରାଜ୍ୟ କ୍ରୟ ସଂସ୍ଥା" ସୃଷ୍ଟି କରିଛନ୍ତି । 'ରାଜ୍ୟ କ୍ରୟ ସଂସ୍ଥା', କ୍ଷୁଦ୍ର ଶିଳ୍ପାନୁଷ୍ଠାନମାନଙ୍କର ସମସ୍ତ ବିଷୟ ବିକାଶ ଓ ପ୍ରସାର ନିମନ୍ତେ ପୃଷ୍ଠପୋଷକତା କରି ଆସୁଅଛି । ଉକ୍ତ ସରକାରୀ ସଂସ୍ଥା ପ୍ରଥମ ପର୍ଯ୍ୟାୟରେ କ୍ଷୁଦ୍ର ଶିଳ୍ପର ଉନ୍ନତି ତଥା ବହୁଳ ପ୍ରସାରକୁ ଭିତ୍ତି କରି ଉତ୍ପାଦିତ ଜିନିଷର କାଟତି ନିମନ୍ତେ କ୍ଷେତ୍ର ସୃଷ୍ଟି କରି ଚାଲିଛି । ଜିନିଷର କାଟତି ବଢ଼ିଲେ, ଉତ୍ପାଦନ ବଢ଼ିବ, ଫଳରେ ମୂଲ୍ୟର ହ୍ରାସ ଅବଶ୍ୟମ୍ଭାବୀ । ଏ ଦୃଷ୍ଟିରୁ 'ରାଜ୍ୟ କ୍ରୟ ସଂସ୍ଥା', ସରକାରଙ୍କ ପ୍ରତ୍ୟେକ ବିଭାଗରେ କ୍ଷୁଦ୍ର ଶିଳ୍ପ ଲବ୍ଧ ଦ୍ରବ୍ୟର ସମାଦର ନିମନ୍ତେ ସପୃଟବୋଧାର୍ଥ ପ୍ରଯତ୍ନ କରି ଆସୁଛି । ଅନ୍ୟ ଦିଗରେ ଉତ୍ପାଦିତ ଦ୍ରବ୍ୟର ପରିମାଣ ବୃଦ୍ଧିକୁ ଆଖି ଆଗରେ ରଖି ସମସ୍ତ ସରକାରୀ ବିଭାଗର ଚାହିଦାକୁ ତନଖି କରିବାକୁ ଚେଷ୍ଟା ଚାଲିଛି । ପ୍ରତ୍ୟେକ ବସ୍ତୁର ଚାହିଦାର ସମର୍ଥନ ପରେ "ରାଜ୍ୟ କ୍ରୟ ସଂସ୍ଥା", କ୍ରମଶଃ ସରକାରୀ ବିଭାଗର ବିଭିନ୍ନ କ୍ରୟ ସଂସ୍ଥାଗୁଡ଼ିକୁ କେନ୍ଦ୍ରୀଭୂତ କରିବାର ଚରମ ଲକ୍ଷ୍ୟ ରଖିଛି । ଫଳରେ ସରକାରୀ ବିଭାଗଗୁଡ଼ିକ ଅଯଥା ଶ୍ରମ ଓ ଅର୍ଥ ବ୍ୟୟ ନ କରି ସେମାନଙ୍କର ଚାହିଦା ମୁତାବକ ବସ୍ତୁ ସଂଗ୍ରହରେ ସମର୍ଥ ହୋଇ ପାରିବେ । ଯେତେ ଶୀଘ୍ର ସମ୍ଭବ 'ରାଜ୍ୟ କ୍ରୟ ସଂସ୍ଥା', ତା'ର ନିର୍ଦ୍ଧାରିତ ଲକ୍ଷ୍ୟରେ ପହଞ୍ଚିପାରିଲେ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ପ୍ରସ୍ତୁତ ସାମଗ୍ରୀଗୁଡ଼ିକର କାଟତି ସମ୍ବନ୍ଧରେ କୌଣସି ସମସ୍ୟା ଉପୁଜିବ ନାହିଁ ବୋଲି ଆଶା କରାଯାଏ ।

କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ କେନ୍ଦ୍ରୀଭୂତ କ୍ରୟ ବ୍ୟବସ୍ଥା ସହଜ ସାଧ୍ୟ ନୁହେଁ । ଏହା ଏକ ସମୟ ସାପେକ୍ଷ ବ୍ୟାପାର । ସୁତରାଂ 'ରାଜ୍ୟ କ୍ରୟ ସଂସ୍ଥା', ପ୍ରଥମାବସ୍ଥାରେ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ଉତ୍ପାଦିତ ଦ୍ରବ୍ୟଗୁଡ଼ିକର ସମାଦର ନିମନ୍ତେ ଏବଂ ସର୍ବୋପରି ସେଗୁଡ଼ିକୁ ବୃହତ୍, ମଧ୍ୟମ ତଥା ପ୍ରଦେଶ ବାହାରର ଶିଳ୍ପ ଲବ୍ଧ ଜିନିଷ ସହିତ ପ୍ରତିଯୋଗିତା କ୍ଷେତ୍ରରେ ଯଥାସମ୍ଭବ ସମର୍ଥ କରିବାକୁ ଯାଇ ରାଜ୍ୟରେ ସରକାରୀ ନିର୍ଦ୍ଧାରିତ ଦରମାଣ (Price preference) ବ୍ୟବସ୍ଥା ପ୍ରବର୍ତ୍ତନ କରି ଆସୁଅଛି । ଏ ସଂକ୍ରାନ୍ତରେ ସମୟ ଓ ପରିସ୍ଥିତିକୁ ନେଇ ଆନୁଷଙ୍ଗିକ କାର୍ଯ୍ୟାବଳୀ ସମ୍ପାଦନ କରି ସରକାରଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ସାହାଯ୍ୟରେ ପରିଚାଳିତ ଶିଳ୍ପାନୁଷ୍ଠାନମାନଙ୍କ ଉତ୍ପାଦିତ ସାମଗ୍ରୀ ଦ୍ୱାରା ସର୍ବ ପ୍ରଥମେ ସରକାରୀ ଆବଶ୍ୟକତା ମେଣ୍ଟାଇବା ନିମନ୍ତେ କେତେକ ଦ୍ରବ୍ୟ ଉପରେ ନିଷେଧାଜ୍ଞା ଜାରି କରିଅଛି । ଫଳରେ ସରକାରୀ

ବିଭାଗଗୁଡିକ ଉକ୍ତ ଦ୍ରବ୍ୟର ଗୁଣବତ୍ତା କେବଳ ନିର୍ଦ୍ଧାରିତ ପନ୍ଥାନୁସାରେ ଅନୁମୋଦିତ ଅନୁଷ୍ଠାନମାନଙ୍କଠାରୁ ଖରିଦ କରିବେ । ଏତଦ୍‌ଭିନ୍ନ କ୍ଷୁଦ୍ର ଶିଳ୍ପ ସାମଗ୍ରୀ ଗୁଡିକର ବହୁଳ ପ୍ରଚାର ନିମନ୍ତେ ସରକାର ସାଧାରଣ ଅତ୍ୟାବଶ୍ୟକୀୟ ପଦାର୍ଥଗୁଡ଼ିକର ଆକୃତି ଓ ଗୁଣର ଉତ୍କର୍ଷତା ତନଖି କରିବା ପରେ, କେତେକ ଶିଳ୍ପାନୁଷ୍ଠାନମାନଙ୍କ ସହିତ ଏକ ମୂଲ୍ୟ ଓ ମିଆଦି ଚୁକ୍ତି (Rate Contract) ସ୍ୱାକ୍ଷର କରିବାକୁ ମନସ୍ଥ କରିଛନ୍ତି । ଏହା ଯେତେ ଶୀଘ୍ର ସମ୍ଭବ କାର୍ଯ୍ୟକାରୀ କରାଗଲେ, ବେସରକାରୀ ସଂସ୍ଥାଗୁଡିକ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟଗୁଡିକ ସରକାରଙ୍କ ବିଭିନ୍ନ ବିଭାଗମାନଙ୍କୁ ନିୟମିତ ରୂପେ ଯୋଗାଇବାରେ ଅଧିକତର ସକ୍ଷମ ହେବେ ।

ଏତ ଗଲା ଆନ୍ତଃବାଣିଜ୍ୟର ବ୍ୟବସ୍ଥା, ଏହାଛଡ଼ା ବହିଃବାଣିଜ୍ୟ ନିମନ୍ତେ 'ରାଜ୍ୟ କ୍ରୟ ସଂସ୍ଥା', ମଧ୍ୟ ପଦକ୍ଷେପ ନେଇଅଛି । କେନ୍ଦ୍ର ସରକାରଙ୍କର ବିଭିନ୍ନ ବିଭାଗ, ଜାତୀୟ କ୍ଷୁଦ୍ର ଶିଳ୍ପ ସଂସ୍ଥା (N. S. I. C.) ଏବଂ ଜାତୀୟ ଯୋଗାଣ ସଂସ୍ଥା (D. G. S. & D.) ସହିତ ଏ ସଂପର୍କରେ ବରାବର ଯୋଗସୂତ୍ର ସ୍ଥାପନ କରାଯାଇଛି । ଭାରତୀୟ ବୈଦେଶିକ ବାଣିଜ୍ୟ ଅନୁଷ୍ଠାନ (I. I. F. T.) ମାଧ୍ୟମରେ ଓଡ଼ିଶାରେ ଏକ ରପ୍ତାନିସଂସ୍ଥା (Export House) ଖୋଲିବା ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଅଛି, ଯଦ୍ଦ୍ୱାରା, ଓଡ଼ିଶାରେ ପ୍ରସ୍ତୁତ କ୍ଷୁଦ୍ର ଯନ୍ତ୍ରପାତି ଠାରୁ ଆରମ୍ଭ କରି ଅତ୍ୟାଧୁନିକ ସୂକ୍ଷ୍ମ କଳ ନିହିତ ଜିନିଷର ବିଶ୍ଳେଷଣ ପରେ ବାଞ୍ଛିତ ଦ୍ରବ୍ୟଗୁଡିକର ରପ୍ତାନିର ସୁବିଧା ହୋଇପାରିବ ।

କେବଳ ଉତ୍ପାଦିତ ସାମଗ୍ରୀର ବହୁଳ କାଟତି ଯେ କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡିକ ବଞ୍ଚାଇପାରିବ, ଏହାବି ସମିଚୀନ ନୁହଁ । ମାତ୍ର ଏହାକୁ ଯଦି ଆତ୍ମମୁଖ୍ୟ ହୁଏ, ତେବେ ଶିଳ୍ପାନୁଷ୍ଠାନଗୁଡ଼ିକ ମନମୁଖୀ ଅଥବା ଶିଥିଳ ହେବାର ସମ୍ଭାବନା ଖୁବ୍ ଅଧିକ । ତେଣୁ 'ରାଜ୍ୟ କ୍ରୟ ସଂସ୍ଥା', ପ୍ରତ୍ୟେକ ଦ୍ରବ୍ୟର ଆକୃତି ଓ ମାନ ଅକ୍ଷୁଣ୍ଣ ରଖିବାପାଇଁ ଓଡ଼ିଶାର ଶିଳ୍ପାଞ୍ଚଳ କଟକଠାରେ ଆଧୁନିକ ଯନ୍ତ୍ରପାତି ଥିବା ଏକ ବିଶ୍ଳେଷଣାଗାର ପ୍ରତିଷ୍ଠା କରିଅଛି । ରାଉରକେଲାରେ ମଧ୍ୟ ଅନ୍ୟ ଏକ ବିଶ୍ଳେଷଣାଗାର ସ୍ଥାପନ କରିବାର ପରିକଳ୍ପନା କରାଯାଇଅଛି । ଫଳରେ କ୍ଷୁଦ୍ର ଶିଳ୍ପାନୁଷ୍ଠାନଗୁଡିକ ଅଳ୍ପ ବ୍ୟୟରେ ସେମାନଙ୍କ ପ୍ରସ୍ତୁତ ଦ୍ରବ୍ୟଗୁଡିକର ମାନ ପରୀକ୍ଷା ନିମନ୍ତେ ବିଶେଷ ସୁବିଧା ପାଇପାରିବେ ।

ବିଶ୍ଳେଷଣାଗାରରେ ବୈଜ୍ଞାନିକ ପ୍ରଣାଳୀରେ ଭୌତିକ କିମ୍ବା ରସାୟନିକ ବିଶ୍ଳେଷଣ କରାଯାଇ ସେମାନଙ୍କର ମାନର ଉତ୍କର୍ଷତା ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ତାହା କିପରି ଅଧିକ ପରିମାର୍ଜିତ ହୋଇପାରିବ, ତାହାର ଏକ ସମ୍ୟକ ଧାରଣା ମଧ୍ୟ ମିଳିପାରିବ, ଯେହେତୁ ଆକୃତି ବସ୍ତୁର କଳେବର ଓ ଗୁଣ ତାର ପ୍ରାଣ ସଦୃଶ୍ୟ । ଏତଦ୍‌ବ୍ୟତିରେକ, ଜଡ଼ବସ୍ତୁର ଆଦର କେତେଦୂର ସମ୍ଭବ ତାହା ସହଜରେ ଅନୁମେୟ । ପଦାର୍ଥର ଆକୃତି ଦୃଷ୍ଟି ଆକର୍ଷଣ କରିବାରେ ଯେତେ ଦାୟୀ, ତଦନୁଯାୟୀ ଗୁଣ ତାର ପ୍ରାଣପ୍ରାଚୁର୍ଯ୍ୟ ଆଣିବାରେ ସହାୟତା କରେ । ସୁତରାଂ ଶିଳ୍ପର ବିକାଶ ନିମନ୍ତେ 'ମାନ' ଓ 'ଗୁଣ'ର ମାନଦଣ୍ଡତା ଅପରିହାର୍ଯ୍ୟ । ଏ ଦୃଷ୍ଟିରୁ ରାଜ୍ୟ ସରକାର ଏ ଦିଗରେ ବୈଷୟିକ ଜ୍ଞାନଥିବା କେତେକ ସରକାରୀ ଓ ବେସରକାରୀ ଲୋକଙ୍କୁ ନେଇ ଏକ ମାନନିର୍ଦ୍ଧାରଣ ସଂସ୍ଥା (Standard Cell) ଗଠନ କରିଛନ୍ତି । ଏହା ଭାରତୀୟ ମାନନିର୍ଦ୍ଧାରଣ ଅନୁଷ୍ଠାନ (Indian Standards Institution) ସହିତ ସମ୍ପର୍କ ରଖି ଓଡ଼ିଶାର ଉତ୍ପାଦିତ ପଦାର୍ଥଗୁଡ଼ିକର ଯଥା ସମ୍ଭବ 'ମାନ'ର ରୂପରେଖ ଦେବାରେ ସାହାଯ୍ୟ କରିବ ।

ଯାହାହେଉ, ବଡ଼ ସୁଖର ବିଷୟ, କ୍ଷୁଦ୍ର ଶିଳ୍ପାନୁଷ୍ଠାନମାନଙ୍କର ଦୁରବସ୍ଥା ନିରାକରଣ ପ୍ରତି ରାଜ୍ୟ ସରକାର ସର୍ବଦା ତତ୍ପର । ସେମାନଙ୍କର କ୍ରମଶଃ ଉନ୍ନତିକଳ୍ପେ, ସରକାର ବିଭିନ୍ନ ପ୍ରକାର ଯୋଜନାର ପରିକଳ୍ପନା କରିଛନ୍ତି ଓ କରୁଛନ୍ତି ମଧ୍ୟ । ଇତିମଧ୍ୟରେ ସେମାନଙ୍କ ଉନ୍ନତି ପଥରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା କେତୋଟି ସମସ୍ୟାର ସମାଧାନ ହୋଇଥିଲେ ହେଁ, ପରିସ୍ଥିତିକୁ ନେଇ ଅଦ୍ଭୁର ଅନେକ ସମସ୍ୟା ଆସି ଦେଖା ଦେଇଛି । ସରକାର ଯେତେଦୂର ସମ୍ଭବ ସେଗୁଡ଼ିକର ଦୂରୀକରଣ ନିମନ୍ତେ ବ୍ୟବସ୍ଥା ଗ୍ରହଣ କରିବେ, କିନ୍ତୁ କେବଳ ଯେ ସରକାରୀ ପ୍ରଚେଷ୍ଟାରେ ସମସ୍ତ ବାଧାବିଘ୍ନ ଦୂରୀଭୂତ ହେବ, ଏହା ଭାବିବା ଅନୁଚିତ । ଅନ୍ୟପକ୍ଷରେ ଲୋକଙ୍କର ଯଦି ବ୍ୟବସାୟାନୁଗତ ମନୋଭାବ ବଳବତ୍ତର ନ ହୁଏ ଏବଂ ପ୍ରତ୍ୟେକେ ସ୍ୱ ବ୍ୟବସାୟରେ ଉନ୍ନତି ନିମନ୍ତେ ତତ୍ପର ନହୁଅନ୍ତି ଓ ସର୍ବୋପରି ପ୍ରତ୍ୟେକ କ୍ଷେତ୍ରରେ ପରମୁଖାପେକ୍ଷୀ ହୋଇ ସରକାରଙ୍କୁ ଅପେକ୍ଷା କରନ୍ତି, ଶିଳ୍ପର ଏକ ସମୃଦ୍ଧ ବିକାଶ ଅସମ୍ଭବ ହୋଇ ପଡ଼ିବ । ତଥାପି, ରାଜ୍ୟ ସରକାର ଏ ଦିଗରେ ଯେତେଦୂର ଦରକାର ସାହାଯ୍ୟ କରିବେ, ଏଥିରେ ସନ୍ଦେହନାହିଁ ।

---


କୃଷି ଓ ଶିଳ୍ପର ବିକାଶରେ ଦେଶର ବିକାଶ

ଜମିକୁ ଭଲଭାବରେ ଚାଷକରି ଅଧିକ ଉତ୍ପାଦନ କରିବା ନିମନ୍ତେ
ଟ୍ରାକ୍ଟର ନିତାନ୍ତ ଦରକାର

## ଓଡ଼ିଶା କୃଷି ଓ କ୍ଷୁଦ୍ର ଶିଳ୍ପ କର୍ପୋରେସନ

ଚେକୋସ୍ଲୋଭାକିଆ ତିଆରି ୨୨ ଅଶ୍ୱ ଶକ୍ତି ବିଶିଷ୍ଟ ଡିଜେଲ ଚାଳିତ "ଜେଟର ୨୦୧୧" ଓ
ରୁଷିଆ ତିଆରି ୧୪ ଅଶ୍ୱ ଶକ୍ତି ବିଶିଷ୍ଟ ଡିଜେଲ ଚାଳିତ "ଡି: ଟି: ୧୪ବି" ଟ୍ରାକ୍ଟର
ଏବଂ ଏହାର ବିଭିନ୍ନ ଅଂଶମାନ ସୁବିଧାରେ ଯୋଗାଇଦେବା ନିମନ୍ତେ
ଓଡ଼ିଶାରେ ଏକମାତ୍ର ଅନୁଷ୍ଠାନ

ଏହି ଟ୍ରାକ୍ଟରଗୁଡ଼ିକ ଚାଷକରିବାକୁ ଅତ୍ୟନ୍ତ ଉପଯୋଗୀ ଓ ଅଳ୍ପ ଖର୍ଚ୍ଚରେ ଅଧିକ କାମ ଦେଇ ପାରନ୍ତି ।
ଏଗୁଡ଼ିକ ରକ୍ଷଣାବେକ୍ଷଣ ଓ ମରାମତି ନିମନ୍ତେ ତାଲିମ ପ୍ରାପ୍ତ କାରିଗରମାନେ ରହି ଅଛନ୍ତି ।
ସବିଶେଷ ବିବରଣୀ ନିମନ୍ତେ ନିମ୍ନ ଠିକଣାରେ ଲେଖନ୍ତୁ ବା ପରାମର୍ଶ କରନ୍ତୁ ।

ଓଡ଼ିଶା କୃଷି ଓ କ୍ଷୁଦ୍ର ଶିଳ୍ପ କର୍ପୋରେସନ ଲି:
କିଲାମଇଦାନ, କଟକ-୧

ପ୍ରଶାନ୍ତ କୁମାର ରାୟ

# ଓଡ଼ିଶାର ପ୍ରତ୍ନତତ୍ତ୍ୱ

ଐତିହାସିକ ଯୁଗର ଆରମ୍ଭ ପୂର୍ବରୁ ମାନବ ସଭ୍ୟତା ଓ ଆଚରଣ ସମ୍ବନ୍ଧରେ କୌଣସି ଲିପିବଦ୍ଧ ତଥ୍ୟ ନ ଥିଲା । କେବଳ ସେମାନଙ୍କ ଦ୍ୱାରା ବ୍ୟବହୃତ ପଥର ନିର୍ମିତ ଅସ୍ତ୍ରଶସ୍ତ୍ର ହିଁ ଜୀବନ ଯାପନ ପ୍ରଣାଳୀ ସମ୍ବନ୍ଧରେ ପ୍ରତ୍ୟକ୍ଷ ପ୍ରମାଣ ଦିଏ । ସାଧାରଣତଃ ସେମାନେ ନଦୀ କୂଳରେ ବସତି ସ୍ଥାପନ କରୁଥିଲେ, ଶିକାର ଦ୍ୱାରା ଜୀବିକା ନିର୍ବାହ କରୁଥିଲେ । ପ୍ରସ୍ତର ଯୁଗର ଆଦିମ ଅଧିବାସୀ ଯେ ଓଡ଼ିଶାର ନଦୀ କୂଳରେ ବାସ କରୁଥିଲେ ଏଥିରେ ସନ୍ଦେହ ନାହିଁ । ପୁଣ୍ୟତୋୟା ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖାର ଉପତ୍ୟକାରୁ ମିଳିଥିବା ପ୍ରସ୍ତର ନିର୍ମିତ ଅସ୍ତ୍ରଶସ୍ତ୍ର ପ୍ରତ୍ନତତ୍ତ୍ୱ କ୍ଷେତ୍ରରେ ଓଡ଼ିଶାକୁ ଉଚ୍ଚ ଆସନ ଦେଇପାରିଛି । ଏ ଅସ୍ତ୍ରଶସ୍ତ୍ରଗୁଡ଼ିକ ପ୍ରଧାନତଃ ହସ୍ତ-ପ୍ରେରିତ କୁଠାର ଶ୍ରେଣୀୟ ଅସ୍ତ୍ର । ଏଗୁଡ଼ିକ ଫ୍ରାନ୍ସର ଏସୁଲିୟାନ ସ୍ଥାନରୁ ମିଳିଥିବା ଉକ୍ତ ଶ୍ରେଣୀୟ ଅସ୍ତ୍ର ସହିତ ସାମଞ୍ଜସ୍ୟ ରହିଛି । ଓଡ଼ିଶାର ଆଦିମ ଅଧିବାସୀ ପ୍ରଥମେ ଉନ୍ମୁକ୍ତ ବାୟୁମଣ୍ଡଳରେ ପ୍ରକୃତି ଦେବୀ କୋଳରେ ସ୍ୱଚ୍ଛନ୍ଦରେ ବିଚରଣ କରି ପାରୁଥିଲା । କାଳକ୍ରମେ ପର୍ବତ ଗୁମ୍ଫାରେ ଓ ସର୍ବଶେଷରେ ପର୍ଣ୍ଣକୁଟୀରରେ ଆଶ୍ରୟ ନେଲା । ଫଳରେ ତା'ର ଅର୍ଥନୈତିକ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଘଟିଲା । ଶିକାର କରିବା ସଙ୍ଗେ ସଙ୍ଗେ ସେ ଖାଦ୍ୟ ସଂଗ୍ରହରେ ବ୍ୟସ୍ତ ରହିଲା । ତଥାପି ସେ ଏତିକିରେ ସନ୍ତୁଷ୍ଟ ରହି ପାରିଲା ନାହିଁ । ଜୀବିକା ନିର୍ବାହ ସମ୍ବନ୍ଧରେ ତାର ମନୋମଧ୍ୟରେ ଏକ ନବ ଜାଗରଣ ସୃଷ୍ଟି ହେଲା, ଯାହାକି କୃଷି ଓ ଗୃହପାଳିତ ପଶୁ କ୍ଷେତ୍ରରେ ପ୍ରତିଫଳିତ ହେଲା ।

ପ୍ରସ୍ତର ଯୁଗର ଶେଷଭାଗରେ ଏପରି ଅର୍ଥନୈତିକ ପରିବର୍ତ୍ତନର ସ୍ଥଳ ଓଡ଼ିଶାର ବୁଢ଼ାବଳଙ୍ଗ ନଦୀକୂଳରେ ଗଢ଼ି ଉଠିଲା । ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱବିଭାଗ ଦ୍ୱାରା କୁଚାଇଠାରେ ଯେଉଁ ଖୋଦନ କାର୍ଯ୍ୟ ଆରମ୍ଭ ହେଲା, ତାହା ଫଳରେ ପ୍ରସ୍ତର ଯୁଗର ଶେଷ ପ୍ରାନ୍ତରେ ଅର୍ଥନୈତିକ କ୍ଷେତ୍ରରେ ସବୁଜ ଯେଉଁ ଆନ୍ଦୋଳନର ସୂତ୍ରପାତ ହେଲା, ସେଥିରେ ହିଁ ଓଡ଼ିଶା ଭାଗ ନେଇ ଥିଲା । ଖୋଦନ କାର୍ଯ୍ୟ ଫଳରେ ମିଳିଥିବା ଅସ୍ତ୍ରଶସ୍ତ୍ର ଓ ମାଟି ପାତ୍ରର ଭଗ୍ନାବଶେଷ ତତ୍କାଳୀନ ଓଡ଼ିଶାବାସୀଙ୍କ ଜୀବନଧାରାର ମାନ ସମ୍ବନ୍ଧରେ ପ୍ରତ୍ୟକ୍ଷ ପ୍ରମାଣ ଦିଏ ।

ପ୍ରତ୍ନତତ୍ତ୍ୱ କ୍ଷେତ୍ରରେ ଯେତେବେଳେ ସର୍ବସ୍ୱ ପ୍ରସ୍ତର ଖୋଦିତ ଅନୁଶାସନ ଐତିହାସିକ କ୍ଷେତ୍ରରେ ତଥ୍ୟରୂପେ ଲିପିବଦ୍ଧ ହୋଇ ରହିଲା, ସେତେବେଳେ ଓଡ଼ିଶା ମଧ୍ୟ ବାଦ ପଡ଼ି ନ ଥିଲା । ସୁବିଖ୍ୟାତ ଧଉଳିପାହାଡ଼, ଗଞ୍ଜାମର ଜଉଗଡ଼ ଓ ଖଣ୍ଡଗିରିର ହାତୀଗୁମ୍ଫା ଅନୁଶାସନ ଏହାର ମୂକସାକ୍ଷୀ ରୂପେ ବିଦ୍ୟମାନ । ପ୍ରସିଦ୍ଧ ସିନ୍ଧୁ ଉପତ୍ୟକାର ସଭ୍ୟତାପରି ସହର ଗଠନ ପ୍ରଣାଳୀରେ ଗଢ଼ି ଉଠିଲା ଓଡ଼ିଶାରେ ଏକ ଉନ୍ନତର ସଭ୍ୟତା । ଭାରତୀୟ ରଜାଲଙ୍କଦ୍ୱାରା ଶିଶୁପାଳଗଡ଼ଠାରେ ଯେଉଁ ଖୋଦନ କାର୍ଯ୍ୟ ଆରମ୍ଭ ହେଲା, ତାହାଙ୍କ ନୂଆ ତଥ୍ୟରୁ ପ୍ରମାଣିତ କରିପାରିଲା ଯେ ଓଡ଼ିଶା ସର୍ବାଙ୍ଗ ସମ୍ପୂର୍ଣ୍ଣ ନାଗରିକ ସଭ୍ୟତାର ଏକ ପୀଠ ଥିଲା, ଯାହାର ଲୋକମାନଙ୍କର ଦୈନନ୍ଦିନ ବ୍ୟବହୃତ ମାଟି-ପାତ୍ର କଳାରଙ୍ଗର ଚିତ୍ରାବଳୀ ସମ୍ବଳିତ ଲାଲରଙ୍ଗରେ ତିଆରି ହୋଇଥିଲା । ଏପରି ମାଟିପାତ୍ର ଦକ୍ଷିଣ ଭାରତରେ ଶ୍ମଶାନରେ ମୃତ ବ୍ୟକ୍ତି ନିକଟରେ ରଖା ଯାଉଥିଲା । ସମ୍ଭବତଃ ଖ୍ରୀଷ୍ଟପୂର୍ବ ୫୦୦ରୁ ୧୦୦ ମଧ୍ୟରେ ଦାକ୍ଷିଣାତ୍ୟଅଞ୍ଚଳରେ ଗୋଟିଏ ନୂତନ ସଭ୍ୟତାର ଆବିର୍ଭାବ ଘଟିଥିଲା । କବର ଦେବା ପ୍ରଥାହିଁ ଏହାର ବିଶେଷତ୍ୱ ଥିଲା । ଶବମାନଙ୍କୁ ଖୋଲା ଭାବରେ ସମାଧି ଦିଆଯାଉଥିଲା । ଶବ ନିକଟରେ ଉପରୋକ୍ତ ଆଲୋଚିତ ମାଟିପାତ୍ର ରଖା-ଯାଉଥିଲା । ସେମାନଙ୍କର ଅସ୍ଥିର କେତେକାଂଶକୁ ପୋତି ଦିଆଯାଉଥିଲା ଏବଂ ତା'ର ଚାରିପାଖରେ ଓ ଉପରେ ବଡ଼ ବଡ଼ ପଥର ସବୁ ଦିଆଯାଉଥିଲା । ଏପରି ସଭ୍ୟତାକୁ "ବୃହତ ପ୍ରସ୍ତର ସଭ୍ୟତା" ବୋଲି କୁହାଯାଏ । ଦକ୍ଷିଣ ଭାରତର ବ୍ରହ୍ମଗିରିଠାରେ ହୋଇଥିବା ପ୍ରତ୍ନତତ୍ତ୍ୱ ଖନନ କାର୍ଯ୍ୟରୁ ଜଣା ପଡ଼େ ଯେ ଏପରି କଳା ଓ ଲାଲ ରଙ୍ଗ ବ୍ୟବହୃତ ମାଟିପାତ୍ର ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଅନ୍ତର୍ଗତ । ସୁତରାଂ ଏଥିରୁ ଜଣାପଡ଼େ ଯେ ଶିଶୁପାଳଗଡ଼ର ସଭ୍ୟତା ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀଠାରୁ ଗଢ଼ି ଉଠିଥିଲା । ଶିଶୁପାଳଗଡ଼ରୁ ମିଳିଥିବା ଆଉ ଏକ ମାଟିପାତ୍ର ପଣ୍ଡିଚେରୀ ନିକଟବର୍ତ୍ତୀ ସାମୁଦ୍ରିକ ବାଣିଜ୍ୟର କେନ୍ଦ୍ରସ୍ଥଳୀ ଆରିକାମେଡ଼ୁଠାରେ ମିଳିଥିଲା । ଏହା ମାଟିପାତ୍ର ରୋମରେ ମିଳିଥିବା ଏକ ହାଲୁକା ମାଟିପାତ୍ର ସହିତ ସମାନ । ଏ ପ୍ରକାର ମାଟିପାତ୍ର ରୋମର ଏରେଜୋଠାରେ ତିଆରି ହେଉଥିଲା ଏବଂ ସେଥିରେ କୁମ୍ଭାରର ନାମ ଅଙ୍କିତ ହେଉଥିଲା । ରୋମର ସେମିଆନ୍ ମାଟିପାତ୍ର ସଦୃଶ ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀରେ ଏକ ପ୍ରକାର ଉଜ୍ଜ୍ୱଳ ଲାଲରଙ୍ଗର ମାଟିପାତ୍ର ଭାରତର ଅନେକ ସ୍ଥାନରେ ତଥା ଶିଶୁପାଳଗଡ଼ଠାରେ ମଧ୍ୟ ମିଳନ୍ତି । ପ୍ରତ୍ନତାତ୍ତ୍ୱିକ ଭିତ୍ତିରେ ପ୍ରମାଣିତ ହୋଇଛି ଯେ ରୋମ ଓ ଦକ୍ଷିଣ ଭାରତ ମଧ୍ୟରେ ବାଣିଜ୍ୟ କାରବାର ପ୍ରଚଳିତ ଥିଲା । ନୌବାଣିଜ୍ୟ ପ୍ରିୟ ଓଡ଼ିଆ ଯେ ସୁଦୂର ରୋମ ସହିତ ବେପାର ବାଣିଜ୍ୟ କରୁଥିଲେ ତାହା ମଧ୍ୟ ଏଥିରୁ ପ୍ରମାଣିତ ହୁଏ । କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଦେଖିଲେ ମନେ ପଡ଼େ ଯେ ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀରୁ ଓଡ଼ିଶାରେ ତିଷ୍ଠି ରହିଥିବା ନୌବାଣିଜ୍ୟ ଏହାର ଦ୍ୟୋତକ । ଆମେ ଦେଖିବାକୁ ପାଉ ଯେ ମୌର୍ଯ୍ୟ ସାମ୍ରାଜ୍ୟର ପ୍ରଭାବ ଓଡ଼ିଶାରେ ବିସ୍ତାର ଲାଭ କରିବା ପୂର୍ବରୁ ନନ୍ଦମାନେ କିଛିକାଳ ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରିବା ବିଷୟ କଟକ ଜିଲ୍ଲାର ସାଲେପୁର, ମୟୂରଭଞ୍ଜର ବାଙ୍ଗପଦା, ଭୁବନେଶ୍ୱରର ଖାରପଡ଼ା ଓ ଖଣ୍ଡଗିରିଠାରେ ମିଳିଥିବା ପ୍ରାଚୀନ ରୌପ୍ୟମୁଦ୍ରା ଏହାର ଜଳନ୍ତ ଆଭାସ ଦିଏ । ନନ୍ଦମାନଙ୍କଦ୍ୱାରା ଅନ୍ୟତ୍ର ପ୍ରଚଳିତ ରୌପ୍ୟମୁଦ୍ରା ସହିତ ଏ ସବୁର ସାମଞ୍ଜସ୍ୟ ଥିବା ଲେଖକ ପ୍ରମାଣିତ କରିପାରିଛନ୍ତି ।

ଖାରବେଳଙ୍କ ପରେ ଓଡ଼ିଶା ଇତିହାସରେ ଏକ ଅନ୍ଧକାର ଯୁଗ ଆରମ୍ଭ ହେଲା । କିନ୍ତୁ ଏପରି ଅନ୍ଧକାର ଚିରଦିନ ତିଷ୍ଠି ପାରି ନ ଥିଲା । କେନ୍ଦୁଝରର ଜିଲ୍ଲାର

ଅବଶିଷ୍ଟାଂଶ ଶେଷ ପୃଷ୍ଠା ଦେଖନ୍ତୁ

ଉତ୍କଳ ପ୍ରସଙ୍ଗ, ଜାନୁଆରୀ—୧୯୬୯

ରମେଶ ଚନ୍ଦ୍ର ଧଳ

# ଆଜି ୨୬ ଜାନୁଆରୀ

ଆଜିରେ ୨୬ ଜାନୁଆରୀ
ନାଚ ଉଠ ଆମେ
ନାଚ ଉଠ
ମାଦଳ ଆମର ବାଜିବାଇ
ମୁକତ ସଙ୍ଗୀତ ଗାଇଗାଇ ।

ଭୁଲି ନାହୁଁ
ଆମେ ଭୁଲି ନାହୁଁ,
ରକତ ଶପଥ
ଦେଶ ଲାଗି,
ଗୁଳିଗୁଳା ଝଡ଼ ଫୁତ୍କାର କରି
ଦେବାକୁ ସ୍ୱାଧୀନ
କାରାଗାର ବ୍ୟଥା ଅଙ୍ଗେ ସହି,
ଫାଶୀ ଖୁଣ୍ଟରେ ଚୁମା ଦେଇ
ଆମେ ଲଢ଼ିଥିଲୁ
ଆମ ଦେଶ ପାଇଁ ।
ବିଦେଶୀ ଶାସକ ହଟିଗଲେ ଆ'ରେ
ହଠାତ୍
ଝଣ୍ଡା ଆମର ଉଡ଼ିଲା ଆକାଶ ବୁକୁ ଚିରି
ହିମାଚଳ ଶିରେ ନୂଆ ସକାଳର ସୁନାଶିରି,
କୋଟିଏ ପ୍ରାଣରେ ନବ ଉନ୍ମାଦ
ଗଙ୍ଗା ଯମୁନା କିନାରେ କିନାରେ,
ଶତ ରଙ୍ଗର, ସୁନା ଫସଲର ମଉଛବ,

ଅତ୍ୟାଗ କେତେ ? କେତେ ଅତ୍ୟାଗ……
"ଚଲୋ ଦିଲ୍ଲୀ", "ଜୟ ଗାନ୍ଧୀ", "ଜିନ୍ଦାବାଦ" ।
ଆମେ ଭୁଲିବୁ କି ?
ଭାରତୀୟ କଏ
ଭୁଲିବ,କି ??

୨୬ରେ……
ଆଜି ମନେ ପଡ଼େ,
ଏ ମାଟିରେ କେତେ ଆସିଛନ୍ତି
ମୋଗଲ୍, ପଠାଣ, ରାଜପୁତ
ଶାସନ କରିବେ ଭାରତରେ
ଇସ୍ପାତ କଠିନ ବଜ୍ର ଗମ୍ଭୀର
ସଂକଳ୍ପ ତାଙ୍କ ଅନ୍ତରରେ ।
ସବୁ ହଜିଗଲେ, ସବୁ ମରିଗଲେ
ସାଗର ବେଳାର ଊର୍ମି ସମ ସେ—
ହଜି ଗଲେ ।

ଆଜି କଏ ବର୍ବର ଦୁଃସାହାସୀ
ସୀମାନ୍ତେ ଆମ ଗର୍ଜନ କରେ,
ଲୁଟି ନେବ ଆମ ସ୍ୱାଧୀନତା,
ସାବଧାନ ଆମେ ସାବଧାନ,
ସୀମାନ୍ତରେ ଆମ ସଇନିକ,
କାରଖାନା ଘରେ କାରିଗର
ହେଲେ ସଜ୍ଜ ଅଛୁ ନାଗରିକ ।

ଆଜି ରକ୍ତ ଶପଥ ୨୬ରେ
ଆମେ ଧ୍ୱଂସ କରିବୁ
ଧ୍ୱଂସ କରିବୁ
ଅରିର ଯେତେ ଗୌରବ,
ଇଥରେ ଇଥରେ ଭରାଇ ଦେବୁରେ
ଏ ଦେଶ ଭାରତ ସଉରଭ ।
ଆଜିରେ ୨୬ ଜାନୁଆରୀ,
ନାଚ ଉଠ
ଆମେ ନାଚ ଉଠ

ଉତ୍କଳ ପ୍ରସଙ୍ଗ, ଜାନୁଆରୀ ୧୯୬…

# ଓଡ଼ିଶାରେ ସସ୍ଥାଯ୍ୟ ଓ ଶିଳ୍ପ

ଓଡ଼ିଶାର ଖଣିଜ ସମ୍ପଦ ଓ ବିଭିନ୍ନ ଧରଣର କଞ୍ଚାମାଲ ଅଭାବରେ ଏହି ରାଜ୍ୟର ଦ୍ରୁତ ବିକାଶ-ସାଧନ କରି ସର୍ବ-ଭାରତୀୟ ସ୍ତରରେ ଦେଶର ଗୌରବ ବୃଦ୍ଧି କରିବ । ମାତ୍ର ଏଥି ନିମନ୍ତେ ବ୍ୟାପକ ଭାବରେ ଶିଳ୍ପ ବିକାଶ କରିବାକୁ ହେବ । ଶିଳ୍ପ ବିକାଶ ନିମନ୍ତେ ମୂଳଧନର ସୁବିଧା ଓ ବୈଷୟିକ ପରାମର୍ଶ ଏକାନ୍ତ ପ୍ରୟୋଜନ । ଆମ ରାଜ୍ୟରେ ଅନ୍ୟ ରାଜ୍ୟ ତୁଳନାରେ ପ୍ରଚୁର ପରିମାଣରେ କୋଇଲା, ଲୁହା ପଥର, ଚୂନପଥର, ମାଙ୍ଗାନିଜ, କ୍ରୋମାଇଟ ପ୍ରଭୃତି ମୂଲ୍ୟବାନ ଖଣିଜ ସମ୍ପଦ ରହିଛି । ଲୋକଙ୍କର ଜୀବନ ଧାରଣର ମାନ ବଢ଼ାଇବା ପାଇଁ ଦ୍ରୁତ ଶିଳ୍ପାୟନହିଁ ଏକମାତ୍ର ଉପାୟ । ଖଣିଜ ସମ୍ପଦକୁ ନେଇ ଆମ ରାଜ୍ୟରେ ଯଥେଷ୍ଟ ଧରଣର ମଧ୍ୟମ ଓ ବୃହତ୍ ଧରଣର ଶିଳ୍ପାନୁଷ୍ଠାନ ନାହିଁ । ଏହାର ମୂଳ କାରଣ ହେଲା ସ୍ଥାନୀୟ ଉଦ୍ୟୋଗକାରୀ ଏବଂ ପୁଞ୍ଜିର ଅଭାବ ।

ଏଣୁ ରାଜ୍ୟ ସରକାରଙ୍କ ଉଦ୍ୟୋଗରେ ଆମ ରାଜ୍ୟରେ ୧୯୬୨ ମସିହା ମାର୍ଚ୍ଚ ୨୯ ତାରିଖରେ ରାଜ୍ୟ ସରକାରର ଶିଳ୍ପ ଉନ୍ନୟନ କର୍ପୋରେସନ୍ (The Industrial Development Corporation of Orissa Ltd.) ନାମରେ ଏକ ସମ୍ପୂର୍ଣ୍ଣ ସ୍ୱାୟତ୍ତ ସଂସ୍ଥା ସ୍ଥାପନ କରିଥିଲେ । ଏହି କର୍ପୋରେସନର ମୂଳଧନର ପରିମାଣ ୫୦ କୋଟି ଟଙ୍କା । ରାଜ୍ୟ ସରକାର ଏହି କର୍ପୋରେସନ ପରିଚାଳନା ନିମନ୍ତେ ଏକ ନଅ ଜଣିଆ ସଭ୍ୟ ବିଶିଷ୍ଟ ବୋର୍ଡ଼ ଗଠନ କରିଛନ୍ତି । ରାଜ୍ୟ ସରକାରଙ୍କର ଶିଳ୍ପସେକ୍ରେଟାରୀ ଏହି ବୋର୍ଡ଼ର ଚେୟାରମ୍ୟାନ ଓ ରାଜ୍ୟ ସରକାରଙ୍କର ଜଣେ ଉଚ୍ଚ ପାହ୍ୟାର କର୍ମଚାରୀଙ୍କୁ ମ୍ୟାନେଜିଂ ଡାଇରେକ୍ଟର ପଦରେ ନିଯୁକ୍ତ କରାଯାଇଅଛି ।

ଶିଳ୍ପ କ୍ଷେତ୍ରରେ ପ୍ରଗତି ନିମନ୍ତେ କେତେକ ଶିଳ୍ପାନୁଷ୍ଠାନର ଉନ୍ନୟନ, ସ୍ଥାପନ ଏବଂ ପରିଚାଳନାର ଦାୟିତ୍ୱ କର୍ପୋରେସନ୍ ବହନ କରିଛି । ଓଡ଼ିଶାର ଶିଳ୍ପ ବିକାଶ ନିମନ୍ତେ ଏହି କର୍ପୋରେସନ୍ ସଂପୃକ୍ତ ଶିଳ୍ପାନୁଷ୍ଠାନଗୁଡ଼ିକୁ ଆର୍ଥିକ ଓ ବୈଷୟିକ ସାହାଯ୍ୟ ଦେବ । ଲାଭଜନକ ଶିଳ୍ପର ପ୍ରତିଷ୍ଠା ଓ ପରିଚାଳନା ନିମନ୍ତେ ମଧ୍ୟ କର୍ପୋରେସନ୍ ସହାୟତା ପ୍ରଦାନ କରିବ । ମୁଖ୍ୟତଃ ଏହି ତିନୋଟି ଲକ୍ଷ୍ୟ ସାଧନ କରିବା ନିମନ୍ତେ ଶିଳ୍ପ ଉନ୍ନୟନ କର୍ପୋରେସନ୍ ଗଠିତ ହୋଇଛି ।

୧୯୬୨ ମସିହା ମେ ମାସରେ କର୍ପୋରେସନ୍ ବାସ୍ତବ କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରିଛି । ପ୍ରାରମ୍ଭିକ ସ୍ତରରେ କର୍ପୋରେସନ୍ କେନ୍ଦୁଝର ଜିଲ୍ଲାର ବଡ଼ବିଲ-ସ୍ଥିତ କଳିଙ୍ଗ ଆଇରନ ୱାର୍କ୍ସ ଓ ହୀରାକୁଦସ୍ଥିତ ଇଞ୍ଜିନିୟରିଂ ୱାର୍କସ୍ ତତ୍ସଂଲଗ୍ନ ରେଲୱେ ସାଇଡିଙ୍ଗକୁ ଖରିଦ କରି କାର୍ଯ୍ୟ ଆରମ୍ଭ କରିଥିଲେ । ଗତ ୬ ବର୍ଷ ମଧ୍ୟରେ ଶିଳ୍ପ ଉନ୍ନୟନ କର୍ପୋରେସନ୍ ପକ୍ଷରୁ ଚୌଦ୍ୱାରଠାରେ ଏକ ବଇଟ ଟାଇଲ କାରଖାନା, ବରଗଡ଼ଠାରେ ଏକ ସିମେଣ୍ଟ କାରଖାନା, ହୀରାକୁଦଠାରେ ଗୋଟିଏ କେବଲ୍ କାରଖାନା ଏବଂ ଗୋଟିଏ ରିରୋଲିଙ୍ଗ ମିଲ୍ ନିର୍ମିତ ହୋଇ ଉତ୍ପାଦନ ଆରମ୍ଭ ହୋଇଅଛି । ଗତ ୧୯୬୭ ମସିହା ପ୍ରାରମ୍ଭରେ ଯାଜପୁର ରୋଡ଼ ନିକଟରେ ଏକ ଫେରୋକ୍ରୋମ୍ କାରଖାନାର ନିର୍ମାଣ ଆରମ୍ଭ କରାଯାଇଛି ।

କଳିଙ୍ଗ ଆଇରନ ୱାର୍କସର ସଂପ୍ରସାରଣ କରାଯାଉ-ଅଛି । ଏଠାରୁ ବାର୍ଷିକ ଲୌହପିଣ୍ଡ (ପିଗ୍ ଆଇରନ) ଉତ୍ପାଦନର ପରିମାଣ ୩୦ ହଜାର ଟନରୁ ୧ ଲକ୍ଷ ଟନକୁ ବୃଦ୍ଧି କରାଯିବ । ଏଠାରୁ ବାର୍ଷିକ ୩୬ ହଜାର ଟନ ଲୁହାଢଳେଇ ସ୍ପନ ପାଇପ୍ ଓ ୫ ହଜାର ଟନ ଆଧୁନିକ ଧରଣର ଲୁହାଢଳେଇ ଜିନିଷ ଉତ୍ପାଦନ କରିବାର ଯୋଜନା ମଧ୍ୟ ଅଛି । ଏହି କାରଖାନାର ତାପଜ ବିଦ୍ୟୁତ୍ କେନ୍ଦ୍ରର ସଂପ୍ରସାରଣ ପରେ ୧୨ ମେଗାୱାଟ୍ ବିଦ୍ୟୁତ ଶକ୍ତି ଉତ୍ପାଦିତ ହେବ ।

ଚୌଦ୍ୱାରଠାରେ ଏହି କର୍ପୋରେସନ ୨୫ ଲକ୍ଷ ଟଙ୍କା ମୂଳଧନରେ ଏକ ଅତ୍ୟାଧୁନିକ ଟାଇଲ କାରଖାନା ନିର୍ମାଣ କରିଅଛି । ଏଠାରୁ ଉତ୍ପାଦିତ ଗୃହ ନିର୍ମାଣ ଉପଯୋଗୀ ଟାଇଲ ଓଡ଼ିଶାର ବିଭିନ୍ନ ସହର ତଥା ପୁରପଲ୍ଲୀରେ ବ୍ୟବହୃତ ଓ ଆଦୃତ ହେଉଛି ।

ଓଡ଼ିଶା ସରକାରଙ୍କର ହୀରାକୁଦ ବନ୍ଧ କାର୍... ହେଉଥିବା ବେଳେ ନିର୍ମିତ ଇଞ୍ଜିନିୟରିଂ ୱାର୍କସର୍... କର୍ପୋରେସନ୍ ୧୯୬୨ ମସିହାରେ ଖରିଦ କ... ଏହି କାରଖାନାରେ ଗୋଟିଏ ଗାଲଭାନାଇଜିଂ ପ୍ଲା... ସ୍ଥାପିତ କରି କାରଖାନାକୁ ସଂପ୍ରସାରିତ ଓ... ଆଧୁନିକୀକରଣ କରାଯାଇଛି । ଏଠାରୁ ବିଭିନ୍ନ ଧରଣ... କ୍ଷେତ୍ର ଯନ୍ତ୍ରପାତି ଯଥା—ରୋଡ଼ ରୋଲର, ଅଖା ଫିଡର... ଲୁହାଗେଟ ଏବଂ ଟ୍ରାନ୍ସମିସନ ଲାଇନ ଟାୱାର... ଉତ୍ପାଦିତ ହେଉଅଛି ।

ବରଗଡ଼ ସ୍ଥିତ ସିମେଣ୍ଟ କାରଖାନା ୬ କୋଟି ୩୬ ଲକ୍ଷ ଟଙ୍କାରେ ନିର୍ମିତ ହୋଇଅଛି । ଏଠାରୁ ଦୈନିକ ୧୨ ଶହ ଟନ ପରିମାଣର ପୋର୍ଟଲ୍ୟାଣ୍ଡ ସିମେଣ୍ଟ ଉତ୍ପାଦନ କରିବାର ବ୍ୟବସ୍ଥା ହୋଇଅଛି । ଏଠାରୁ ବାର୍ଷିକ ୪ ଲକ୍ଷ ଟନ ପରିମାଣର ସିମେଣ୍ଟ ଉତ୍ପାଦନ ହୋଇପାରିବ । ଏହି କାରଖାନା ପ୍ରଥମ ପର୍ଯ୍ୟାୟରେ ଦୈନିକ ୬ ଶହ ଟନ ସିମେଣ୍ଟ ଉତ୍ପାଦନ କରୁଅଛି । ବର୍ତ୍ତମାନ ଓଡ଼ିଶାର IDCOL ମାର୍କା ହସ ସିମେଣ୍ଟ ରାଜ୍ୟ ଭିତରେ ତଥା ରାଜ୍ୟ ବାହାରେ ସୁପରିଚିତ ।

କର୍ପୋରେସନ୍ ହୀରାକୁଦଠାରେ ଗୋଟିଏ କେବଲ କାରଖାନା ୨ କୋଟି ୨୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରିଅଛି । ଏଠାରୁ ବାର୍ଷିକ ୩ ଶହ ଟନ ପରିମାଣର ଏସ୍. ସି. ଏସ୍. ଆର. ଏବଂ ଏ. ଏସ୍ ସି. ଧରଣର କେବଲ୍ ଏବଂ ୭୭୦ ଟନ୍ ପରିମାଣର ୱାଇଣ୍ଡିଂ (ସୁପରଏନାମେଲଡ) ତାର ଉତ୍ପାଦନ କରାଯିବାର ବ୍ୟବସ୍ଥା ହୋଇଅଛି । ୧୯୬୮ ମସିହା ପ୍ରାରମ୍ଭରୁ ଏହାର ଉତ୍ପାଦନ କାର୍ଯ୍ୟ ଆରମ୍ଭ ହୋଇଛି । ଏଠାରେ ନିର୍ମିତ ହୋଇଥିବା ରିରୋଲିଂ କାରଖାନାରୁ ବାର୍ଷିକ ୧୫ ହଜାର ଟନ ପରିମାଣର ଲୁହାରଡ଼, ବାର, ଆଙ୍ଗଲ ଜଏଷ୍ଟ ଓ ଚ୍ୟାନେଲ ଉତ୍ପାଦନ

ଅବଶିଷ୍ଟାଂଶ ୩୯ ପୃଷ୍ଠା ଦେଖନ୍ତୁ



ଓଡ଼ିଶାର ରାଜ୍ୟପାଳ ଡକ୍ଟର ଏସ୍. ଏସ୍. ଅନ୍ସାରୀ ଚଳିତ ମାସ ୬ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ଓଡ଼ିଶା ଇଞ୍ଜିନିୟରିଂ କଂଗ୍ରେସ ଅଧିବେଶନରେ ଉଦ୍‌ବୋଧନ ଦେଉଛନ୍ତି

## ଚଳନ୍ତି ସମ୍ବାଦ

ଦିଲ୍ଲୀ ସ୍ଥିତ ନ୍ୟାସନାଲ ବୁକ୍ ଟ୍ରଷ୍ଟର ଚେୟାରମ୍ୟାନ୍ ଡକ୍ଟର ବି. ଭି. କେଶକାର ୧୯୬୮ ମସିହା ଡିସେମ୍ବର ୨୯ ତାରିଖ ଦିନ ସେକ୍ରେଟେରିଏଟ କନ୍‌ଫରେନ୍ସ ହଲଠାରେ ଲେଖକ, ସାହିତ୍ୟିକ, ଶିକ୍ଷକ ଓ ପ୍ରକାଶକମାନଙ୍କୁ ସାକ୍ଷାତ କରିଥିଲେ । ସାଂସ୍କୃତିକ ବ୍ୟାପାର ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ଶିଳ୍ପ ଓ ବାଣିଜ୍ୟ ବିଭାଗ ମନ୍ତ୍ରୀ ଶ୍ରୀ ହରିହର ପଟେଲ, ଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀ ବନମାଳି ପଟ୍ଟନାୟକ ପ୍ରମୁଖ ସାକ୍ଷାତ ସମୟରେ ଉପସ୍ଥିତ ଥିଲେ ।





ଓଡ଼ିଶାର ରାଜ୍ୟପାଳ ଡକ୍ଟର୍ ଏସ୍. ଏସ୍. ଆନ୍‌ସାରୀ ବହାରର ରାଜ୍ୟପାଳ ଶ୍ରୀ ନିତ୍ୟାନନ୍ଦ କାନନ୍‌ଗୋଙ୍କୁ ଗତ ଡିସେମ୍ବର ୧୮ ତାରିଖ ଦିନ ଏକ ସନ୍ଧ୍ୟା ଭୋଜିରେ ଭୁବନେଶ୍ୱରସ୍ଥ ଷ୍ଟେଟ ଗେଷ୍ଟ ହାଉସରେ ସାକ୍ଷାତ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ଓ ଉପମୁଖ୍ୟମନ୍ତ୍ରୀ ଶ୍ରୀ ପବିତ୍ର ମୋହନ ପ୍ରଧାନ ମଧ୍ୟ ଶ୍ରୀ କାନନ୍‌ଗୋଙ୍କୁ ସାକ୍ଷାତ କରିଥିଲେ ।

## ଚିତ୍ରେ ସମ୍ବାଦ

ପୋଲାଣ୍ଡ ସରକାରଙ୍କର ସାଂସ୍କୃତିକ ବିଭାଗ ମନ୍ତ୍ରୀ ମିଷ୍ଟର ଏଲ୍. ମୋଟିକା ଏବଂ ଅର୍ଥନୈତିକ ସମବାୟ ବୈ ମନ୍ତ୍ରୀ ମିଷ୍ଟର କେ. ଓଲସ୍ କେଢ୍ୱଙ୍ଗଙ୍କୁ ଓଡ଼ିଶାର ଶିକ୍ଷା ମନ୍ତ୍ରୀ ଶ୍ରୀ ବନମାଳି ପଟ୍ଟନାୟକ ଓ ସାଂସ୍କୃ ବ୍ୟାପାର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ଭୁବନେଶ୍ୱର ଉଡ଼ାଜାହାଜ ପଡ଼ିଆଠାରେ ସ୍ୱାଗତ କରୁଛନ୍ତି ।





ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓଙ୍କ ଅଧ୍ୟକ୍ଷତାରେ ୧୯୬୮ ମସିହା ଡିସେମ୍ବର ୨୮ ତାରିଖ ଦିନ ଭୁବନେଶ୍ୱରସ୍ଥିତ ସଚିବାଳୟ କନ୍‌ଫରେନ୍‌ସ ରୁମଠାରେ ଅନୁଷ୍ଠିତ ହୋଇଥିବା ହରିଜନ କଲ୍ୟାଣ ଉପଦେଷ୍ଟା ବୋର୍ଡର ଅଧିବେଶନ ।

## ଚିତ୍ରେ ସମ୍ବାଦ

ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଏନ. ରାମଶେଷାୟା ଗତ ଡିସେମ୍ବର ୧୫ ତାରିଖ ଦିନ ସପ୍ତ-ଶଯ୍ୟା ବିଶିଷ୍ଟ ଗୋଟିଏ ହୋମିଓପାଥିକ ନର୍ସିଂହୋମ୍ ଉଦକଠାରେ ଉଦ୍‌ଘାଟନ କରୁଛନ୍ତି ।







ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠି ପାଇଁ ପାଣ୍ଠି ଉଠାଇବା ଉଦ୍ଦେଶ୍ୟରେ ୧୯୭୮ ଡିସେମ୍ବର ୭ ତାରିଖ ଦିନ ଭୁବନେଶ୍ୱରସ୍ଥ ନାରୀ ମହଲର ସଭ୍ୟମାନଙ୍କଦ୍ୱାରା ନାରୀ ମହଲଠାରେ ଗୋଟିଏ ମୀନାମଣ୍ଡଳୀ ଆୟୋଜିତ ହୋଇଥିଲା । ମୀନାବଜାରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ ପରିଭ୍ରମଣ କରୁଛନ୍ତି ।

## ଟିକେ ସମ୍ବାଦ

ବରବାଟିଠାରେ ଏକ ସାଧାରଣ ସଭାରେ ଯୋଜନା ଓ ଅର୍ଥ ବିଭାଗ ଉପମନ୍ତ୍ରୀ ଶ୍ରୀ କାର୍ତ୍ତିକ ଚନ୍ଦ୍ର ମାଝୀ ୧୯୭୮ ମସିହା ଡିସେମ୍ବର ୮ ତାରିଖ ଦିନ ଉଦ୍‌ବୋଧନ ଦେଇଥିଲେ । ସ୍ୱଳ୍ପ ସଞ୍ଚୟ ପକ୍ଷ ପାଳନ ଉଦ୍ଦେଶ୍ୟରେ ଏହି ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।





ଉମରକୋଟର ଆଦିବାସୀ ଓ ଶରଣାର୍ଥୀ ବାସନ୍ଦାକୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀ ପବିତ୍ରମୋହନ ପ୍ରଧାନ ଦଣ୍ଡକାରଣ୍ୟ ପ୍ରୋଜେକ୍ଟ ପରିଦର୍ଶନ କରି ଯାଇଥିବା ସମୟରେ ଉଦ୍‌ବୋଧନ ଦେଉଛନ୍ତି ।

## ଚିତ୍ରେ ସମ୍ବାଦ

ଜେ. କେ. ପେପର ମିଲସ୍‌ର ଶ୍ରମିକ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ଓଡ଼ିଶାର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ଶ୍ରୀ ହରିହର ପଟେଲ ଉଦ୍‌ବୋଧନ ଦେଉଛନ୍ତି । ବୃତ୍ତି ବଷଗ ସେକ୍ରେଟେରୀ ଶ୍ରୀ ଏ. ପି. କପୁର ତାଙ୍କ ବାମ ଭାଗରେ ଅଛନ୍ତି ।





ଗତ ଡିସେମ୍ବର ମାସ ୧୦ ତାରିଖ ଦିନ ସାଂସ୍କୃତିକ ବ୍ୟାପାର ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ଶାନ୍ତିକର ଦେବଙ୍କଦ୍ୱାରା ପ୍ରଚଳିତ କେତେକ ମୁଦ୍ରା ଓ ତାମ୍ର ଫଳକ ସାମ୍ବାଦିକମାନଙ୍କ ଆଗରେ ଉପସ୍ଥାପନ କରୁଛନ୍ତି । ଢେଙ୍କାନାଳ ଜିଲ୍ଲାର ଅନୁଗୋଳ ନିକଟସ୍ଥ ଲକେଇପୋଷିଠାରୁ ଏଗୁଡ଼ିକ ଆବିଷ୍କୃତ ହୋଇଛି ।

## ଟିକେ ସମ୍ବାଦ

ଗତ ଡିସେମ୍ବର ମାସ ୧୦ ତାରିଖ ଦିନ କଟକର କଳିଙ୍ଗ ବ୍ୟାୟାମ ସମିତି ତରଫରୁ କେତେ
କୌଶଳ ପ୍ରଦର୍ଶନ କରାଯାଇଥିଲା । ସାଂସ୍କୃତିକ ବ୍ୟାପାର ବିଭାଗ ତରଫରୁ ଆୟୋଜିତ ଏ
ପ୍ରତିଯୋଗିତାରେ ଓଡ଼ିଶା ବିଧାନ ସଭାର ବାଚସ୍ପତି ଶ୍ରୀ ଏନ୍. କେ. ମିଶ୍ର ଓ ସାଂସ୍କୃତିକ ବ୍ୟାପାର ବି
ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ଯଥାକ୍ରମେ ସଭାପତି ଓ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ।





ଖସ୍ତଗଡ଼ାଠାରେ ଜଙ୍ଗଲ ବିଭାଗର ଇଉକାଲିପଟସ୍ ଗଛର ବଗିଚା ଶିଳ୍ପ, ବାଣିଜ୍ୟ ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ଶ୍ରୀ ହରହର ପଟେଲ ପରିଦର୍ଶନ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ଚଳିତ ମାସ ୨ ତାରିଖ ଦିନ ଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀ ବନମାଳି ପଟ୍ଟନାୟକ ଭୁବନେଶ୍ୱରଠାରେ ମହିଳା ମହାବିଦ୍ୟାଳୟ ଉଦ୍‌ଘାଟନ କରୁଛନ୍ତି ।






ବର୍ଷ ପ୍ରାରମ୍ଭରେ ଡାକ ଓ ତାର ବିଭାଗ ତରଫରୁ ସର୍ବ ପ୍ରଥମ ଥର ପାଇଁ ଭାରତୀୟ ପକ୍ଷୀମାନଙ୍କ ଚିତ୍ର ଥାଇ ଚାରିଗୋଟି ଡାକ ଟିକଟ ପ୍ରଚଳନ କରାଯାଇଛି । ସେଗୁଡ଼ିକ ହେଲା: ଜେକପ୍ରିସ୍ ନୀଳକଣ୍ଠ ପକ୍ଷୀ ଚିତ୍ରଥିବା ୨୦ ପଇସା ବିଶିଷ୍ଟ ଟିକଟ, କାଠ ଜାସ୍ ପକ୍ଷୀ ଚିତ୍ରଥିବା ୫୦ ପଇସା ବିଶିଷ୍ଟ ଟିକଟ, ଡହୋଲ୍ଲିବା ପକ୍ଷୀ ଚିତ୍ର ଥିବା ଏକ ଟଙ୍କା ବିଶିଷ୍ଟ ଟିକଟ ଓ ଶଙ୍କର ଶୋଭା ପକ୍ଷୀ ଚିତ୍ରଥିବା ଦୁଇଟଙ୍କା ବିଶିଷ୍ଟ ଟିକଟ ।

## ଟିକେ ସମ୍ବାଦ

ସଂଚୟ ଗ୍ରାମ ରୂପେ ଉଦ୍‌ଘାଟିତ ହୋଇଥିବା 'ପିପଲ ପଦର' ଗ୍ରାମର ଗୋଟି
ବାଳକାକୁ କଳାହାଣ୍ଡି ଜିଲ୍ଲା କଲେକ୍ଟର ଶ୍ରୀ ଏସ୍, କେ. ବସୁ, ଆଇ. ଏ. ଏ
ଗୋଟିଏ ଡାକ ସଂଚୟ ପାସ୍ ବହି ଦେଉଛନ୍ତି ।





ଭୁବନେଶ୍ୱରରେ ଦ୍ୱାଦଶ ଭାରତୀୟ ଷ୍ଟାଣ୍ଡାର୍ଡ଼ କନ୍‌ଭେନ୍‌ସନ୍

ଡିସେମ୍ବର ମାସ ୧୪ ତାରିଖ ଦିନ ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ଏସ୍. ଏସ୍. ଆନସାରୀ ଉଦ୍‌ଘାଟନୀ ଅଭିଭାଷଣ ଦେଇଛନ୍ତି ।

ଚଟକେ-ସମ୍ବାଦ

ଷ୍ଟାଣ୍ଡାର୍ଡ଼ କନ୍‌ଭେନ୍‌ସନ୍‌ର ସାଧାରଣ ଅଧିବେଶନ ଶିଳ୍ପ ବିଭାଗ ମନ୍ତ୍ରୀ ଶ୍ରୀ ହରିହର ପଟେଲ ଡିସେମ୍ବର ୧୬ ତାରିଖ ଦିନ ଉଦ୍‌ଘାଟନ କରିଥିଲେ ।





ଚଳିତ ମାସ ୮ ତାରିଖରେ ସପ୍ତବିଂଶ ଓଡ଼ିଶା ପୋଲିସ କ୍ରୀଡ଼ା ଉତ୍ସବରେ ଦଳଗତ କୃତୀତ୍ୱ ପ୍ରଦର୍ଶନ କରିଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ କୋରାପୁଟ ଜିଲ୍ଲାକୁ ପୁରସ୍କାର ସ୍ୱରୂପ ସିଲ୍ଡ ପ୍ରଦାନ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ସଚିବାଳୟସ୍ଥ କନ୍‌ଫରେନ୍‌ସ ରୁମ୍‌ଠାରେ ଡିସେମ୍ବର ୬ ତାରିଖ ଦିନ ପରିବାର ନିୟନ୍ତ୍ରଣ ପକ୍ଷ ଉପଲକ୍ଷେ ସ୍ୱାସ୍ଥ୍ୟ ଉପମନ୍ତ୍ରୀ ଶ୍ରୀ ଗୋବିନ୍ଦ ମୁଣ୍ଡା ସାମ୍ବାଦିକମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।





ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ଦ୍ୱାରା ଦଣ୍ଡକାରଣ୍ୟ ପ୍ରୋଜେକ୍ଟର ମାଲକାନଗିରି ଅଞ୍ଚଳରେ ପୋଟେରୁ ନଦୀ ଉପରେ ନବ ନିର୍ମିତ ପୋଲ ଉଦ୍‌ଘାଟନ କରି ତାକୁ ଉତ୍କଳମଣି ଗୋପବନ୍ଧୁ ସେତୁ ନାମରେ ନାମିତ କରିଥିଲେ ।

## ବିବିଧ ସମ୍ବାଦ

ଘରୋଇ ବିଭାଗର ସାଂସ୍କୃତିକ ସଂଗଠନ ଦ୍ୱାରା ରବୀନ୍ଦ୍ର ମଣ୍ଡପଠାରେ ଅଭିନୀତ ହୋଇଥିବା 'ଅଗ୍ନି ଓ ବାଲି' ଶୀର୍ଷକ ଏକ ନାଟକ ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗତ ମାସ ୯ ତାରିଖ ଦିନ ଉଦ୍‌ଘାଟିତ ହୋଇଥିଲା । ଡକ୍ଟର ହରେକୃଷ୍ଣ ମହତାବ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ତାଙ୍କ ବାମ ଭାଗରେ ଘରୋଇ ବିଭାଗ ସେକ୍ରେଟେରୀ ଶ୍ରୀ ବି. ବି. ରଥ, ଆଇ.ଏ.ଏସ୍ ଉପସ୍ଥିତ ଅଛନ୍ତି ।





୯ ଜଣିଆ ଗୋଟିଏ ବେଲ୍‌ଜିଆନ୍ ପର୍ଯ୍ୟଟକ ଦଳ ନଭେମ୍ବର ମାସରେ ଓଡ଼ିଶାକୁ ଆସି ଭୁବନେଶ୍ୱର, ପୁରୀ ଓ କୋଣାର୍କ ପରିଦର୍ଶନ କରିଥିଲେ । ଭୁବନେଶ୍ୱରର ଉଡ଼ାଜାହାଜ ପଡ଼ିଆରେ ଥିବା ପର୍ଯ୍ୟଟନ କାଉଣ୍ଟରରେ ଓଡ଼ିଶାର ଶିଳ୍ପଜାତ ପଦାର୍ଥ ସେମାନେ ଆଗ୍ରହର ସହିତ ଦେଖୁଛନ୍ତି ।

## ଶତେ ସମ୍ବାଦ

ଭାରତ ଗାନ୍ଧୀ ଜନ୍ମ ଶତବାର୍ଷିକୀ ବର୍ଷରେ ଅଷ୍ଟ୍ରିଆ ଦେଶର 'ସେରଭସ' ଅନୁଷ୍ଠାନର ସଭ୍ୟଥିବା ଗୋଟିଏ ପର୍ଯ୍ୟଟକ ଦଳ ଏ
ଆସିଛନ୍ତି । ରାଜ୍ୟ ଗାନ୍ଧୀ ଶତବାର୍ଷିକୀ କମିଟିର ସେକ୍ରେଟେରୀମାନଙ୍କ ଉଦ୍ୟମରେ ରାଜ୍ୟ ପାନ୍ଥଶାଳାରେ ସେମାନଙ୍କ ଫଟୋ ନିଆଯା





ଳାହାଣ୍ଡି ଜିଲ୍ଲା କଲେକ୍ଟର ଶ୍ରୀ ଏସ୍. କେ ବସୁ ସିନାପାଲି ପଞ୍ଚାୟତ ସମିତି ସ୍ୱଳ୍ପ ସଞ୍ଚୟ ସିକ୍ୟୁରିଟି ମାଧ୍ୟମରେ ସର୍ବାଧିକ ଅର୍ଥ ଖଟାଇ ଥିବାରୁ ଉକ୍ତ ସମିତିର ଚେୟାରମ୍ୟାନଙ୍କୁ ରନିଂ ସିଲ୍ଡ ପ୍ରଦାନ କରୁଛନ୍ତି ।

## ଚିତ୍ରେ ସମ୍ବାଦ

କଳାହାଣ୍ଡି ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ପି. ସି. ପଣ୍ଡା, ସ୍ୱଳ୍ପ ସଞ୍ଚୟ ପକ୍ଷ ଉଦ୍‌ଘାଟନ ଉତ୍ସବରେ, ଜିଲ୍ଲାର ସମସ୍ତ ସ୍କୁଲମାନଙ୍କ ମଧ୍ୟରେ ରାଜା ଅଠିଗ୍ରାମ ହାଇସ୍କୁଲ ସର୍ବାଧିକ ପରିମାଣ ଅର୍ଥ ସ୍ୱଳ୍ପ ସଞ୍ଚୟ ଖାତାରେ ଖଟାଇ ପାରିଥିବାରୁ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ରନିଂ ସିଲ୍ଡ ପ୍ରଦାନ କରୁଛନ୍ତି ।





ବାଣୀବିହାରଠାରେ ଚଳିତ ମାସ ୯ ତାରିଖ ଦିନ ପଞ୍ଚଦଶ ସମାବର୍ତ୍ତନ ଉତ୍ସବରେ କେନ୍ଦ୍ର ପରିବହନ ମନ୍ତ୍ରୀ ଡକ୍ଟର ଶ୍ରୀ. କେ. ଆର୍. ଭି. ରାଓ ଉଦ୍‌ବୋଧନ ଦେଉଛନ୍ତି ।

## ଚିତ୍ରରେ ସମ୍ବାଦ

ଆମେରିକା ଆନ୍ତର୍ଜାତିକ ଫାର୍ମ ଯୁବ ପ୍ରତିନିଧି ଦଳର ମଧ୍ୟବର୍ତ୍ତୀକାଳୀନ ସମ୍ମିଳନୀ ଚଳିତ ମାସ ୩ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତିରାଜ ଓ ଗୋଷ୍ଠୀ ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀ ରାଜବଲ୍ଲଭ ମିଶ୍ର ଉଦ୍‌ଘାଟନ କରି ଉଦବୋଧନ ଦେଉଛନ୍ତି ।



ଗୌରଚନ୍ଦ୍ର ଦାଶଗୁପ୍ତ

# ଓଡ଼ିଶାର 'ପଟ୍ଟଚିତ୍ର'

ପୁରୀ ଜିଲ୍ଲାରେ ବହୁ ପ୍ରକାର ହସ୍ତଶିଳ୍ପ ଦେଖାଯାଏ । ଠାକାର ଶିଳ୍ପୀମାନେ 'ପଟ୍ଟଚିତ୍ର' ନାମକ ଏକ ସ୍ତଶିଳ୍ପରେ ମଧ୍ୟ ସେମାନଙ୍କର ପାରଦର୍ଶିତା ଦେଖାଇ ପାରିଛନ୍ତି । ପଟ୍ଟଚିତ୍ର ଯଥାର୍ଥରେ ଏକ ରମ୍ପରାଗତ କଳା-ବିଦ୍ୟା ପ୍ରତ୍ନତାତ୍ତ୍ୱିକ ସନ୍ଧାନରୁ ଦେଖାଯାଏ ଯେ ଓଡ଼ିଶାରେ ଏହିପରି ଚିତ୍ରାଙ୍କନ ଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରେ ମଧ୍ୟ ଥିଲା । କେନ୍ଦୁଝରର ଲ୍ଲାର ସୀତାବିଂଜି ଗ୍ରାମରେ ଅବସ୍ଥିତ ରାବଣ ଗୁମ୍ଫାରେ ଯେଉଁ ରୋଶନାଇ ଚିତ୍ରର ସନ୍ଧାନ ମିଳିଛି ତାହା କପ୍ରକାର ଅଜନ୍ତାର ଫ୍ରେସ୍କୋ ଚିତ୍ରପରି ହେଲେ ଧ୍ୟ ଏହି ଚିତ୍ରକଳାରେ ଓଡ଼ିଶୀ ଚିତ୍ରାଙ୍କନର ଆକାର ଓ ବିନ୍ୟାସ ପ୍ରଣାଳୀର ଆଦର୍ଶଗତ ମେଳ ରହିଛି । ଡ଼ିଶାରେ ବହୁ ପୁରୁଣା ତାଳପତ୍ର ଚିତ୍ରର ସନ୍ଧାନ ଳିଛି ଏବଂ ସେଗୁଡ଼ିକ ଖ୍ରୀଷ୍ଟାବ୍ଦ ଏକାଦଶ ଠାରୁ ଶ ଶତାବ୍ଦୀର ବୋଲି ଧରାଯାଏ । କିନ୍ତୁ ଏହି ଚିତ୍ର-ଗୁଡ଼ିକରେ ଷୋଡ଼ଶ ଶତାବ୍ଦୀର ପରବର୍ତ୍ତୀକାଳର ତ୍ରାଙ୍କନ ସହିତ କୌଣସି ବିଶେଷ ସାଦୃଶ୍ୟ ନାହିଁ । ଞ୍ଜାମ ଜିଲ୍ଲାର ବୁଗୁଡ଼ାରେ ଥିବା ବିରଞ୍ଚିନାରାୟଣ ନ୍ଦିରର କାନ୍ଥର ଚିତ୍ରଗୁଡ଼ିକ ଷୋଡ଼ଶ ଶତାବ୍ଦୀର ତ୍ରକଳା ବୋଲି ଧରାଯାଏ । କିନ୍ତୁ ପୁରୀ ଦେଉଳ ରାସର ଚିତ୍ରଗୁଡ଼ିକ ଚୂନ ପଲସ୍ତରା ବ୍ୟବହାର ହେବା ପରେହିଁ ହୋଇଛି । ଏଗୁଡ଼ିକ ସପ୍ତଦଶ ଶତାବ୍ଦୀର । ଏହି ଚୂନ ପଲସ୍ତରା ଉପରେ ଯେଉଁ ଚିତ୍ର ଅଙ୍କନ କରାଯାଇଛି ସେଗୁଡ଼ିକ ଅପୂର୍ବ । ସେ ସମୟରେ ଖାନ୍‌ଦାନ୍ ଗୃହରେ ବାହାର କାନ୍ଥ ଉପରେ ବିଶେଷ ଭାବରେ ଚିତ୍ରାଙ୍କନ କରିବା ଏକ ପ୍ରକାର ଆଭିଜାତ୍ୟର ପରିପ୍ରକାଶ ବୋଲି ଧରାଯାଉଥିଲା । ବର୍ତ୍ତମାନ ମଧ୍ୟ କେତେକ ଗ୍ରାମରେ ଏପରି ଚିତ୍ରାଙ୍କନ ଦେଖିବାକୁ ମିଳେ ।

ଚିତ୍ରକରମାନେ ସେମାନଙ୍କର ଚିତ୍ରକଳାକୁ ଏକ ଗୁପ୍ତବିଦ୍ୟା ଭାବରେ ରଖିଥିବାରୁ ଏହା କାଳକ୍ରମେ ବିଲୁପ୍ତ ହେବାକୁ ଯାଉଥିଲା । ସେମାନେ ପେଟ ପୋଷିବାକୁ ଅନ୍ୟାନ୍ୟ କାମକରୁଥିଲେ ମଧ୍ୟ ନିଜର ଖୁସି ମୁତାବକ ଚିତ୍ରାଙ୍କନ କରି ଯେପରି ଆନନ୍ଦ ପାଉଥିଲେ ସେହିପରି କିଛି କିଛି ରୋଜଗାର ମଧ୍ୟ କରୁଥିଲେ । ଏପରି ଭାବେ ଏ ଶିଳ୍ପବିଦ୍ୟା ଆଜିସୁଦ୍ଧା ବଞ୍ଚି ରହିଛି । ଏବେ ମଧ୍ୟ ବ୍ରାହ୍ମଣ ସମ୍ପ୍ରଦାୟଙ୍କର ବିବାହ ଓ ବ୍ରତ ଇତ୍ୟାଦି ଶୁଭ କର୍ମବେଳେ ଘର କାନ୍ଥମାନଙ୍କରେ ଚିତ୍ରାଙ୍କନ କରିବା ଏକ ପ୍ରକାର ପ୍ରଥା ହିସାବରେ ରହିଛି ।

ସ୍ୱାଧୀନତା ପରେ ପରେ ଅନ୍ୟାନ୍ୟ ଭାରତୀୟ ହସ୍ତଶିଳ୍ପ ପରି ଏହି 'ପଟ୍ଟଚିତ୍ର' ଶିଳ୍ପ ମଧ୍ୟ ତାର ପୂର୍ବ ଗୌରବ ଫେରି ପାଇଛି । ପୂର୍ବରେ କନା ଉପରେ ତେନ୍ତୁଳ ମଞ୍ଜି ଅଠା ଲଗାଇ ପଟି ତିଆରିକରି କିମ୍ବା ଘରର କାନ୍ଥ ଉପରେ ଏହି ଚିତ୍ରାଙ୍କନ କରା-



'ପଟ୍ଟଚିତ୍ର'ର ଏକ ନମୁନା (କାଞ୍ଚି ବିଜୟ)

ଯାଉଥିଲା । କିନ୍ତୁ ବର୍ତ୍ତମାନ ଅନ୍ୟାନ୍ୟ ବହୁ ପ୍ରକାର ବସ୍ତୁ ଉପରେ ଗବେଷଣା ଓ ପରୀକ୍ଷା କରାଯାଇ ସଫଳତା ମିଳିଛି । ଏହା ବ୍ୟତୀତ ଖାଲି ପଟି ଉପରେ ଚିତ୍ର କରିବା ପେଶାର ଚିତ୍ରାଙ୍କନର ପ୍ରୟୋଜନୀୟ ମୂଲ୍ୟବୋଧ ଉପରେ ମଧ୍ୟ ନଜର ଦିଆଯାଉଥିବାରୁ ବର୍ତ୍ତମାନ ଏହି ଚିତ୍ରାଙ୍କନ ନାନାଦି ଉପହାର ଓ

ବ୍ୟବହାର ସାମଗ୍ରୀ ଯଥା : ଯୌତୁକ ...
ଫୁଲଦାନୀ, ଟେବୁଲ ଲ୍ୟାମ୍ପ, ପାଉଡ଼ର ...
ସିଗାରେଟ ଡବା, ଅଭିନନ୍ଦନ ପତ୍ର ଇତ୍ୟାଦି ...
ପ୍ରୟୋଜନୀୟ ଦ୍ରବ୍ୟ ଉପରେ ଦେଖିବାକୁ ମିଳୁ...
ସରଳ ଓ ମସୃଣ ରେଖା ପ୍ରବାହ ସହିତ ଏ...

ମୂଳକ ଫୁଲ ଓ ନକ୍ସା ଗୁଡ଼ିକରେ ଉଜ୍ଜ୍ୱଳ ଓ ମ... ରଙ୍ଗ ମିଶ୍ରିତ ଥିବାରୁ ଏହି ଚିତ୍ରଗୁଡ଼ିକ ଅତୀବ ମନୋ... ଓ ଲୋଭନୀୟ ହୋଇ ସାଧାରଣ ଲୋକଙ୍କୁ ... ଆକୃଷ୍ଟ କରିଥାଏ ।

ଶାମୁକା ବଟା ଧଳା ରଙ୍ଗର ପ୍ରଲେପ ଉପ... ଦେଶୀ ରଙ୍ଗ ସହିତ କଇଥ ଅଠା ମିଶାଇ ଚିତ୍ରା...

...ବିବା ପଦ୍ଧତି ରହିଛି । ଚିତ୍ରକରମାନେ ସାଧାରଣତଃ ...ରି ପ୍ରକାର ରଙ୍ଗ ଯଥା : କଳା, ଧଳା, ନାଲି ଓ ...ଳଦିଆ ରଙ୍ଗ 'ପଟ୍ଟଚିତ୍ର' ପାଇଁ ବ୍ୟବହାର ...ରିଥାନ୍ତି । କାଠ କିମ୍ବା ମାଟି ଜିନିଷ ଅଥବା କନା ...ପରେ ତେନ୍ତୁଳି ଅଠା ଓ ଖଡ଼ି ଗୁଣ୍ଡ ଘୁଣ୍ଟି ପ୍ରଥମରେ ...ତ୍ର ପାଇଁ ପୃଷ୍ଠଭୂମି ତିଆରି ହୋଇଥାଏ । ପଟି ...ଆରିରେ ବିଶେଷ କୌଶଳ ଆୟତ୍ତ କରିବା ଆବଶ୍ୟକ । ସାଧାରଣତଃ ଚିତ୍ରକର ଘରର ମହିଳା-ମାନେ ବହୁଦିନ ଏହି କାମ କଲେ ବିଶେଷ ଅଭିଜ୍ଞତା ...ଞ୍ଚୟ କରିଥାନ୍ତି । ବାୟୁମଣ୍ଡଳର ଆର୍ଦ୍ରତାରୁ ...ତ୍ରଗୁଡ଼ିକୁ ରକ୍ଷା କରିବା ପାଇଁ ସେଗୁଡ଼ିକ ଉପରେ ...ଖ ଲେପି ଦିଆ ଯାଇଥାଏ ।

ପୁରୀ ସହର ଓ ତନ୍ନିକଟବର୍ତ୍ତୀ ଚନ୍ଦନପୁର ଗ୍ରାମରେ ପ୍ରାୟ ତିରିଶ ଘର କାରିଗର ବାସ କରୁଛନ୍ତି । ରାଜସ୍ଥାନର କାଙ୍ଗ୍ରା-ଚିତ୍ର କିମ୍ବା ବଙ୍ଗଦେଶର ଲୋକ-ଶିଳ୍ପ ସହିତ ଓଡ଼ିଶାର ଚିତ୍ରାଙ୍କନଧାରାର ସାଦୃଶ୍ୟ ଥିଲେ ମଧ୍ୟ ଏହାର ସ୍ୱାତନ୍ତ୍ର୍ୟ ରହିଛି ଏବଂ ଏହି ଚିତ୍ରାଙ୍କନ କେବଳ ଚିତ୍ର ହୋଇ ଶୋଭା ନପାଇ ପ୍ରୟୋଜନୀୟ ଦ୍ରବ୍ୟ ଉପରେ ଅଙ୍କିତ ହୋଇପାରୁ-ଥିବାରୁ ଏହାର ମୂଲ୍ୟବୋଧ ବ୍ୟାପକ ହୋଇପଡ଼ିଛି । ପାରମ୍ପରିକ ଚିତ୍ର-କଳାର ସୌନ୍ଦର୍ଯ୍ୟ ସହିତ ଆଧୁନିକ ଯୁଗର ପ୍ରୟୋଜନୀୟତାର ସମନ୍ୱୟ ସ୍ଥାପନ କରାଯାଇ ପାରୁଥିବାରୁ ଏହି ଚିତ୍ର-କଳାର ଜନପ୍ରିୟତା ବିଶେଷ ଭାବରେ ବୃଦ୍ଧି ପାଇଛି ।



# ଟାଟାଭିଜନ





[illegible]

## ଟାଟା ଷ୍ଟିଲର ପରିବାର କଲ୍ୟାଣ ଯୋଜନା କିପରି କାମ କରେ ?

[illegible]

[illegible]

ଟାଟା ଷ୍ଟିଲ

# —ଖାଦ୍ୟ ସାମ୍ମୁଖ୍ୟ ସଂପର୍କରେ ପଦେ—

ଚଳିତ ଋତୁରେ ଠିକ୍ ସମୟରେ ମୌସୁମୀ ବାୟୁ ପ୍ରବାହିତ ହେବାରୁ ଓଡ଼ିଶାରେ କୃଷିଜାତ ଦ୍ରବ୍ୟଗୁଡ଼ିକର ଉତ୍ପାଦନ ନିମନ୍ତେ ଯଥାର୍ଥ ଭାବରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା । କିନ୍ତୁ ଧାନବୁଣା ସରିବା ପରେ ଦୀର୍ଘକାଳ ପାଇଁ ମରୁଡ଼ି ଜନିତ ପରିସ୍ଥିତି ଲାଗି ରହିବାରୁ ସେଥିରେ ବାଧା ସୃଷ୍ଟି ହୋଇଥିଲା । ଅଗଷ୍ଟ ମାସର ଶେଷଭାଗ ଓ ସେପ୍ଟେମ୍ବର ମାସର ପ୍ରାରମ୍ଭରେ ଯଥେଷ୍ଟ ପରିମାଣରେ ବର୍ଷା ହେବାରୁ ଏହି ପରିସ୍ଥିତି ହ୍ରାସ ପାଇଥିଲା । ଫସଲ ପରିସ୍ଥିତି ଆଶାଜନକ ଜଣାପଡୁଥିବାବେଳେ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ଏହି ରାଜ୍ୟର ଉପକୂଳ ଅଞ୍ଚଳମାନ ବନ୍ୟା ଓ ବାତ୍ୟାଜନିତ ଦୁର୍ବିପାକର ସମ୍ମୁଖୀନ ହୋଇଥିଲା । ଏହାଛଡ଼ା ବର୍ଷା ଋତୁର ଶେଷ ଆଡ଼କୁ ରାଜ୍ୟର ପଶ୍ଚିମାଞ୍ଚଳରେ ମରୁଡ଼ିଜନିତ ପରିସ୍ଥିତି ସୃଷ୍ଟି ହୋଇଥିଲା । ତେଣୁ ପ୍ରଥମରୁ କୃଷିଜାତ ଦ୍ରବ୍ୟଗୁଡ଼ିକର ଉତ୍ପାଦନ ସମ୍ପର୍କରେ ଯେଉଁ ଉଜ୍ଜ୍ୱଳ ସମ୍ଭାବନା ରହିଥିଲା, ସେଥିରେ ବିଶେଷ ବାଧା ସୃଷ୍ଟି ହୋଇଥିଲା । ତେଣୁ ଖରିଫ୍ ଫସଲରେ ଯେଉଁ କ୍ଷତି ଘଟିଥିଲା, ତାହା ଭରଣା କରିବା ଉଦ୍ଦେଶ୍ୟରେ କୃଷୀମାନେ ଯେପରି ରବି ଫସଲ ବୁଣାବୁଣି କରିବେ, ସେଥିରେ ସେମାନଙ୍କୁ ସାହାଯ୍ୟ କରିବାପାଇଁ ସମସ୍ତ ପ୍ରକାର ସମ୍ଭାବ୍ୟ ପଦକ୍ଷେପ ନିଆଯାଇଥିଲା ।

## କାର୍ଯ୍ୟ କୌଶଳ

ଉତ୍ପାଦନର ଚରମ ଅଭିବୃଦ୍ଧି ପାଇଁ ବର୍ତ୍ତମାନ ଯେଉଁ ଅଧିକ ଉତ୍ପାଦନକ୍ଷମ କାର୍ଯ୍ୟକ୍ରମର ବହୁଳ ପ୍ରଚଳନ କରାଯାଇଛି, ତାହା ହେଉଛି ପ୍ରଧାନ କାର୍ଯ୍ୟ କୌଶଳ ଓ ତାହା ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦିଏ । ଗତ ଖରିଫ୍ ଋତୁରେ ୧·୦୫ ଲକ୍ଷ ଏକର ଜମିରେ ଅଧିକ ଅମଳକ୍ଷମ ଧାନ, ୭,୫୧୭ ଏକର ଜମିରେ ଅଧିକ ଉତ୍ପାଦନକ୍ଷମ ମକା ଓ ୭,୧୧୧ ଏକର ଜମିରେ ଅଧିକ ଉତ୍ପାଦନକ୍ଷମ ଯଅ ଚାଷ କରାଯାଇଥିଲା । କୃଷୀମାନଙ୍କର ଉପକାର ତଥା ସେମାନଙ୍କର ଅର୍ଥନୈତିକ ଅବସ୍ଥାର ଉନ୍ନତି ନିମନ୍ତେ ବ୍ୟବସାୟିକ ଶସ୍ୟ ଯଥା:— ଆଖୁ, ଝୋଟ, ଚିନାବାଦାମ, ଆଳୁ ଓ ପନିପରିବା ଚାଷ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଜଳସେଚିତ ଅଞ୍ଚଳମାନଙ୍କରେ ଦୁଇଟି ଓ ତିନୋଟି ଫସଲ କାର୍ଯ୍ୟକ୍ରମ କ୍ରମଶଃ ବୃଦ୍ଧି

ପାଉଛନ୍ତି । ମୂଳଧନ ଓ ଶ୍ରମିକମାନଙ୍କ ପାଉଣା ଇତ୍ୟାଦି ଖର୍ଚ୍ଚ ତୁଲାଇବା ପାଇଁ କୃଷିମାନଙ୍କୁ ସମବାୟ ସମିତି ଜରିଆରେ ଋଣ ଦିଆଯିବାର ବ୍ୟବସ୍ଥା ହୋଇଛି । ବିଭିନ୍ନ ପ୍ରକାର କୃଷି କାର୍ଯ୍ୟକ୍ରମଗୁଡ଼ିକ ପାଇଁ ଅର୍ଥ ଯୋଗାଇଦେବା ସକାଶେ କମର୍ସିଆଲ୍ ବ୍ୟାଙ୍କମାନଙ୍କୁ ଉତ୍ସାହିତ କରାଯାଉଛି । ସରକାରଙ୍କ ଉଦ୍ୟମରେ କେତେ ସବୁ କ୍ଷୁଦ୍ର ଜଳସେଚନ ଯୋଜନାର ବ୍ୟବସ୍ଥା କରାଯାଇଛି, ତାହାଛଡ଼ା ବ୍ୟକ୍ତିଗତ ଉଦ୍ୟମରେ ଜଳସେଚନ ଯୋଜନା ଆରମ୍ଭ କରିବା ଉଦ୍ଦେଶ୍ୟରେ ସେମାନଙ୍କୁ ଅଗ୍ରତୁଗା ସର୍ତ୍ତମିଆଦୀ ଋଣ ଦିଆଯାଉଛି । ସର୍ବୋପରି ଆଧୁନିକ ପଦ୍ଧତିରେ ସଘନ କୃଷିକାର୍ଯ୍ୟ କରିବାପାଇଁ କୃଷିମାନେ ଯେପରି ସଚେତନ ଅଛନ୍ତି ଓ ସେମାନଙ୍କ ମଧ୍ୟରେ ଏଥିପାଇଁ ଯେପରି ଅଧିକରୁ ଅଧିକ ଆଗ୍ରହ ପ୍ରକାଶ ପାଉଛି, ତାହା ବେଶ୍ ଉତ୍ସାହଜନକ ।

## ମୃତ୍ତିକା ସଂରକ୍ଷଣ

ମୃତ୍ତିକା ସଂରକ୍ଷଣ ସଂଗଠନ ବଡ଼ ଆକାରରେ କାଜୁବାଦାମ ଚାଷ ଆରମ୍ଭ କରିଛନ୍ତି । ଏପର୍ଯ୍ୟନ୍ତ ୨୦,୦୦୦ ଏକର ଜମିରେ କାଜୁବାଦାମ ବୃକ୍ଷ ରୋପଣ କରାଯାଇଅଛି । ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ମଧ୍ୟରେ ଅଧିକା ୨୦,୦୦୦ ଏକରରେ ଏହି ଚାଷ କରାଯିବାର ପ୍ରସ୍ତାବ ରହିଛି । ବ୍ୟକ୍ତିଗତ ଉଦ୍ୟମରେ କାଜୁବାଦାମ ଚାଷକୁ ଉତ୍ସାହିତ କରାଯାଉଛି । କାରଣ ଏହାଦ୍ୱାରା ଆମ ଦେଶ ଯଥେଷ୍ଟ ପରିମାଣରେ ବୈଦେଶିକ ମୁଦ୍ରା ଉପାର୍ଜ୍ଜନ କରିବାର ସମ୍ଭାବନା ରହିଛି ।

ଆହୁରି ମଧ୍ୟ ଏହି ସଂଗଠନ ବାର ମାସିଆ ଚାଷ (ସିସାଲ୍ କଲ୍‌ଟିଭେସନ୍) ଆରମ୍ଭ କରିଛନ୍ତି । ଏହାର ଉତ୍ପାଦନ କ୍ରମଶଃ ବୃଦ୍ଧି ପାଉଛି । ୧୯୬୮ ମସିହା ମଧ୍ୟରେ ବଉଳ କାସମରୁ ୧୫ କୁଇଣ୍ଟାଲ ବାର ମାସିଆ ଦଉଡ଼ି ଉତ୍ପାଦନ କରାଯାଇଛି, ଯାହାର ... ୧୮୫ ଲକ୍ଷ ଟଙ୍କା ହେବ । ଏହାଛଡ଼ା ... ମରୁଡ଼ିଗ୍ରସ୍ତ ଅଞ୍ଚଳମାନଙ୍କରେ ବ୍ୟାପକ କାର୍ଯ୍ୟ... କରାଯାଇଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ... ବନ୍ଧେଇ, ପାଣି ଜମା ରଖିବା ବ୍ୟବସ୍ଥା ଓ ... ପୁଷ୍କରିଣୀ ଖନନ ଆରମ୍ଭ କରାଯାଇଥିଲା । ... ଉଦ୍ଦେଶ୍ୟ ହେଲା ଜଳକଣା ସଂରକ୍ଷଣ ... ମରୁଡ଼ି ସମୟରେ ଜଳସେଚନର ସୁବିଧା ... ଚଳିତ ବର୍ଷ ମଧ୍ୟରେ ମରୁଡ଼ିଗ୍ରସ୍ତ ଅଞ୍ଚଳମା... ଏହି କାର୍ଯ୍ୟ କରିବା ନିମନ୍ତେ ୧୦ ଲକ୍ଷ ଟଙ୍କା ... କରାଯାଇଛି ।

ରାଜ୍ୟ ତଥା କେନ୍ଦ୍ର ପୃଷ୍ଠପୋଷକତାରେ ... ହୋଇଥିବା ପରିକଳ୍ପନାଗୁଡ଼ିକ ଦ୍ୱାରା ୩.୭୨ ... ଏକର ଜମିରେ ମୃତ୍ତିକା ସଂରକ୍ଷଣ କରାଯା... ଗୋଷ୍ଠୀ ଉନ୍ନୟନ ଓ ଆଦିବାସୀ ଉନ୍ନୟନ ... ଗୁଡ଼ିକରେ ଅଗ୍ରାଧିକାର ଭିତ୍ତିରେ ମୃତ୍ତିକା ସଂ... ବ୍ୟବସ୍ଥାଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି । ... ରାଜ୍ୟ ମୃତ୍ତିକା ସଂରକ୍ଷଣ ସଂଗଠନଙ୍କ ଦ୍ୱାରା ... ମୃତ୍ତିକା ସଂରକ୍ଷଣ ପରିକଳ୍ପନା କାର୍ଯ୍ୟକାରୀ ... ଯାଇଛି । ଫୁଲବାଣୀ ଜିଲ୍ଲାର ଜି. ଉଦୟଗିରି ... ବାଲିଗୁଡ଼ା, ଗଞ୍ଜାମ ଜିଲ୍ଲାର ଆର. ଉଦୟଗିରି ... କୋରାପୁଟ ଜିଲ୍ଲାର ପାଡ଼ୁଆ ଅଞ୍ଚଳରେ ... ଆଦିବାସୀ ପରିବାରମାନଙ୍କର ଅର୍ଥନୈତିକ ଅ... ନିମନ୍ତେ, ସେହି ଅଞ୍ଚଳମାନଙ୍କରେ ମୃତ୍ତିକା ସଂ... ସହିତ ସପୁରି ଚାଷ ମଧ୍ୟ ଆରମ୍ଭ କରାଯାଇଛି ।

## ମତ୍ସ୍ୟଚାଷ

ଆଭ୍ୟନ୍ତରୀଣ ମତ୍ସ୍ୟ ସମ୍ପଦର ଅଭିବୃଦ୍ଧି ଉଦ୍ଦେଶ୍... ରାଜ୍ୟର ନଦୀଗୁଡ଼ିକରୁ ମାଛ ଯାଆଁଳ ସ... କରିବା ଉଦ୍ଦେଶ୍ୟରେ ଗତବର୍ଷ ଗୋଟିଏ କାର୍... ଆରମ୍ଭ କରାଯାଇଥିଲା । ୫୦ କୋଟି ମାଛ ଯା...

ସଂଗ୍ରହ କରାଯାଇ ରାଜ୍ୟର ମତ୍ସ୍ୟ ଶିଳ୍ପୀମାନଙ୍କୁ ଯୋଗାଇ ଦିଆଯାଇଥିଲା ।

ସମୁଦ୍ରରୁ ମାଛ ଧରିବାପାଇଁ କଟକ ଜିଲ୍ଲାର ପାରାଦୀପଠାରେ ଓ ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ଓ ଅନ୍ୟାଠାରେ ୩୭ଟି ଯାନ୍ତ୍ରିକ ନୌକା କାର୍ଯ୍ୟ କରୁଛି । ଗତବର୍ଷ ମଧ୍ୟରେ ସମୁଦ୍ରରୁ ୪ ଲକ୍ଷ କେ. ଜି. ମାଛ ଧରାଯାଇଥିଲା । ମାଛଧରା ବନ୍ଦର ନିର୍ମାଣ ଓ ମାଛ ଧରିବା ସ୍ଥାନମାନଙ୍କ ଗମନାଗମନର ସୁବିଧା ଏବଂ ବରଫ କଳ ତଥା ଶୀତଳ ଭଣ୍ଡାରର ସୁବିଧା କରାଯାଇ ଥିବାରୁ ଅଳ୍ପ କେତେବର୍ଷ ମଧ୍ୟରେ ମତ୍ସ୍ୟ ଉତ୍ପାଦନ ଅନେକଗୁଣ ବୃଦ୍ଧି ପାଇବ ବୋଲି ଆଶା କରାଯାଏ ।

ଗବେଷଣା ଦଳରୁ ବାହାର କଲେ ଯେଉଁ ମାଛ-ଗୁଡ଼ିକ ଅର୍ଥନୀତି ଦୃଷ୍ଟିରୁ ଲାଭପ୍ରଦ ନୁହନ୍ତି, ସେହି ମାଛଗୁଡ଼ିକରୁ ଛେନାଜାତୀୟ ଖାଦ୍ୟ (ପ୍ରୋଟିନ୍) ପ୍ରସ୍ତୁତ କରିବାପାଇଁ ଉଦ୍ୟମ କରାଯାଉଛି । ମନୁଷ୍ୟର ବ୍ୟବହାର ନିମନ୍ତେ ସମୁଦ୍ରରୁ ଧରାଯାଉଥିବା ପ୍ରଚୁର ପରିମାଣର ଅଣଲାଭପ୍ରଦ ମାଛଗୁଡ଼ିକରୁ ଛେନା-ଜାତୀୟ ଖାଦ୍ୟ (ପ୍ରୋଟିନ୍) ପ୍ରସ୍ତୁତ କରାଯାଇ ସଫଳ ଭାବରେ ବ୍ୟବହାର କରାଯିବ ବୋଲି ଆଶା କରା-ଯାଉଛି । ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ଥିବା ମାଛ ଯାହାକି ଖାଦ୍ୟରୂପେ ବ୍ୟବହୃତ ହୁଏନାହିଁ, ସେଥିରୁ ମାଛଗୁଣ୍ଡ ପ୍ରସ୍ତୁତ କରିବା ଲାଗି ଯଥେଷ୍ଟ ସୁଯୋଗ ରହିଛି ।

## ପଶୁ ପ୍ରଜନନ ଓ ପଶୁଚିକିତ୍ସା

ରାଜ୍ୟରେ ଖାଦ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଯେଉଁ ସବୁ ଉଦ୍ୟମ କରାଯାଉଛି ଦୁଗ୍ଧ, ଦୁଗ୍ଧଜାତ ଦ୍ରବ୍ୟ, ଅଣ୍ଡା ଓ ମାଂସଭଳି ଅତ୍ୟାବଶ୍ୟକ ଖାଦ୍ୟ ମଧ୍ୟ ତହିଁର ଅନ୍ତର୍ଭୁକ୍ତ । ବହୁ ପରିମାଣରେ ଦୁଗ୍ଧ ଉତ୍ପାଦନ ହେଉଥିବା ଅଞ୍ଚଳମାନଙ୍କରେ ଗୋ-ମହିଷାଦି ପଶୁମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଆଶୁ ଫଳପ୍ରଦ କାର୍ଯ୍ୟକ୍ରମ ଅନୁଯାୟୀ ତୃତୀୟ ଯୋଜନା କାଳରେ ବ୍ୟାପକ ଗୋ-ମହିଷାଦି ଉନ୍ନୟନ ବ୍ଲକ୍ ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସହିତ ଉକ୍ତ ପରିକଳ୍ପନା ୧୯୬୮-୬୯ରେ ଚାଲୁ ରଖାଯାଇଛି ।

ଉନ୍ନତଧରଣର ଗୃହପାଳିତ ପଶୁଙ୍କ ସଂଖ୍ୟା ବୃଦ୍ଧି କରିବା ଉଦ୍ଦେଶ୍ୟରେ ୧୨ଟି କେ. ଭି. ବ୍ଲକ ଓ ସେଗୁଡ଼ିକର ଉପକେନ୍ଦ୍ର ଗୁଡ଼ିକୁ ଚାଲୁ ରଖାଯାଇଛି । ୧୨୨ଟି ଏ. ଆଇ. କେନ୍ଦ୍ର ଓ ଏ. ଆଇ. କାର୍ଯ୍ୟ କରୁଥିବା ୧୬୧ଟି ସାଧାରଣ କେନ୍ଦ୍ର ସହିତ ଆଉ ଏକ ପରିକଳ୍ପନା କାର୍ଯ୍ୟକାରୀ କରାଯାଉଛି । ଏହାର ଉଦ୍ଦେଶ୍ୟ ହେଉଛି ଏ. ଆଇ. ପ୍ରଜନନ ପଦ୍ଧତି ପ୍ରୟୋଗ କରି ଆମ ରାଜ୍ୟରେ ଥିବା ସ୍ଥାନୀୟ ଗୋ-ମହିଷାଦି ପଶୁମାନଙ୍କଠାରୁ ଉନ୍ନତ ଧରଣର ଗୋ-ମହିଷାଦି ପଶୁ ସୃଷ୍ଟି କରିବା । ସ୍ୱାଭାବିକ ପ୍ରଜନନ ନିମନ୍ତେ ରାଜ୍ୟର ବିଭିନ୍ନ ସ୍ଥାନରେ ଉନ୍ନତ ଧରଣର ଷଣ୍ଢ ରଖାଯାଇଛି । ଉପରୋକ୍ତ କାର୍ଯ୍ୟକ୍ରମ ସହିତ ତୃତୀୟ ଯୋଜନା କାଳଠାରୁ କୋରାପୁଟ ଜିଲ୍ଲାରେ ଏକ ମିଶ୍ରିତ ପ୍ରଜନନ (କ୍ରସ ବ୍ରିଡିଙ୍ଗ୍) ପରିକଳ୍ପନା କାର୍ଯ୍ୟକାରୀ କରାଯାଉଛି । ଏହି ପରିକଳ୍ପନା ଅନୁଯାୟୀ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏ. ଆଇ. ପଦ୍ଧତି ଅନୁଯାୟୀ ଜର୍ସି ଷଣ୍ଢ ଦ୍ୱାରା ଦେଶୀୟ ଗୋ-ମହିଷାଦି ପଶୁଗୁଡ଼ିକର ପ୍ରଜନନ କରାଯାଉଛି । ପୁରୀ ଓ କଟକ ଜିଲ୍ଲାର ବ୍ୟାପକ ଗୋ-ମହିଷାଦି ଉନ୍ନୟନ ଅଞ୍ଚଳମାନଙ୍କରେ ଏହି ପଦ୍ଧତି ପ୍ରଚଳନ କରାଯାଇଛି ।

ଚିପିଲିମାଠାରେ ଥିବା ରାଜ୍ୟ ପଶୁପାଳନ ଫାର୍ମ (ଷ୍ଟେଟ୍ ଲାଇଭ୍ ଷ୍ଟକ ବ୍ରିଡିଙ୍ଗ୍ ଫାର୍ମ) ଓ ରାଉରକେଲା-ଠାରେ ଥିବା ଗ୍ରାମାଞ୍ଚଳ ଡାଏରୀ ସଂପ୍ରସାରଣ ଫାର୍ମ ତୃତୀୟ ଯୋଜନା କାଳରେ ଆରମ୍ଭ କରାଯାଇଥିଲେ

(ଅବଶିଷ୍ଟାଂଶ ୨୫ ପୃଷ୍ଠା ଦେଖନ୍ତୁ)

# ଓଜନ ଓ ମାପ ସମ୍ବନ୍ଧୀୟ କେତୋଟି ଜ୍ଞାତବ୍ୟ ବିଷୟ

* କେବଳ ମେଟ୍ରିକ ପ୍ରଣାଳୀରେ ଓଜନ ଓ ମାପ ଆଇନ ସଙ୍ଗତ, ଅନ୍ୟ ଯେକୌଣସି ପ୍ରକାର ଓଜନ ଓ ମାପ ବ୍ୟବହାର କରିବା ଏକ ଦଣ୍ଡନୀୟ ଅପରାଧ ।

* ଓଜନ, ମାପ ଓ ତଉଲ ସମ୍ବନ୍ଧୀୟ ଯନ୍ତ୍ରପାତି, ଯଥା:—ତରାଜୁ, ପ୍ଲାଟଫର୍ମ ଓଜନ ଯନ୍ତ୍ର, ପେଟ୍ରୋଲ ପମ୍ପ ଇତ୍ୟାଦି ବୈଜ୍ଞାନିକ ପ୍ରଣାଳୀରେ ପରୀକ୍ଷା କରାଯାଇ ସେଗୁଡ଼ିକରେ ମୋହର ଦିଆଯାଇଥାଏ । କିଣା ବିକା କଲାବେଳେ ସଂପୃକ୍ତ ଓଜନ ମାପ ଇତ୍ୟାଦିରେ ଓଡ଼ିଶା ସରକାରଙ୍କ ବର୍ଷୀୟ ମୋହର ଦିଆଯାଇଛି କି ନା ଦେଖି ନିଅନ୍ତୁ । ଏପରି ମୋହର ଦିଆ ହୋଇ ନଥିବା ଓଜନ ମାପ ବ୍ୟବହାର କରୁଥିବା ବ୍ୟବସାୟୀ ଆଇନ ଅନୁଯାୟୀ ଦଣ୍ଡିତ ହେବେ ।

* ସରକାରଙ୍କ ଦ୍ୱାରା ଲାଇସେନ୍ସପ୍ରାପ୍ତ ଡିଲରମାନଙ୍କ ପାଖରେ ଉପଯୁକ୍ତଭାବରେ ପରୀକ୍ଷା କରାଯାଇଥିବା ସଠିକ୍ ଓଜନ, ମାପ ଓ ତଉଲ ସମ୍ବନ୍ଧୀୟ ଯନ୍ତ୍ରପାତି କିଣିବାକୁ ମିଳେ ।

* ଦୀର୍ଘଦିନ ବ୍ୟବହାର କଲାପରେ ଓଜନ ମାପ ଇତ୍ୟାଦିର ସଠିକତା ନଷ୍ଟ ହୋଇଥାଏ । ଓଜନ ମାପ ବ୍ୟବହାରକାରୀମାନେ ନିଜ ନିଜର ଓଜନ ମାପ ଇତ୍ୟାଦି ନିୟମିତ ରୂପେ ପରୀକ୍ଷା କରାଇନେବା ଉଚିତ । ଅନ୍ୟଥା ଆଇନ୍ ଅନୁସାରେ ଦଣ୍ଡନୀୟ ହେବେ । ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସରକାରୀ ପରୀକ୍ଷାଗାରମାନ ଖୋଲାଯାଇଛି ।

* ଓଜନ ମାପ ସମ୍ବନ୍ଧୀୟ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସ୍ଥାନୀୟ ଓଜନମାପ ଇନ୍ସପେକ୍ଟର, ଜିଲ୍ଲା ସହକାରୀ କଣ୍ଟ୍ରୋଲର କିମ୍ବା ରାଜ୍ୟ ଓଜନମାପ କଣ୍ଟ୍ରୋଲରଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ ।

ଯୋଗାଣ (ମାପ ଓ ଓଜନ) ବିଭାଗ

ମଧ୍ୟ ସଂପ୍ରସାରଣ କାର୍ଯ୍ୟକ୍ରମ ସହିତ ସେଗୁଡ଼ିକୁ ବୃଦ୍ଧି ରଖାଯାଇଛି । ଆହୁରି ମଧ୍ୟ କଲ୍ୟାଣୀ ଓ ବେମୁଣ୍ଡା-ଠାରେ ଥିବା ଡାଏରି ଫାର୍ମକୁ ମଧ୍ୟ ବୃଦ୍ଧି ରଖାଯାଉଛି ।

## ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ

ପଶୁମାନଙ୍କର ଚିକିତ୍ସା ନିମନ୍ତେ ରାଜ୍ୟରେ ୩୬୧ଟି ପଶୁ ଚିକିତ୍ସା କେନ୍ଦ୍ର ଓ ୧,୧୨୫ଟି ଷ୍ଟକ୍‌ମ୍ୟାନ୍ କେନ୍ଦ୍ର କାର୍ଯ୍ୟକରୁଛି । ରାଜ୍ୟରେ ଗୋ-ମଡ଼କ ଦୂର କରିବା ନିମନ୍ତେ ଯେଉଁ ପରିକଳ୍ପନା ଆରମ୍ଭ କରାଯାଇଛି, ସେଥିରେ ବିଶେଷ ଅଗ୍ରଗତି ଘଟିଛି । ସବୁ ଗାଈ-ଗୋରୁଙ୍କୁ ଟୀକା ଦେବା ପାଇଁ ପ୍ରଧାନ ଅଭିଯାନରେ ଯେଉଁ ସବୁ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଥିଲା, ତଦନୁଯାୟୀ ସବୁଜିଲ୍ଲାରେ ଗାଈଗୋରୁଙ୍କୁ ଟୀକା ଦିଆଯାଇଛି । ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯଥା :— ପରବର୍ତ୍ତୀ କାର୍ଯ୍ୟକ୍ରମ (ଫଲୋ-ଅପ ପ୍ରୋଗ୍ରାମ) ଓ ତନଖି କାର୍ଯ୍ୟକ୍ରମ (ଚେକ୍‌ପୋଷ୍ଟ ପ୍ରୋଗ୍ରାମ) ବୃଦ୍ଧି ରଖାଯାଇଛି ।

ବାର୍ଷିକ କାର୍ଯ୍ୟକ୍ରମ ଅନୁଯାୟୀ ବାଇଓଲୋଜିକାଲ ପ୍ରଡକ୍ଟସ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସମ୍ପ୍ରସାରଣ ଘଟାଯାଇଛି ଏବଂ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ କବଳରୁ ଗୃହପାଳିତ ପଶୁମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ସେମାନଙ୍କୁ ଟୀକା ଦେବା ଲାଗି ପ୍ରତିଷେଧକ ଟୀକା ଯୋଗାଇ ଦେବା ସକାଶେ ଏହି ସଂସ୍ଥାର ସଂପ୍ରସାରଣ କାର୍ଯ୍ୟକ୍ରମକୁ ମଧ୍ୟ ବୃଦ୍ଧି ରଖାଯାଇଛି ।

## କୁକୁଡ଼ା ଉନ୍ନୟନ

କୁକୁଡ଼ା ପାଳନର ଉନ୍ନତି ଦୃଷ୍ଟିରୁ ରାଜ୍ୟର ଅନୁଗୁଳଠାରେ ଗୋଟିଏ ରାଜ୍ୟ କୁକୁଡ଼ା ପାଳନ ଫାର୍ମ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାରେ ଦୁଇଟି ଆଞ୍ଚଳିକ କୁକୁଡ଼ା ପାଳନ ଫାର୍ମ ଏବଂ ଭଞ୍ଜନଗର ଓ ବଲାଙ୍ଗୀରଠାରେ ଦୁଇଟି ଜିଲ୍ଲା କୁକୁଡ଼ା ପାଳନ ଫାର୍ମ ବୃଦ୍ଧି ରଖାଯାଇଛି । ଏହାଛଡ଼ା ଭୁବନେଶ୍ୱରଠାରେ ଥିବା କୁକୁଡ଼ା ପାଳନ ଫାର୍ମ ୧୯୭୮-୭୯ରେ ମଧ୍ୟ କାର୍ଯ୍ୟ କରୁଛି ।

ବ୍ୟାପକ ଅଣ୍ଡା ଓ କୁକୁଡ଼ା ଉତ୍ପାଦନ ତଥା ବିକ୍ରି-ବଟା ପରିକଳ୍ପନା ଅନୁଯାୟୀ ବର୍ତ୍ତମାନ କଟକ ଓ ରାଉରକେଲାଠାରେ ଦୁଇଟି କେନ୍ଦ୍ର କାର୍ଯ୍ୟ କରୁଛି ।

## ଦୁଗ୍ଧ ଯୋଗାଣ

କଟକ ଓ ଭୁବନେଶ୍ୱର ସହରରେ ଖାଣ୍ଟି ଦୁଗ୍ଧ ତଥା ଦୁଗ୍ଧଜାତ ଦ୍ରବ୍ୟର ବର୍ଦ୍ଧିଷ୍ଣୁ ଚାହିଦା ପୂରଣ କରିବା ଉଦ୍ଦେଶ୍ୟରେ ୧୯୭୩-୭୪ରେ କଟକ ମିଲ୍କ ଉନ୍ନୟନ ପରିକଳ୍ପନା ଆରମ୍ଭ କରାଯାଇଥିଲା । ଏହି ପରିକଳ୍ପନା ଓ ଏହାର କାର୍ଯ୍ୟକ୍ରମଗୁଡ଼ିକୁ ବୃଦ୍ଧି ରଖାଯାଇଛି । ଢେଙ୍କାନାଳ ସହରକୁ ଖାଣ୍ଟି ଦୁଗ୍ଧ ଯୋଗାଇ ଦେବା ଉଦ୍ଦେଶ୍ୟରେ ତୃତୀୟ ଯୋଜନା ସମୟରୁ ସେଠାରେ ଗୋଟିଏ ପ୍ରଧାନ ପରିକଳ୍ପନା ବୃଦ୍ଧି ରଖାଯାଇଛି । ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ଓ ପାରାଦୀପ, ତାଳଚେର ଓ ରାଉରକେଲା ଭଳି ଶିଳ୍ପ ସହରଗୁଡ଼ିକରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ବର୍ଦ୍ଧିଷ୍ଣୁ ଚାହିଦା ପୂରଣ କରିବା ପାଇଁ ଗ୍ରାମାଞ୍ଚଳରେ ଅଧିକ ସଂଖ୍ୟକ ଡାଏରି ଫାର୍ମ ସ୍ଥାପନ କରିବା ନିମନ୍ତେ ପଦକ୍ଷେପ ନିଆଯାଉଛି ।

# ଜାଣନ୍ତି କି ?

- ଓଡ଼ିଶାରେ ବାର୍ଷିକ ଶତକଡ଼ା ୨.୫ ହାରରେ ଜନସଂଖ୍ୟା ବୃଦ୍ଧି ହେଉଅଛି । ପ୍ରତି ଘଣ୍ଟାରେ ଆମ ରାଜ୍ୟରେ ୪୮ ଜଣ ଶିଶୁ ଜନ୍ମ ଗ୍ରହଣ କରୁଛନ୍ତି ।
- ଗତବର୍ଷ ୪୯୭,୦୦୦ ଲୋକ ମିଶି ଓଡ଼ିଶାର ଜନସଂଖ୍ୟାକୁ ଅଧିକ ସ୍ଫୀତ କରୁଛନ୍ତି ।
- ଏହି ବର୍ଦ୍ଧିତ ଜନସଂଖ୍ୟା ପାଇଁ ୯୯,୩୦୦ ବାସଗୃହ, ୧,୭୭,୦୦୦ ଗୃହସ୍ଥ, ୫,୯୭,୦୦୦ କୁଇଣ୍ଟାଲ ଖାଦ୍ୟ, ୭୫,୫୬,୦୦୦ ମିଟର ଲୁଗା, ୧୫,୯୦୦ ପ୍ରାଥମିକ ସ୍କୁଲ ଶିକ୍ଷକ ଓ ୫,୯୭୦ ପ୍ରାଥମିକ ସ୍କୁଲ ଆବଶ୍ୟକ ।
- ଆମର ସୀମିତ ସମ୍ବଳ ମଧ୍ୟରେ ଏହା ଯୋଗାଇଦେବା ସମ୍ଭବ ନୁହେଁ ।
- ଏହି କ୍ଷିପ୍ର ଜନସଂଖ୍ୟା ବୃଦ୍ଧିକୁ ରୋକିବାପାଇଁ ଆମ ରାଜ୍ୟରେ ୧୯୫୭ ମସିହାରେ ପ୍ରଥମେ ଜାତୀୟ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆରମ୍ଭ କରାଗଲା ।
- ରାଜ୍ୟରେ ୨୩୧ ଟି ଗ୍ରାମଗୋଷ୍ଠୀ ଉନ୍ନୟନ ବ୍ଲକରେ ପରିବାର ନିୟନ୍ତ୍ରଣ ସଂସ୍ଥା ରହିଛି ।
- ରାଜ୍ୟରେ ୭୦ ଟି ସ୍ଥାୟୀ ଜନ୍ମ ନିରୋଧ ଅସ୍ତ୍ରୋପଚାର କେନ୍ଦ୍ର ଓ ୫୭ ଟି ସ୍ଥାୟୀ ଲୁପ୍ କେନ୍ଦ୍ର ଖୋଲା ଯାଇଛି ।
- ୧୩ ଟି ଭ୍ରାମ୍ୟମାଣ ଜନ୍ମ ନିରୋଧ ଅସ୍ତ୍ରୋପଚାର କେନ୍ଦ୍ର ଓ ୧୩ ଟି ଭ୍ରାମ୍ୟମାଣ ଲୁପ୍ କେନ୍ଦ୍ର ଖୋଲା ଯାଇଛି ।
- ୧୯୭୧-୭୨ ଆର୍ଥିକ ବର୍ଷଠାରୁ ୧୯୭୮ ଜୁନ୍ ମାସ ଶେଷସୁଦ୍ଧା ୨,୫୭,୯୩୧ ଟି ଜନ୍ମନିରୋଧ ଅସ୍ତ୍ରୋପଚାର କରାଯାଇଛି ।
- ୧୯୭୫ ମସିହା ଜୁନ୍ ମାସଠାରୁ ୧୯୭୮ ମସିହା ଜୁନ୍ ମାସ ଶେଷସୁଦ୍ଧା ଆମ ରାଜ୍ୟରେ ୬୫,୯୮ ଜଣ ବିବାହିତା ମହିଳା ସନ୍ତାନ ଜନ୍ମରେ ସମୟର ବ୍ୟବଧାନ ନିମିତ୍ତ ଲୁପ୍ ଗ୍ରହଣ କରିଛନ୍ତି ।
- ବର୍ତ୍ତମାନ ବଟିକା ସେବନ କରି ଜନ୍ମ ନିୟନ୍ତ୍ରଣ କରିବାପାଇଁ ଦୁଇଟି ଜନ୍ମ ନିରୋଧକ ବଟିକା ଯୋଜନା କେନ୍ଦ୍ର, ଆଞ୍ଚଳିକ ପରିବାର ନିୟନ୍ତ୍ରଣ ତାଲିମ କେନ୍ଦ୍ର, କଟକ ଓ ବ୍ରହ୍ମପୁର ମେଡ଼ିକାଲ କଲେଜ୍ ସହ ସଂଲଗ୍ନ ପରିବାର ନିୟନ୍ତ୍ରଣ କେନ୍ଦ୍ରରେ ପ୍ରତିଷ୍ଠିତ ହୋଇଛି ।
- ବର୍ତ୍ତମାନର ଖାଦ୍ୟାଭାବ ଓ ଖାଦ୍ୟାଭାବ ଜନିତ ଅଶାନ୍ତି, ବିଶୃଙ୍ଖଳା ପାଇଁ କେବଳ ଜନସଂଖ୍ୟା ବୃଦ୍ଧି ହିଁ ଦାୟୀ । ପରିବାର ନିୟନ୍ତ୍ରଣ ତା'ର ଏକମାତ୍ର ପ୍ରତିକାର ।
- ପରିବାରର ସ୍ୱାସ୍ଥ୍ୟ ଓ କଲ୍ୟାଣ ଦୃଷ୍ଟିରୁ ଆମ ରାଜ୍ୟର ଦମ୍ପତିମାନେ ପରିବାର ନିୟନ୍ତ୍ରଣ କରିବାକୁ ଆଗଭର ହେଉଛନ୍ତି ।
- ପରିବାର ନିୟନ୍ତ୍ରଣ କରିବାକୁ ଇଚ୍ଛା କରୁଥିବା ଦମ୍ପତିମାନଙ୍କୁ ପରିବାର କଲ୍ୟାଣ କେନ୍ଦ୍ରରେ ବିନାମୂଲ୍ୟରେ ପରାମର୍ଶ ଦିଆଯାଏ ।

**ରାଜ୍ୟ ପରିବାର ନିୟନ୍ତ୍ରଣ ସଂସ୍ଥା**

**ଭୁବନେଶ୍ୱର**

ଶ୍ରୀବତ୍ସ ପ୍ରସାଦ ନାଥ

# ଅଶ୍ରୁ ତର୍ପଣ

ଯାଂ ପାଇଁ ବାପୁଜୀ; ତେଜିଲ ଧରଣୀ ରହିଲ କେଉଁଠି କାହିଁ ;
ଲଭିଥିଲ ଯାହା ସ୍ୱାଧୀନତା-ଫଳ ଦିନେ ତ ଚୁଷିଲ ନାହିଁ !
ତେଜି ଜୀବନର ସୁଖ, ଶାନ୍ତି ସବୁ ଭୋଗିଲ ଦୁଃଖ ଯାତନା ;
ସେଥିରେ କି ସୁଖ ପାଇଲ ପିତାହେ, ନୋହିଲ କେବେ ବିମନା !
ସହିଲ ଯୌବନେ କେତେ ଲାଠିମାଡ଼ କାରାଗାରେ ବନ୍ଦ ହୋଇ ;
ବିଦେଶୀ ଶାସନେ ତୁମ ସତ୍ୟ, ନିଷ୍ଠା କେବେବି ଟଳିଲ ନାହିଁ !
ସ୍ୱପର ଭାବ ନଥିଲା ତୁମର ସବୁରି ଆପଣା ମଣି ;
ସାରାବିଶ୍ୱବାସୀ କୁଟୁମ୍ବ ଭାବିଲ କିଂଶା ହେ ଶାନ୍ତି ସେନାନୀ !
ସ୍ୱାର୍ଥମେଧ ଯଜ୍ଞେ ବଳି ଦେଲ ସ୍ୱାର୍ଥ କି କାରଣେ ମହାପିତା ?
କରି ବାରିଷ୍ଟରୀ ଖ୍ୟାତି ଲଭି ଦେଶେ ଗଢ଼ିଥା'ନ୍ତ ସୁଖ-ସୌଧ ॥
ହିଂସା ବିରୁଦ୍ଧରେ ଚଳାଇ ସଂଗ୍ରାମ ବିଶ୍ୱେ ଦେଲ ଚମକାଇ ;
ଦହିଲ ସେ ଶେଷେ ତୁମରି ପରାଣ ତଥାପି ଡରିଲ ନାହିଁ ॥

୨

କହନ୍ତି ମାନବେ ଭୋଗିଥିଲେ ଦୁଃଖ ପଛେ ପାଇଥାନ୍ତି ସୁଖ ;
ତୁମଠାରେ ଏହା ଦେଖାଇ ନ ଗଲା ଦୈବ କି ହେଲା ବିପକ୍ଷ !
ଜୀବନରେ ତୁମ ନଥିଲା କି ଲେଖା ସୁଖ ଭୋଗିବାର ପଇଁ ;
ସୁଖ ଦୁଃଖ ଦୁଇ ଭାଇଙ୍କ ମଧ୍ୟରୁ ଦୁଃଖ ବାଛିନେଲ କାହିଁ ?

ଅହିଂସା ବଳରେ ହେଲ ବଳବାନ ହିଂସାକୁ ସେ ଦେଲ ଟାଳି;
ସତ୍ୟ, ଶାନ୍ତି ତୁମ ସହଚରୀ ହୋଇ ଦେଲେ ପଥ ଶିଖା ଜାଳି ॥
ଦେଶେ ଦେଶେ ତମ୍ଭ ଉନ୍ମାଦନା ଭରିଦେଲ ମୋହିନୀ ମନ୍ତ୍ରରେ;
ହେ ମୋହନ ! ତୁମ ମୋହନ ବଇଁଶୀ ବାଜିବ ନାହିଁ କି ଅବରେ !
ସାବର ମତର କୁଞ୍ଜ କାନନରେ ନ ଶୁଭେ ସେ ବଂଶୀ ସ୍ୱନ ;
ଚଳିଲ ମଥୁରା ଭୁବନ ଉପରେ ଧରିବେ ଗୋପୀ ଜୀବନ ॥
ତୁମ ଅଦର୍ଶନେ ଭବିଷ୍ୟ ଦସ୍ୟୁ ହୋଇ ଅନ୍ଧକାରେ ବଣା,
ଧର୍ମ ଅଧର୍ମକୁ ବାଛି ନ ପାରନ୍ତି, ପ୍ରିୟଦେଶ ଆଜି ଅନା !

୩

କଂପାଇଁ ବାପୁଜୀ, ତେଜିଲ ଧରଣୀ ସୁଖ କି ମଣିଲ ନାହିଁ ;
ତୁମ କଥା କବା କାହିଁ ପରିଣତ କଲେ ନାହିଁ ଦେଶ ଭାଇ !
ଫୁଲ ଫୁଟି ଝଡ଼େ ବନ ପଥେ କେତେ କାନ୍ଦେନା ତା' ଲାଗି ବନ ;
ଚହଟ ଚନ୍ଦ୍ରମା ଉଭି ବୁଡ଼େ ନଭେ ଦୁଃଖ ନ ମଣେ ଗଗନ ॥
ଯାଇଛନ୍ତି ଭୁଲି ସେହିପଥ ଆଜ ପ୍ରିୟ ଦେଶବାସୀ ପିତା ,
କରି ଅଭିମାନ ରହିବକି ଖାଲି ଦେବନି କର୍ମ-ଯୋଜନା ?
କାନ୍ଦେ ଆଜ ତୁମ ପ୍ରିୟ ଜନ୍ମଭୂଇଁ କାନ୍ଦେ ଗଗନ, ପବନ ,
କାନ୍ଦଇ ଉଷିମା କାନ୍ଦେ ବନ, ଗିରି କାନ୍ଦନ୍ତି ତା' ଜୀବଗଣ ॥
କାନ୍ଦ କି ତୁମେ ଏଡ଼ାଇ ପାରିବ ସାନ୍ତ୍ୱନା କି ଦେବ ନାହିଁ ?
ଅନାଇଁ ଅଛନ୍ତି ଆତୁରେ ସରବେ ତୁମ ଚଳ ପଥ ଚାହିଁ ॥
ଅସ ଜାତି ପିତା ଏ ଧରା ଧାମରେ ରକ୍ଷିବୁ ଆସନ ପାତ ,
ନ ଅସିଲେ ତୁମେ ; ଗ୍ଳାନି କି ସାରିବ ? ଭୁଲିବ ନାହିଁ ଏ ଜାତି ॥

# ଓଡ଼ିଶାରେ ଅନୁନ୍ନତ ଶ୍ରେଣୀଙ୍କ ବିକାଶ

ଆଦିବାସୀ ଲୋକସଂଖ୍ୟା ଦୃଷ୍ଟିରୁ ସମଗ୍ର ଦେଶରେ ନାଗାଲାଣ୍ଡର ସ୍ଥାନ ପ୍ରଥମ ଏବଂ ଓଡ଼ିଶାର ସ୍ଥାନ ଦ୍ୱିତୀୟ । ୧୯୬୧ ମସିହାର ଜନଗଣନା ଅନୁଯାୟୀ ଓଡ଼ିଶାର ମୋଟ ଲୋକସଂଖ୍ୟା ହେଉଛି ୧୭,୫୪୮,୮୪୬ । ଏଥିମଧ୍ୟରୁ ୪,୨୨୩,୭୫୭ ହେଉଛନ୍ତି ଆଦିବାସୀ, ଅର୍ଥାତ୍ ରାଜ୍ୟର ମୋଟ ଲୋକ ସଂଖ୍ୟାର ଶତକଡ଼ା ୨୪·୦୭ ଭାଗ । ଅନ୍ୟ ପକ୍ଷରେ ଭାରତର ମୋଟ ଆଦିବାସୀ ଲୋକ ସଂଖ୍ୟାର ଶତକଡ଼ା ୧୪·୧୫ ଭାଗ ଓଡ଼ିଶାରେ ବସବାସ କରନ୍ତି । ଆମ ରାଜ୍ୟରେ ୬୨ଟି ଆଦିବାସୀ ସମ୍ପ୍ରଦାୟର ଲୋକ ଦେଖାଯାଆନ୍ତି । ଏମାନଙ୍କ ମଧ୍ୟରେ କୁଟିଆ କନ୍ଧ, ବଣ୍ଡା ପରଜା, ଲାଞ୍ଜିଆ ସଉରା, ଜୁଆଙ୍ଗ, କୋୟା, ଗଦବା ଆଦି କେତେକ ସମ୍ପ୍ରଦାୟର ଲୋକେ ଅନ୍ୟମାନଙ୍କ ତୁଳନାରେ ଅତ୍ୟନ୍ତ ଅନୁନ୍ନତ ଅବସ୍ଥାରେ ଅଛନ୍ତି । ଆଦିବାସୀ ଲୋକ ସଂଖ୍ୟା ଦୃଷ୍ଟିରୁ ରାଜ୍ୟର ଏକ ତୃତୀୟାଂଶ ଅଞ୍ଚଳକୁ ତଫସିଲଭୁକ୍ତ ଅଞ୍ଚଳ ରୂପେ ଘୋଷଣା କରାଯାଇଛି । ତଦନୁସାରେ କାଶୀପୁର ତାଲୁକ ବ୍ୟତୀତ ସମଗ୍ର କୋରାପୁଟ ଜିଲ୍ଲା, ମୟୂରଭଞ୍ଜ, ସୁନ୍ଦରଗଡ଼, ସୋରଡ଼ାମାଳ ଅନ୍ତର୍ଭୁକ୍ତ ପଣ୍ଡା ଖୋଲମୁଠା ବ୍ୟତୀତ ଗଞ୍ଜାମର ସମସ୍ତ ମାଳ ଅଞ୍ଚଳ ଏବଂ ବୌଦ-କନ୍ଧମାଳ ଜିଲ୍ଲାର ତିକାପାଡ ବ୍ୟତୀତ ସମୁଦାୟ କନ୍ଧମାଳ ଓ ବାଲିଗୁଡ଼ା ଅଞ୍ଚଳକୁ ତଫସିଲଭୁକ୍ତ ଅଞ୍ଚଳ ରୂପେ ଘୋଷଣା କରାଯାଇଛି ।

୧୯୬୧ ମସିହାର ଜନଗଣନା ଅନୁଯାୟୀ ଓଡ଼ିଶାର ତଫସିଲଭୁକ୍ତ ଜାତିର ଲୋକ ସଂଖ୍ୟା ହେଉଛି ୨,୭୬୩,୮୫୮ । ଏହା ରାଜ୍ୟର ମୋଟ ଲୋକ ସଂଖ୍ୟାର ଶତକଡ଼ା ୧୫·୭୪ ଭାଗ । ସମଗ୍ର ଭାରତର ତଫସିଲ-ଭୁକ୍ତ ଜାତିର ମୋଟ ସଂଖ୍ୟାର ଶତକଡ଼ା ୨୪·୨୮ ଭାଗ ଓଡ଼ିଶାରେ ବସବାସ କରନ୍ତି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ୯୩ଟି ସମ୍ପ୍ରଦାୟଭୁକ୍ତ ତଫସିଲ ଜାତିର ଲୋକେ ଦେଖାଯାଆନ୍ତି । ଉଭୟ ତଫସିଲଭୁକ୍ତ ଜାତି ଓ ସମ୍ପ୍ରଦାୟର ମୋଟ ଲୋକ ସଂଖ୍ୟା ରାଜ୍ୟର ମୋଟ ଲୋକ ସଂଖ୍ୟାର ଶତକଡ଼ା ·୪୦ ଭାଗ । ଏହି ଉଭୟ ଶ୍ରେଣୀର ଲୋକମାନେ ଶିକ୍ଷା ଓ ଅର୍ଥନୈତିକ ସ୍ତରରେ ଅନଗ୍ରସରତା ହେତୁ ଆଧୁନିକ ସଭ୍ୟ-ସମାଜର ଅସାମାଜିକ ବ୍ୟକ୍ତିଙ୍କ ଶୋଷଣରୁ ନିଜକୁ ରକ୍ଷା କରିବାରେ ସମର୍ଥ ହୋଇପାରୁ ନ ଥିଲେ ।

ସ୍ୱାଧୀନତା ପୂର୍ବରୁ ଏମାନେ ଯୁଗ ଯୁଗ ଧରି ଅବହେଳିତ ହୋଇ ରହିଥିଲେ । ସ୍ୱାଧୀନତା ପ୍ରାପ୍ତି ପରେ ସମାଜର ଏହି ଦୁର୍ବଳଗୋଷ୍ଠୀର ଉନ୍ନତିପାଇଁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଲା । ଏମାନଙ୍କର ଅବସ୍ଥାର ଉନ୍ନତିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ନିମନ୍ତେ ଏକ ନୂତନ ବିଭାଗ ଖୋଲାଗଲା, ଯାହାର ବିକାଶ ଘଟି ବର୍ତ୍ତମାନର ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ରୂପେ ତାହା ପରିଚିତ ହୋଇଛି । ଆଦିବାସୀ ଓ ଅନୁନ୍ନତ ସମ୍ପ୍ରଦାୟର ଲୋକମାନଙ୍କ ସ୍ୱାର୍ଥର ସୁରକ୍ଷାପାଇଁ ଏହି ବିଭାଗ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରିଥାଏ । ଏହି ଶ୍ରେଣୀର ଲୋକମାନଙ୍କର ଉନ୍ନତିପାଇଁ ସମୟାନୁକ୍ରମେ ଏହି ବିଭାଗର ଆଭି-ମୁଖ୍ୟରେ ପରିବର୍ତ୍ତନ ଅଣାଯାଇଛି । ଏହି ବିଭାଗଦ୍ୱାରା ଯେଉଁ ସବୁ ଯୋଜନା କାର୍ଯ୍ୟକାରୀ କରାଯାଉଛି ତାହାର ଫଳ ଅବଶ୍ୟ ମିଳୁଛି । ଏମାନଙ୍କପାଇଁ ଆଦିବାସୀ ବିଦ୍ୟାଳୟ, ଛାତ୍ରାବାସ, କାରିଗରୀ ତାଲିମ କେନ୍ଦ୍ର, ଧାନଗୋଲା, ଡାକ୍ତରଖାନା ପ୍ରଭୃତି ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରତିଷ୍ଠିତ ହୋଇଛି । ଏମାନଙ୍କର ସର୍ବାଙ୍ଗୀନ ଉନ୍ନତିକଳ୍ପେ ଏବଂ ସମାଜର ଅନ୍ୟାନ୍ୟ ସ୍ତରର ଲୋକମାନଙ୍କ ସଙ୍ଗେ ସମକକ୍ଷ ହେବାପାଇଁ ବିଭିନ୍ନ ପ୍ରକାରର ସୁବିଧା ସୁଯୋଗ ଦିଆଯାଉଛି ।

ସ୍ୱାଧୀନତା ପରଠାରୁ ତଫସିଲଭୁକ୍ତ ଜାତି ଓ ସମ୍ପ୍ରଦାୟର ଲୋକମାନଙ୍କ କଲ୍ୟାଣ ନିମନ୍ତେ ବ୍ୟାପକ ଉଦ୍ୟମ କରାଯାଉଛି । ବିଶେଷକରି ପଞ୍ଚବାର୍ଷିକ ଯୋଜନା କାଳରେ ବହୁ କାର୍ଯ୍ୟକ୍ରମ ହାତକୁ ନିଆ-ଯାଇଥିଲା । ଏହି ସମସ୍ତ ବିକାଶ କାର୍ଯ୍ୟକ୍ରମକୁ ମୁଖ୍ୟତଃ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇପାରିବ । ସେଗୁଡ଼ିକ ହେଲା—(୧) ଶିକ୍ଷା ଓ ସାଂସ୍କୃତିକ ବିକାଶ, (୨) ଅର୍ଥନୈତିକ ବିକାଶ ଏବଂ (୩) ସ୍ୱାସ୍ଥ୍ୟ, ବାସଗୃହ ନିର୍ମାଣ ଓ ଅନ୍ୟାନ୍ୟ ଉନ୍ନୟନ ଯୋଜନା । ରାଜ୍ୟ ସ୍ତରରେ କାର୍ଯ୍ୟକାରୀ ହେଉଥିବା ଏହିଭଳି ଉନ୍ନୟନ ଯୋଜନା ନିମନ୍ତେ ଶତକଡ଼ା ୬୦ ଭାଗ ଖର୍ଚ୍ଚ ଏବଂ କେନ୍ଦ୍ର ସ୍ତରରେ କାର୍ଯ୍ୟକାରୀ ହେଉଥିବା ଯୋଜନାର ସମୁଦାୟ ଖର୍ଚ୍ଚ ଭାରତ ସରକାର ବହନ କରିଥାନ୍ତି ।

## ଶିକ୍ଷା

ତଫସିଲଭୁକ୍ତ ଜାତି ତଥା ତଫସିଲଭୁକ୍ତ ସମ୍ପ୍ରଦାୟଙ୍କ ମଧ୍ୟରେ ଶିକ୍ଷାର ପ୍ରସାରପାଇଁ ବହୁ ସଂଖ୍ୟକ ଆଦିବାସୀ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ଏ ସମସ୍ତ ବିଦ୍ୟାଳୟରେ ତଫସିଲଭୁକ୍ତ ଜାତି, ସମ୍ପ୍ରଦାୟ ତଥା ବିମୁକ୍ତ ସମ୍ପ୍ରଦାୟ (ଡିନୋଟିଫାଏଡ୍ ଟ୍ରାଇବ୍) ର ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ଶିକ୍ଷା ଦିଆଯିବା ସଙ୍ଗେ ସଙ୍ଗେ ଖାଦ୍ୟପେୟ, ପୋଷାକ-ପରିଚ୍ଛଦ, ପୁସ୍ତକ ଓ ଲିଖନ ସାମଗ୍ରୀ ମଧ୍ୟ ଯୋଗାଇ ଦିଆଯାଏ । ଏପର୍ଯ୍ୟନ୍ତ ମୋଟରେ ୮୯ଟି ଆଶ୍ରମ ସ୍କୁଲ, ୧,୧୯୧ଟି ସେବାଶ୍ରମ, ୫ଟି ଶିକ୍ଷକ ତାଲିମ କେନ୍ଦ୍ର, ୧୩୦ଟି ଚଟଶାଳୀ, ୨୩୪ଟି ଛାତ୍ରାବାସ ଓ ଗୋଟିଏ ପୂର୍ଣ୍ଣାଙ୍ଗ ବିଦ୍ୟାଳୟ ଖୋଲାଯାଇଛି । ୧,୧୯୧ଟି ସେବାଶ୍ରମ ମଧ୍ୟରୁ ୭ଟି ଆବାସୀ ବିଦ୍ୟାଳୟ । ଏହାଛଡ଼ା ୪୭ଟି ସେବାଶ୍ରମକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୩୭ଟି ଆଶ୍ରମ ସ୍କୁଲକୁ ହାଇସ୍କୁଲରେ ପରିଣତ କରାଯାଇଛି । ଆଦିବାସୀ ଲୋକମାନଙ୍କ ସାମାଜିକ ତଥା ଅର୍ଥନୈତିକ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବାପାଇଁ ଗୋଟିଏ ଆଦିବାସୀ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଏହି ସମ୍ପ୍ରଦାୟର ଲୋକମାନଙ୍କ କଲ୍ୟାଣ ସାଧନ ଦିଗରେ ବିଭିନ୍ନ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରାଇବା ଦିଗରେ ଏହି କେନ୍ଦ୍ରର ଗବେଷଣାଲବ୍ଧ ଜ୍ଞାନ ସହାୟକ ହେବ । ଏହା ବ୍ୟତୀତ ବିଭିନ୍ନ ବୈଷୟିକ ଓ ବୃତ୍ତିଗତ ଶିକ୍ଷା-ନୁଷ୍ଠାନମାନଙ୍କରେ ଏହି ସମ୍ପ୍ରଦାୟର ଛାତ୍ରମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ କରାଯାଇଛି ।

## ଅର୍ଥନୈତିକ ବିକାଶ

ତଫସିଲଭୁକ୍ତ ଜାତି ତଥା ତଫସିଲଭୁକ୍ତ ସମ୍ପ୍ରଦାୟର ଲୋକମାନଙ୍କ ଅର୍ଥନୈତିକ ବିକାଶ ନିମନ୍ତେ ବିଭିନ୍ନ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏ ଦିଗରେ ଅନ୍ୟ ଏକ ପ୍ରଧାନ ପଦକ୍ଷେପ ହେଲା ଆଦିବାସୀ ଉନ୍ନୟନ ବ୍ଲକ୍ ପ୍ରତିଷ୍ଠା ।

ଆଦିବାସୀ ଲୋକମାନଙ୍କପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ଉଦ୍ଦେଶ୍ୟରେ ରାଜ୍ୟର ଆଦିବାସୀ ବହୁଳ ଅଞ୍ଚଳରେ ୭୫ଟି ଏ ଧରଣର ବ୍ଲକ୍ ପ୍ରତିଷ୍ଠା କରାଯାଇଛି । ଏହାଛଡ଼ା ଗୃହହୀନ ଓ ଜମିବାଡ଼ି ଶୂନ୍ୟ ୩,୬୦୦ ଆଦିବାସୀ ପରିବାରଙ୍କ ବସବାସ ନିମନ୍ତେ ୧୧୩ଟି ବସତି ମଧ୍ୟ ନିର୍ମାଣ କରାଯାଇଛି । ସେମାନଙ୍କପାଇଁ ୯୮୫ଟି ଶସ୍ୟଗୋଲା, ଗୋଟିଏ ବୈଷୟିକ ତାଲିମ କେନ୍ଦ୍ର ଏବଂ ଦୁଇଟି ତାଲିମ ତଥା ଉତ୍ପାଦନ କେନ୍ଦ୍ର ମଧ୍ୟ ପ୍ରତିଷ୍ଠା କରାଯାଇଛି । ସର୍ବାପେକ୍ଷା ଅଧିକ ଅନୁନ୍ନତ ଅବସ୍ଥାରେ ରହିଥିବା 'କ' ଶ୍ରେଣୀଭୁକ୍ତ ଆଦିବାସୀମାନଙ୍କ ଅର୍ଥନୈତିକ ବିକାଶ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । କୋରାପୁଟ ଜିଲ୍ଲାର ଚନ୍ଦ୍ରପୁର ଅଞ୍ଚଳରେ ଲୁଟିଆ କନ୍ଧ ପରିବାରଙ୍କ ଥଇଥାନ ଦିଗରେ ମଧ୍ୟ ଉଦ୍ୟମ କରାଯାଉଛି । ଲାଭଖୋର ଦଲାଲମାନଙ୍କ ଶୋଷଣରୁ ଆଦିବାସୀଙ୍କୁ ମୁକ୍ତ କରିବାପାଇଁ ଆଦିବାସୀ ବହୁଳ ଅଞ୍ଚଳରେ ୪୫ଟି କ୍ରୟ, ବିକ୍ରି ଓ ଉଚିତ ମୂଲ୍ୟର ଦୋକାନ ଖୋଲାଯାଇଛି । ଏହି ଦୋକାନ ଜରିଆରେ ସୁଲଭ ମୂଲ୍ୟରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରି କରାଯାଇଥାଏ । ଜମିବାଡ଼ି ସଂକ୍ରାନ୍ତ ମୋକଦ୍ଦମାରେ ତଫସିଲଭୁକ୍ତ ଜାତି ତଥା ସମ୍ପ୍ରଦାୟର ଲୋକଙ୍କୁ ଆଇନଗତ ସାହାଯ୍ୟ ମଧ୍ୟ କ୍ଷେତ୍ର ବିଶେଷରେ ଦିଆଯାଇଥାଏ । ଏହାଛଡ଼ା ସରକାରୀ ଚାକିରି କ୍ଷେତ୍ରରେ ମଧ୍ୟ ତଫସିଲଭୁକ୍ତ ଜାତି ଓ ସମ୍ପ୍ରଦାୟର ପ୍ରାର୍ଥୀମାନଙ୍କପାଇଁ ଯଥାକ୍ରମେ ଶତକଡ଼ା ୧୬ ଏବଂ ୨୪ ଭାଗ ସ୍ଥାନ ସଂରକ୍ଷଣ କରାଯାଇଛି ।

## ସ୍ୱାସ୍ଥ୍ୟରକ୍ଷା, ଗୃହନିର୍ମାଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ

ଏହି ଶ୍ରେଣୀର ଲୋକମାନେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ କାଳାତିପାତ କରୁଛନ୍ତି । ବହୁସଂଖ୍ୟକ ଲୋକଙ୍କର ମଧ୍ୟ ଉପଯୁକ୍ତ ବାସଗୃହ ନାହିଁ । ତେଣୁ ଏମାନଙ୍କର ଉପଯୁକ୍ତ ଥଇଥାନ ନିମନ୍ତେ ବିଭିନ୍ନ ସ୍ଥାନରେ ଅଗ୍ନିନିରୋଧକ ବାସଗୃହ ନିର୍ମାଣ କରି ଯୋଗାଇ ଦିଆଯାଉଛି । ଆଦିବାସୀ ଅଞ୍ଚଳରେ ଚିକିତ୍ସାର ସୁବିଧା ନିମନ୍ତେ ୬ଶଯ୍ୟା ବିଶିଷ୍ଟ ୨୦ଟି ହାସପାତାଲ, ୧୧ଟି ଚିକିତ୍ସାଳୟ, ୧୧ଟି ଆୟୁର୍ବେଦ ଡାକ୍ତରଖାନା, ୧୪ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ କେନ୍ଦ୍ର, ୨୨୬ଟି ଶିଶୁ ଓ ମାତୃମଙ୍ଗଳ କେନ୍ଦ୍ର ଖୋଲାଯାଇଛି । ପାନୀୟ ଜଳ ଯୋଗାଣ ନିମନ୍ତେ ବହୁସଂଖ୍ୟକ କୂଅ ଓ ନଳକୂପ ମଧ୍ୟ ଖନନ କରାଯାଇଛି ।

ବିଗତବର୍ଷ ଅନ୍ୟାନ୍ୟ ଯେଉଁସବୁ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ସେସବୁ ନିମ୍ନରେ ପ୍ରଦତ୍ତ ହୋଇଗଲା :—

### ଅସ୍ପୃଶ୍ୟତା ନିବାରଣ—

ଅସ୍ପୃଶ୍ୟତା ସମାଜର କଳଙ୍କ ସ୍ୱରୂପ । ତେଣୁ ଏହାର ବିଲୋପ ସାଧନ କରିବା ପ୍ରତ୍ୟେକଙ୍କର ପ୍ରଧାନ କର୍ତ୍ତବ୍ୟ । ଏହି ଅସ୍ପୃଶ୍ୟତା ନିବାରଣ ଏବଂ ତଫସିଲଭୁକ୍ତ ଜାତିର ଲୋକମାନଙ୍କ ଶିକ୍ଷାଗତ ଓ ଅର୍ଥନୈତିକ ବିକାଶ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ରାଜ୍ୟ ହରିଜନ କଲ୍ୟାଣ ପରାମର୍ଶଦାତା ବୋର୍ଡର ସୁପାରିସକ୍ରମେ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ଉପମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ସବ୍ କମିଟି ଗଠନ କରାଯାଇଛି । ଏହି ସବ୍ କମିଟିର ସଭ୍ୟମାନେ ରାଜ୍ୟର ବିଭିନ୍ନ ଅଞ୍ଚଳ ଗସ୍ତ କରି ଅସ୍ପୃଶ୍ୟତା ନିବାରଣ ସମ୍ପର୍କରେ ସରକାରୀ ତଥା ବେସରକାରୀ ବ୍ୟକ୍ତିଙ୍କ ସହିତ ଆଲୋଚନା ଚଳାଇଛନ୍ତି ।

ଶ୍ରୀ ଏଲ୍: ଏଲେୟପେରୁମଲଙ୍କ ଅଧ୍ୟକ୍ଷତାରେ ଭାରତ ସରକାରଙ୍କ ଦ୍ୱାରା ଗଠିତ ଅସ୍ପୃଶ୍ୟତା ନିବାରଣ କମିଟିର ସଭ୍ୟମାନେ ୧୯୬୮ ଫେବୃଆରୀ ମାସରେ ଓଡ଼ିଶା ପରିଦର୍ଶନରେ ଆସିଥିଲେ । ଏହି ପରିଦର୍ଶନ କାଳରେ ସେମାନେ ରାଜ୍ୟର ଅସ୍ପୃଶ୍ୟତା ନିବାରଣ ସଂକ୍ରାନ୍ତ ବିଭିନ୍ନ ସମସ୍ୟା ସମେତ ତଫସିଲଭୁକ୍ତ ଜାତିର ଅର୍ଥନୈତିକ ତଥା ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ବି ଅନୁଧ୍ୟାନ କରିଥିଲେ । ଏହି ଅବସରରେ ସେମାନେ ବହୁ ସରକାରୀ, ବେସରକାରୀ ଓ ବିଶିଷ୍ଟ ହରିଜନ ଲୋକମାନଙ୍କ ସହିତ ଅସ୍ପୃଶ୍ୟତା ଦୂରୀକରଣ ସମ୍ପର୍କରେ ଆଲୋଚନା କରିଥିଲେ ।

## ବନଜାତ ଦ୍ରବ୍ୟ ବିକ୍ରି କିଣା ଆପେକ୍ସ ସମବାୟ ସମିତି

ଲଘୁ ବନଜାତ ଦ୍ରବ୍ୟ ଅନୁସନ୍ଧାନ କମିଟିଙ୍କ ସୁପାରିଶ କ୍ରମେ ୧୯୬୮ ମସିହା ମାର୍ଚ୍ଚ ମାସରେ ଏକ ବନଜାତ ଦ୍ରବ୍ୟ ବିକ୍ରି କିଣା ଆପେକ୍ସ ସମବାୟ ସମିତି ଗଠନ କରାଯାଇଛି । ରାଜ୍ୟ ମଧ୍ୟରେ ଲଘୁ ବନଜାତ ଦ୍ରବ୍ୟର ବିକ୍ରି କିଣା ନିୟନ୍ତ୍ରଣ କରିବା ହେଉଛି ଏହି ସମିତିର ପ୍ରଧାନ କର୍ତ୍ତବ୍ୟ । ଏହାର ସୁପରିଚାଳନା ନିମନ୍ତେ ସାହାଯ୍ୟ ସ୍ୱରୂପ ଦୁଇ ଲକ୍ଷ ଟଙ୍କା ଗ୍ରାଣ୍ଟ ଦିଆଯାଇଛି ।

## ବୃତ୍ତି ହାର ବୃଦ୍ଧି

୧୯୬୮ ମସିହା ଜୁନ୍ ମାସ ପହିଲାରୁ ସ୍ୱତନ୍ତ୍ର ଛାତ୍ରାବାସରେ ରହି ଅଧ୍ୟୟନ କରୁଥିବା ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସମ୍ପ୍ରଦାୟର ଛାତ୍ରମାନଙ୍କୁ ମାସିକ ଟ ୫୯ ବର୍ଦ୍ଧିତ ହାରରେ ବୃତ୍ତି ଦିଆଯାଉଛି ।

## ବର୍ଦ୍ଧିତ ହାରରେ ଖାଦ୍ୟପେୟ ଭତ୍ତା

ଆଦିବାସୀ ଓ ଗ୍ରାମ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ମାଧ୍ୟମିକ ବିଦ୍ୟାଳୟ, ହାଇସ୍କୁଲ ଏବଂ ଆଦିବାସୀ ସେବାଶ୍ରମମାନଙ୍କରେ ଅଧ୍ୟୟନ କରୁଥିବା ଛାତ୍ରମାନଙ୍କୁ ମାସିକ ଟ ୫୯ ବର୍ଦ୍ଧିତ ହାରରେ ୧୯୬୮ ଜୁଲାଇ[illegible] ଖାଦ୍ୟପେୟ ଭତ୍ତା (ବୋର୍ଡ଼ିଂ ଗ୍ରାଣ୍ଟ) ଦିଆଯାଉଛି ।

## ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ତାଲିମ ବ୍ୟବସ୍ଥା

ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସମ୍ପ୍ରଦାୟର ଛାତ୍ରମାନେ ରାଜ୍ୟ ସିଭିଲ ସର୍ଭି[illegible] ସମେତ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଯେପରି ବହୁ ସଂଖ୍ୟାରେ ଉତ୍ତୀର୍ଣ୍ଣ ହୋଇ ପାରିବେ, ସେଥିନିମନ୍ତେ ସେମାନଙ୍କ ଆବଶ୍ୟକୀୟ ତାଲିମ ଦିଆଯିବାର ବ୍ୟବସ୍ଥା କରାଯାଇଛି । ତଦନୁଯାୟୀ କଟକସ୍ଥିତ ରେଭେନ୍ସା କଲେଜରେ ୧୯୬[illegible] ଅଗଷ୍ଟଠାରୁ ଏହିଭଳି ତାଲିମ ପ୍ରଦାନର ବ୍ୟବସ୍ଥା ହୋଇଛି ଏବଂ ଗୋଟିଏ ଦଫାରେ ୬୦ ଜଣ ଛାତ୍ର ତାଲିମ ପାଇପାରୁଛନ୍ତି । ଏହି ତାଲିମ ବର୍ଷେ ପର୍ଯ୍ୟନ୍ତ ଦିଆଯାଏ । ଏହା ଛଡ଼ା ଆଇ. ଏ. ଏସ୍. ଓ ଆଇ. ପି. ଏସ୍. ପରୀକ୍ଷା ପାଇଁ ମଧ୍ୟ ରେଭେନ୍ସା କଲେଜରେ ତାଲିମ ଦିଆଯାଉଛି । ଏହି ଛାତ୍ରମାନେ ଏହି ତାଲିମ ସୁବିଧା ଗ୍ରହଣ କରି ପାରିବେ । ତାଲିମ ସମୟରେ ପ୍ରାର୍ଥୀମାନଙ୍କୁ ମାସିକ ଟ ୮୦ ବୃତ୍ତି ଦିଆଯିବା ସଙ୍ଗେ ସଙ୍ଗେ ସେମାନଙ୍କ ରହିବା ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା କରାଯିବ

## ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମ

ଲାଭଖୋର ଦଲାଲମାନଙ୍କ ଶୋଷଣରୁ ଆଦିବାସୀ ଲୋକମାନଙ୍କୁ ମୁକ୍ତ କରିବା ନିମନ୍ତେ ଆଦିବାସୀ ବହୁଳ ଅଞ୍ଚଳରେ ୭୫ଟି ଉଚିତ ମୂଲ୍ୟର ଦୋକାନ ଖୋଲାଯାଇଛି । ଏହି ଦୋକାନ ଜରିଆରେ ଆଦିବାସୀମାନଙ୍କୁ ସେମାନଙ୍କର ନିତ୍ୟ ପ୍ରୟୋଜନୀୟ ସାମଗ୍ରୀ ଉଚିତ ଦାମରେ ବିକ୍ରି କରାଯାଉଛି । ଆଦିବାସୀମାନେ ସେମାନଙ୍କର ଉତ୍ପନ୍ନ ଦ୍ରବ୍ୟଗୁଡ଼ିକୁ ମଧ୍ୟ ଏହି ସମସ୍ତ ଦୋକାନରେ ବିକ୍ରି କରିଥାନ୍ତି । ଏହା ଫଳରେ ଦଲାଲମାନଙ୍କ ଦ୍ୱାରା ଶୋଷିତ ହେବାର ଅବକାଶ

ନାହିଁ ; କେତେକ ଅସାମାଜିକ ବ୍ୟକ୍ତି ଆଦିବାସୀ ଅଞ୍ଚଳରେ ଅଭାବ ସମୟରେ ମହାଜନୀ କାରବାର କରି ବିଶେଷ ଫାଇଦା ଉଠାଉଛନ୍ତି । ଏହିପରି କାର୍ଯ୍ୟକଳାପକୁ ରୋକିବା ପାଇଁ କେତେକ ସର୍ତ୍ତରେ ଆଦିବାସୀ ଲୋକଙ୍କୁ ସରକାରଙ୍କ ତରଫରୁ ଅଗ୍ରୀମ ଟଙ୍କା ଦେଇ ପରେ ଉକ୍ତ ଟଙ୍କା ପରିଶୋଧ ବାବଦରେ ସେମାନଙ୍କର ବଳକା କୃଷିଜାତ ଦ୍ରବ୍ୟ ଖରିଦ କରିବାପାଇଁ ସ୍ଥିର କରାଯାଇଛି । ଏହା ଫଳରେ ଅଶିକ୍ଷିତ ଓ ସରଳ ଆଦିବାସୀମାନେ ଠକାମିରେ ପଡ଼ିବେ ନାହିଁ ।

## ୧୯୭୮-୭୯ ମସିହା ବାର୍ଷିକ ଯୋଜନାପାଇଁ ଖର୍ଚ୍ଚ ଅଟକଳ

ଅନୁନ୍ନତ ଶ୍ରେଣୀଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ବହୁଳ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରାଇବା ଦିଗରେ ଚଳିତ ବର୍ଷ କେନ୍ଦ୍ରୀୟ କ୍ଷେତ୍ରରେ ୧୧୫.୭୮ ଲକ୍ଷ ଟଙ୍କା ଏବଂ ରାଜ୍ୟ କ୍ଷେତ୍ରରେ ୫୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ନିମନ୍ତେ ପ୍ରଥମେ ଧାର୍ଯ୍ୟ କରାଯାଇଥିଲା । କିନ୍ତୁ ପରେ ସୀମିତ ସମ୍ବଳ ଦୃଷ୍ଟିରୁ ରାଜ୍ୟକ୍ଷେତ୍ରୀୟ ଖର୍ଚ୍ଚ ପରିମାଣ ୫୫ ଲକ୍ଷରୁ ୪୩ ଲକ୍ଷ ଟଙ୍କାକୁ କମାଇ ଦିଆଯାଇଥିଲା ।

୮ ପୃଷ୍ଠାର ଅବଶିଷ୍ଟାଂଶ

ଆସନପାଟଠାରେ ମିଳିଥିବା ଅଭିଲେଖ ବର୍ତ୍ତମାନର ସଂସ୍କୃତିକ ବିଭାଗର ଡାଇରେକ୍ଟର ଶ୍ରୀ ଅନନ୍ତ ଦାସଙ୍କର ପ୍ରଗାଢ଼ ଚେଷ୍ଟାରେ ରାଜ୍ୟ ସଂଗ୍ରହାଳୟରେ ସ୍ଥାନ ପାଇଛି । ଏହା ଓଡ଼ିଶାର ଅନ୍ଧକାରମୟ ଇତିହାସକୁ ନବାଲୋକ ପ୍ରଦାନ କରିପାରିଛି । ଭାରତର ଭାସ୍କର୍ଯ୍ୟ କ୍ଷେତ୍ରରେ ଏପରି ବିଚକ୍ଷଣ ଓ ଅଲୌକିକ ଶିବ ତାଣ୍ଡବ ମୂର୍ତ୍ତି ମିଳିବା ହେଉଛି ପ୍ରଥମ । କୁଷାଣ ଯୁଗର ଶେଷ ପ୍ରାନ୍ତରେ ଓ ଗୁପ୍ତଯୁଗର ପ୍ରାରମ୍ଭରେ ମୂର୍ତ୍ତିଟି ଗଠିତ ହୋଇଥିବା ଅନୁମେୟ । ବାସ୍ତବିକ ଓଡ଼ିଶାର ପ୍ରତ୍ନତତ୍ତ୍ୱ କ୍ଷେତ୍ରରେ ଏହା ଏକ ନବ ଆଲୋକ ।

ଆମ୍ଭେମାନେ ଦେଖିବାକୁ ପାଉ ଗୁପ୍ତ ଯୁଗର ମନ୍ଦିର ପ୍ରଣାଳୀ ଧାରାରେ ଗଢ଼ିଉଠିଲା ଓଡ଼ିଶାରେ ଅସଂଖ୍ୟ ମନ୍ଦିର, ଶତ୍ରୁଘ୍ନେଶ୍ୱର, ପରଶୁରାମେଶ୍ୱର, ସ୍ୱର୍ଣ୍ଣଜାଲେଶ୍ୱର ଓ କୁଆଁଳ ପ୍ରଭୃତି ଉଲ୍ଲେଖଯୋଗ୍ୟ ମନ୍ଦିର । ଏପରି ତ୍ରିରଥ ପ୍ରଣାଳୀ ଗଠିତ ମନ୍ଦିର କାଳକ୍ରମେ ପଞ୍ଚ ରଥରେ ପରିଣତ ହେଲା । ସେହିପରି ଭାସ୍କର୍ଯ୍ୟ-କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ଦେଖାଗଲା । ବୌଦ୍ଧଧର୍ମ ମଧ୍ୟରେ ଯେତେବେଳେ ବଜ୍ରଯାନ ଧର୍ମର ପ୍ରଭାବ ପ୍ରବଳ ହୋଇ ଉଠିଲା ସେତେବେଳେ ଓଡ଼ିଶା ଏକ ପ୍ରଧାନ ପୀଠସ୍ଥଳୀ ରୂପେ ଠିଆ ହେଲା । ଜାତି ଧର୍ମ ନିର୍ବିଶେଷରେ କାପାଳିକ ମତରେ ତାନ୍ତ୍ରିକ ପୂଜା ପଦ୍ଧତିକୁ ଲୋକମାନେ ଶ୍ରେୟସ୍କର ମନେ କଲେ । ଫଳରେ ଗଢ଼ିଉଠିଲା ଅସଂଖ୍ୟ ପରିମାଣରେ ଦେବ ଦେବୀଙ୍କ ପ୍ରତିମା । ବୌଦ୍ଧ ଜଗତର ପ୍ରସିଦ୍ଧ ନାଳନ୍ଦା ବିଶ୍ୱବିଦ୍ୟାଳୟ ପରି ଓଡ଼ିଶାରେ ଯେ ଏକ ବୌଦ୍ଧ ବିଶ୍ୱବିଦ୍ୟାଳୟ ଥିଲା, ତାହା ରତ୍ନଗିରିଠାରେ ହୋଇଥିବା ପ୍ରତ୍ନତାତ୍ତ୍ୱିକ ଖନନ କାର୍ଯ୍ୟ ଫଳରେ ପ୍ରମାଣିତ ହୋଇସାରିଛି । ଭାସ୍କର୍ଯ୍ୟ, କଳା ଓ ସ୍ଥାପତ୍ୟକ୍ଷେତ୍ରରେ ଓଡ଼ିଆ କାରିଗର ତା'ର ମନୋଜ୍ଞ ମନ୍ଦିର ସୃଜନାଗ୍ରରେ ପଟୁତା ପାଇଥିଲା । ଓଡ଼ିଆ କାରିଗର କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ଚରମ ସୀମାରେ ପହଞ୍ଚିଲା, ଯେତେବେଳେ ସେ ତା'ର ସମସ୍ତ ଶକ୍ତି ଖଟାଇ ଗଢ଼ି ପାରିଲା ବିଶ୍ୱ ପ୍ରସିଦ୍ଧ କୋଣାର୍କ ଦେଉଳ । ସୁତରାଂ ଓଡ଼ିଶାର ପ୍ରତ୍ନତାତ୍ତ୍ୱିକ ଗୌରବ ଦୃଷ୍ଟାନ୍ତ ଯୁଗେ ଯୁଗେ ରହିଛି ଓ ରହିଥିବ । ଭାସ୍କର୍ଯ୍ୟ କ୍ଷେତ୍ରରେ ଓଡ଼ିଆ କାରିଗରର ଭୂମିକା ଆଜି ବିଶ୍ୱ ପ୍ରଶଂସିତ ।

# THE BERHAMPORE CO-OPERATIVE CENTRAL BANK LTD
# No. J. 395., BERHAMPORE. (GANJAM DISTRICT)

**HEAD OFFICE**
Berhampore (Ganjam Dt.)

**BRANCH**
Parlakimedi (Ganjam Dt.

**President**
Shri N Ramkrishna Rao, B. A.

*Collections for 1967-68*

97·4% under Principal
99·9% under Interest

*"A" Class Bank*

Owned Capital over 36·98 lakhs
Working Capital over 257·98 lakhs

NET PROFIT over Rs. 2·39 lakhs for 1967-68 subject to audit

**Accepts**

Savings Bank : Interest @ 3 % Withdrawls allowed THRICE WEEK SUBJECT TO 100 DRAWAL IN A YEAR. Withdrawals by chequ also allowed.

Recurring Deposits } Interest @ $6\frac{1}{4}$ %

Current Account : $\frac{1}{4}$% upto Rs. 25,000

*Fixed Deposits*:

| | |
|---|---|
| For 6 months less than 1 year | $5\frac{1}{8}$% |
| For 1 year less than 2 years | $5\frac{5}{8}$% |
| For 2 years less than 3 years | $5\frac{7}{8}$% |
| For 3 years less than 5 years | $6\frac{1}{8}$% |
| For 5 years and over. | $6\frac{5}{8}$% |

UNDER TAKEN ALL TYPES OF BANKING BUSINESS

Your investment in this Bank, however small it may be, will help yo brothers in rural areas, simultaneously help increase in food production a thus solve our national problem.

For further particulars, please apply to :

N. S. MURTY
*Secretary*

ଭାକର ତ୍ରିପାଠୀ

# ଓଡ଼ିଶାରେ ମହୁଚାଷର ଅଗ୍ରଗତି

ାନ, ଝୋଟ, ଆଖୁ ଓ ରବିଫସଲ ସହିତ ଆମେ ମସ୍ତେ ପରିଚିତ; ମାତ୍ର ଆଜିର ଏ ବୈଜ୍ଞାନିକ ଯୁଗରେ ଛଚାଷ ଓ କୁକୁଡ଼ାଚାଷ ଭଳି କେତେକ ନୂଆ ନୂଆ ଷ ବାହାରିଛି । ତା' ମଧ୍ୟରେ ମହୁଚାଷ ଅନ୍ୟତମ । ତେବେ ଅନ୍ୟାନ୍ୟ ଚାଷ ତୁଳନାରେ ମହୁଚାଷର ଚାର ଖୁବ୍ କମ ହୋଇଥିବାରୁ ଏବେ ସୁଦ୍ଧା ଏହା କ କ୍ଷୁଦ୍ର ଶିଳ୍ପ ନାମରେ ନାମିତ ହୋଇଅଛି ।

ଆମ ଦେଶରେ ଚାରି ଜାତିର ମହୁମାଛି ଦେଖା-ଯାନ୍ତି । (୧) ବଘର (Apis Dorasata), (୨) କଫେଣୀ (Apis Indica), (୩) ଡ଼ାଳ (Apis orea), (୪) ନକୁଟୀ (Apis Melepona) ।

'ବାଘର' ମହୁମାଛି ଦେଖିବାକୁ ହଳଦିଆ ଯୁକ୍ତ ବାଦାମୀ ଙ୍ଗର । ଏମାନେ [illegible] ବଡ଼ ବଡ଼ ଗଛ ଳରେ ଡାଳକୁ ଝୁଲାଇ ଗୋଟିଏ ମାତ୍ର ଫେଣା ନ୍ତି । ବସନ୍ତ ଓ ଗ୍ରୀଷ୍ମ ଋତୁରେ ଏମାନେ ପ୍ରଚୁର ହୁ ସଞ୍ଚୟ କରନ୍ତି ସତ, ମାତ୍ର ଗୋଟିଏ ସ୍ଥାନରେ ୬ ମାସରୁ ଅଧିକ ସମୟ ରହନ୍ତି ନାହିଁ । ଏମାନେ ହିଂସ୍ର ଓ ଦଳବଦ୍ଧ ହୋଇ ଶତ୍ରୁକୁ ଆକ୍ରମଣ ନ୍ତି । ତେଣୁ ଏମାନଙ୍କୁ ପୋଷିବା ସହଜ ନୁହେଁ ।

'ଡାଳ' ମହୁମାଛିଙ୍କୁ କେତେକ ସ୍ଥାନରେ 'ଶଙ୍ଖଣି' ବୋଲି କହନ୍ତି । ଏମାନେ ଦେଖିବାକୁ ବାଦାମୀ ରଙ୍ଗର ଓ ଧଳା ଗାରଯୁକ୍ତ । ବାଉଁଶବୁଦା କମ୍ବା ଛୋଟ ଛୋଟ ଗଛ ଡାଳରେ ଏମାନେ ଡାଳକୁ ଝୁଲାଇ ଗୋଟିଏ ମାତ୍ର ଫେଣା ଗଢ଼ନ୍ତି । କେବଳ ବସନ୍ତ ଓ ଗ୍ରୀଷ୍ମ ଋତୁରେ ଗୋଟିଏ ଗୋଟିଏ ଦଳରୁ ପ୍ରାୟ ଏକ କିଲୋଗ୍ରାମ ପର୍ଯ୍ୟନ୍ତ ମହୁ ମିଳିଥାଏ । ଏମାନେ ବାଘର ମାଛିମାନଙ୍କ ଭଳି ହିଂସ୍ର ନ ହେଲେ ମଧ୍ୟ ଗୋଟିଏ ସ୍ଥାନରେ ୫।୬ ମାସରୁ ବେଶୀ ସମୟ ରହୁ ନ ଥିବାରୁ ଏମାନଙ୍କୁ ସ୍ଥାୟୀ ଭାବେ ପୋଷିବା ସହଜ ନୁହେଁ ।

'ନକୁଟୀ' ମହୁମାଛି ଦେଖିବାକୁ କଳା ରଙ୍ଗର ଓ ମଶାଙ୍କ ଭଳି ଅତି ଛୋଟ । ଏମାନେ କାନ୍ଥ ଫାଟ ଓ ଗଛର ଛୋଟ ଫାଟମାନଙ୍କରେ ବସା ବାନ୍ଧି ରହନ୍ତି । ଏମାନଙ୍କର ନିର୍ଦ୍ଦିଷ୍ଟ ଆକୃତିର ଫେଣା ନାହିଁ, ଏମାନେ ବାଉଁଶ ନଳରେ ପୋଷିଲେ ଅନେକ ଦିନ ପର୍ଯ୍ୟନ୍ତ ରହିବାର ଦେଖାଯାଏ । ଗୋଟିଏ ବର୍ଷ ମଧ୍ୟରେ ଏମାନଙ୍କଠାରୁ ଖୁବ୍ ବେଶୀରେ ଦୁଇଶହ କିମ୍ବା ତିନି ଶହ ଗ୍ରାମ ମହୁ ମିଳେ । ସେଥିପାଇଁ ଏମାନଙ୍କୁ ପୋଷିବା ଆଦୌ ଲାଭଜନକ ନୁହେଁ ।

ସାତଫେଣୀ ମହୁମାଛିମାନଙ୍କୁ କେତେକ ଅଞ୍ଚଳରେ ଡ଼ାଆଁସିଆ, ଝୋରକିଆ ବା ଛତରଳ ବୋଲି କହନ୍ତି। ଯେହେତୁ ସାତଗୋଟି ଫେଣାରେ ଏମାନେ ବସା ବାନ୍ଧି ରହୁଥିବାରୁ ଏମାନଙ୍କୁ ସାତଫେଣୀ ବୋଲି କହିବାରେ ଅଧିକ ତାତ୍ପର୍ଯ୍ୟ ଅଛି। ଏମାନେ ଦେଖିବାକୁ ହଳଦି ରଙ୍ଗଯୁକ୍ତ ବାଦାମୀ। ଏମାନେ ଗଛ କୋରଡ଼, ଛଣଢୁଙ୍କା, କଳସୀ ଓ ହାଣ୍ଡି ପ୍ରଭୃତି ଅନ୍ଧାରିଆ ସ୍ଥାନରେ ବସା ବାନ୍ଧି ସ୍ଥାୟୀଭାବେ ରହୁଥିବାରୁ ଏବଂ ଅଣାକୁହୁପ ମହୁ ସଞ୍ଚୟ କରୁଥିବାରୁ ଏମାନଙ୍କୁ ଆଧୁନିକ ମହୁବାକ୍ସ (Hive) ରେ ପୋଷା ଯାଇଥାଏ। ମହୁଚାଷ କହିଲେ କେବଳ ଏହି ଜାତିର ମହୁମାଛି ପାଳନକୁ ହିଁ ବୁଝାଏ।

ଗୋଟିଏ ସାତଫେଣୀ ମହୁମାଛି ଦଳରେ ପ୍ରାୟ ଦଶରୁ ପନ୍ଦର ହଜାର ପର୍ଯ୍ୟନ୍ତ ମାଛି ଅଛନ୍ତି। ଏମାନଙ୍କ ମଧ୍ୟରେ ଗୋଟିଏ ରାଣୀ (Queen), କେତେକ ପୁରୁଷ ମାଛି (Drone) ଓ ଅବଶିଷ୍ଟ କର୍ମୀମାଛି (worker)। ନୂଆ ରାଣୀମାଛି ପୁରୁଷମାଛି ସହିତ ଥରେ ମାତ୍ର ସଙ୍ଗମ କଲାପରେ ଫେଣାରେ ଅଣ୍ଡା ଦେବାକୁ ଆରମ୍ଭ କରେ। କେବଳ ରାଣୀହିଁ ଦଳ ମଧ୍ୟରେ ପୂର୍ଣ୍ଣାଙ୍ଗ ମାଈ ମହୁମାଛି ଓ ଏହା ୩ ବର୍ଷ ପର୍ଯ୍ୟନ୍ତ ବଞ୍ଚିରହେ। ଏହା ଦେଖିବାକୁ ଚମକିଆ ରଙ୍ଗର ଓ ଗୋଟିଏ କର୍ମୀମାଛିଠାରୁ ପ୍ରାୟ ଦୁଇଗୁଣ ବଡ଼। ଅଣ୍ଡା ଦେବା ବ୍ୟତୀତ ଏହାର ଅନ୍ୟ କୌଣସି କାର୍ଯ୍ୟ ନାହିଁ।

ପୁରୁଷ ମହୁମାଛି ଦେଖିବାକୁ କଳା ରଙ୍ଗର ଓ ଗୋଟିଏ କର୍ମୀମାଛି ଅପେକ୍ଷା କିଛିଟା ପରିମାଣରେ ବଡ଼। ବାହାରେ ପ୍ରଚୁର ଖାଦ୍ୟ ମିଳୁଥିବା ସମୟରେ ଏମାନଙ୍କ ଦଳ ମଧ୍ୟରେ ଦେଖିବାକୁ ମିଳେ। ଖାଦ୍ୟ ପରିମାଣ କମିଗଲେ ଏମାନଙ୍କୁ ମାରିବାକୁ ଦିଆଯାଏ। ତେଣୁ ଏମାନଙ୍କୁ ମହୁମାଛି ଦଳର ଅସ୍ଥାୟୀ ବାସିନ୍ଦା ବୁଝାଯାଏ। ଏମାନଙ୍କର ଆୟୁଷ ପ୍ରାୟ ୧୦୦ ଦିନ।



ନୂଆ ଜନ୍ମ ହୋଇଥିବା ରାଣୀ ସହିତ ସଙ୍ଗମ ... ବ୍ୟତୀତ ଏମାନଙ୍କର ଅନ୍ୟ କୌଣସି କାର୍ଯ୍ୟ ...

ମହୁମାଛି ଦଳ କହିଲେ ମୁଖ୍ୟତଃ କର୍ମୀମା... ହିଁ ବୁଝାଏ। ଏମାନେ ମାଈ ମହୁମାଛି ହେ... ମଧ୍ୟ ଏମାନଙ୍କର ଗର୍ଭାଧାର ଛୋଟ ହୋଇ... ପୁରୁଷ ମାଛି ସହିତ ସଙ୍ଗମ ହୋଇପାରେ ... ହେଲେ କେବଳ ରାଣୀହୀନ ଦଳରେ ଏମାନେ ... ଅନିଳତ ଅଣ୍ଡା ଦିଅନ୍ତି, ସେଥିରୁ କେବଳ ଅନା... ପୁରୁଷମାଛି ଜନ୍ମ ହୁଅନ୍ତି। ଏମାନଙ୍କର କାର୍ଯ୍ୟ ... ଫେଣାର ଖୋପଗୁଡ଼ିକୁ ସଫା କରିବା, ଅଣ୍ଡା... ଉତ୍ତାପ ଦେବା, ରାଣୀକୁ ତଥା ଲାର୍ଭାମାନଙ୍କୁ ଖ... ଶତ୍ରୁକୁ ଆକ୍ରମଣ କରିବା, ବାହାରକୁ ଯାଇ ମ... ପରାଗ ଆଣିବା ଇତ୍ୟାଦି। ବସନ୍ତ ଓ ଗ୍ରୀଷ୍ମ ... ଏମାନେ ପ୍ରାୟ ଛଅ ସପ୍ତାହ ଓ ଶୀତ ଋତୁରେ ... ପଚିଶ ସପ୍ତାହ ବଞ୍ଚନ୍ତି।

ମହୁଚାଷ ପାଇଁ ଆବଶ୍ୟକ ହେଉଥିବା ଉପ... ମଧ୍ୟରୁ ମହୁ ବାକ୍ସ, ଧୂଆଁ ଦେବା ଯନ୍ତ୍ର, ... ଓ ମହୁ ନିଷ୍କାସନ ଯନ୍ତ୍ର ପ୍ରଧାନ। ଏ ଗୁଡ଼ିକ... କରାଯାଇପାରେ କିମ୍ବା କୌଣସି ମହୁଚାଷ ଉପ... କିଣା ଯାଇପାରେ।

ଓଡ଼ିଶାର ଭୂଶା ଅଧିକ ସବୁ ଜିଲ୍ଲାରେ ... ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ବସନ୍ତ ଓ ... ଋତୁରେ ଯଥେଷ୍ଟ ସଂଖ୍ୟକ ସାତଫେଣୀ ମହୁମାଛି ... ଦେଖାଯାନ୍ତି। ଅନୁକୂଳ ସମଶୀତୋଷ୍ଣ ... ଆବଶ୍ୟକ ପରିମାଣ ଫୁଲ ଓ ମହୁମାଛି ... ପ୍ରାଚୁର୍ଯ୍ୟତା ଏବଂ ମାଛି ଧରି-ବାକ୍ସରେ ର... ବସନ୍ତ ଋତୁ ହେଉଛି ପ୍ରକୃଷ୍ଟ ସମୟ।

ଗଛ କୋରଡ଼ରୁ ମହୁମାଛି ଧରିବାକୁ ... କୋରଡ଼ ମୁହଁକୁ ହାଣି ଧୂଆଁ ଦେଇ ଫେଣା... କାଟି ବାହାର କରି ବାକ୍ସରେ ଥିବା ଫେ... ସେଗୁଡ଼ିକୁ ବାନ୍ଧି ବାକ୍ସରେ ରଖିବାକୁ ହୁଏ। ଏ...

କୋରଡ ମଧ୍ୟରେ ଧୂଆଁ ଦେଲେ ରାଣୀମାଛି ତଥା ଅନ୍ୟାନ୍ୟ ମାଛିମାନେ ପଡାକୁ ବାହାରିବେ । ଏହି ସମୟରେ ରାଣୀକୁ ଧରି ବାକ୍ସ ମଧ୍ୟରେ ଛାଡି ଦେଇ ବାକ୍ସ ମୁହଁରେ ରାଣୀଜାଲି ଦେଇ ଦେଲେ ରାଣୀମାଛି ପଡାକୁ ବାହାରି ପାରେ ନାହିଁ ମାତ୍ର କର୍ମୀମାଛିମାନେ ଅକ୍ଲେଶରେ ରାଣୀଜାଲି ଦେଇ ବାକ୍ସ ମଧ୍ୟକୁ ପ୍ରବେଶ କରିବେ । ସବୁ ମାଛି ବାକ୍ସକୁ ଆସିଗଲା ପରେ ସନ୍ଧ୍ୟାବେଳେ ବାକସକୁ ଆଣି ଯଥା ସ୍ଥାନରେ ରଖିବାକୁ ହୁଏ । ତାଲିମପ୍ରାପ୍ତ ହୋଇ ନ ଥିଲେ କିମ୍ବା ମହୁଚାଷରେ ଯଥେଷ୍ଟ ଅଭିଜ୍ଞତା ନ ଥିଲେ ଗଛ କୋରଡ଼ରୁ ମହୁମାଛି ଧରିବା ସହଜ ନୁହେଁ ।

ମହୁମାଛିମାନେ ବାକ୍ସକୁ ଆଦରି ରହିଗଲା ପରେ ଅନ୍ତତଃ ସାତ ଦିନରେ ଥରେ ଲେଖାଏଁ ବାକ୍ସ ଖୋଲି ରାଣୀର ଅଣ୍ଡା ଦେବାର ଶକ୍ତି, ରାଣୀଖୋପ ଓ ପଦ୍ମୋପଜ ସଂଚିତ ମହୁର ପରିମାଣ ପ୍ରଭୃତି ଦେଖିବାକୁ ହୁଏ । ମହୁ ହୋଇଗଲା ପରେ ଫେଣଗୁଡ଼ିକୁ ବାକ୍ସରୁ ବାହାର କରି, ମାଛିମାନଙ୍କୁ ଘଉଡ଼ାଇ ଦେଇ ମହୁ ନିଷ୍କାସନ ଯନ୍ତ୍ରରେ ରଖି ବୁଲାଇଲେ ଫେଣା ନ ଭାଙ୍ଗି ମହୁ ବାହାରିଯାଏ ଓ ପୁନର୍ବାର ଫେଣାଗୁଡ଼ିକୁ ବାକ୍ସରେ ରଖି ଦେଲେ ମହୁ ସଂଚୟ ହୁଏ । ଓଡ଼ିଶାରେ ଗୋଟିଏ ଗୋଟିଏ ମହୁ ବାକ୍ସରୁ ବର୍ଷକୁ ପ୍ରାୟ ୫ କିଲୋଗ୍ରାମରୁ ୧୦ କିଲୋଗ୍ରାମ ମହୁ ମିଳିଥାଏ ।

ମହୁବାକ୍ସ ଥିବା ସ୍ଥାନର ପାଖପାଖି ଫୁଲ ଥିବାରେ ମହୁ ଉତ୍ପାଦନ ନିର୍ଭର କରେ କାରଣ ଏହି ଫୁଲର ଫୁଲରେଣୁ ମକରନ୍ଦ ବା ଯାହାକୁ ଇଂରାଜୀରେ କହନ୍ତି Raw materials । ମହୁଚାଷ ପାଇଁ କଦଳୀ, ଅମୃତଭଣ୍ଡା, ଆମ୍ବ, କେଇଲଗିଆ, ଶିମୁଳ, ଲେମ୍ବୁ, ଜାମଳା, ସଜନା, ସାହାଡ଼ା, ପଳାଶ, ପୁଟିଆ, ପାଲଧୁଆ, ଗମ୍ଭାରି, କଇଁଥ, ଲିମ୍ବ, ଶିରିଷ, ଲଙ୍କାଆମ୍ବ, କରଞ୍ଜ, ବେଗୁନିଆ, ଅର୍ଜୁନ, ଜାମୁ, ତେନ୍ତୁଳି, ଓଂଜଳା, ବବୁଲ, ଗୋହିର, ଛଣପଟ, ଇଟାଫଳ, ଲାଜକୁଳି, ବର, ପୋଟଳ, ଧଣିଆ, କୋଳଥ, ରାଶି ପ୍ରଭୃତି ଫୁଲମାନ ଆବଶ୍ୟକ । ଏହିସବୁ ଫୁଲମାନଙ୍କ ମଧ୍ୟରୁ ଅଧିକାଂଶ ବସନ୍ତ ଓ ଗ୍ରୀଷ୍ମ ଋତୁରେ ଫୁଟି-ଥିବାରୁ ମହୁ ଆମଦାନୀ ଏହି ସମୟରେ ଯଥେଷ୍ଟ ହୋଇଥାଏ ।

ମହୁଚାଷ ଦ୍ଵାରା ମହୁ ମିଳିବା ସଙ୍ଗେ ସଙ୍ଗେ ପରାଗ ସଂଗମ ହେଉଥିବାରୁ ଶତକଡ଼ା ୨୫ ଭାଗ ଫଳ ଉତ୍ପାଦନ ବୃଦ୍ଧି ହୁଏ । ଉଦ୍ଭିଦ ବିଜ୍ଞାନୀମାନଙ୍କ ମତରେ ପୃଥିବୀରେ ୧୭୬,୦୦୦ ଜାତିର ବୃକ୍ଷ, ଲତା, ଗୁଳ୍ମ ଇତ୍ୟାଦି ଦେଖାଯାଏ । ଏମାନଙ୍କ ମଧ୍ୟରୁ ୧୦୩,୦୦୦ ଜାତିର ଉଦ୍ଭିଦ ସପୁଷ୍ପକ । ସପୁଷ୍ପକ ଉଦ୍ଭିଦମାନଙ୍କ ମଧ୍ୟରୁ କେତେକ କେବଳ ମହୁମାଛି-ମାନଙ୍କର ପରାଗ ସଂଗମ ଦ୍ଵାରା ଫଳବନ୍ତରେ ବଞ୍ଚି ରହିଛି । ତେଣୁ ଅଧିକ ଫଳ ଉତ୍ପାଦନ ଯୋଜନାରେ ମହୁମାଛିମାନଙ୍କର ଅବଦାନ ଯଥେଷ୍ଟ ଗୁରୁତ୍ଵପୂର୍ଣ୍ଣ ।

ଭାରତବର୍ଷରେ ସର୍ବପ୍ରଥମେ ତ୍ରିଚନାପଲ୍ଲୀଠାରେ ୧୯୧୧ ମସିହାରେ ମହୁଚାଷ ଆରମ୍ଭ ହୋଇଥିଲେ ମଧ୍ୟ ଓଡ଼ିଶାରେ ଏହା ୧୯୩୬ ମସିହାରେ ଆରମ୍ଭ ହେଲା । ପରେ ପରେ ଅଖିଳ ଭାରତ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ, (ଏବେ କମିଶନ) ମହୁଚାଷ କାର୍ଯ୍ୟ ନିଜ ହାତକୁ ନେଇ ସବୁ ପ୍ରଦେଶରେ ମହୁଚାଷ ଉପ-କେନ୍ଦ୍ରମାନ ଖୋଲି ଆଗ୍ରହୀ ବ୍ୟକ୍ତିମାନଙ୍କୁ ଏ ଦିଗରେ ସାହାଯ୍ୟ କରୁଛନ୍ତି ।

ଓଡ଼ିଶାରେ କଟକ ଜିଲ୍ଲାରେ, ଜାଦୁଅପଡ଼ା, ଦକ୍ଷିଣ-ଦେଢ଼, ଜଗଦମ୍ବା ପାଟଣା, ସିଲୋ, କନ୍ଦୁଆଁ, ନୂଆବସନ୍ତ; ମୟୂରଭଞ୍ଜ ଜିଲ୍ଲାରେ ବଙ୍କ; କୁଲିଅଣା, ଉଦଳା, କୁଣ୍ଡା; ବାଲେଶ୍ଵର ଜିଲ୍ଲାରେ ବାହାନଗା; ଢେଙ୍କାନାଳ ଜିଲ୍ଲାରେ ଗନ୍ଧିଆ, ପାବୁଳ, ଜେରଢା, ମଦାର, ନନ୍ଦଲପ୍ରସାଦ; ସମ୍ବଲପୁର ଜିଲ୍ଲାରେ ରେଢ଼ାଖୋଲ, ଭୋଜପୁର, ବାମରା; ପୁରୀ ଜିଲ୍ଲାରେ ବନମାଳିପୁର,

ତାଳଗାଁଣା, ଝାଂଗାରପୁର, ତେଜଙ୍ଗ, ଚନ୍ଦନପୁର, ଜୁଡ଼େଇ, କୃଷ୍ଣଚନ୍ଦ୍ରପୁର, ରେଞ୍ଜ; ଗଞ୍ଜାମ ଜିଲ୍ଲାରେ ଆକାରପେଂ, ଚନ୍ଦ୍ରଗିରି, ଶବରପଡ଼ା, ବେଲଗୁଣ୍ଠା; ଫୁଲବାଣୀ ଜିଲ୍ଲାରେ ଦରିଙ୍ଗା, ଫୁଲବାଣୀ, ଲିଙ୍ଗ ଗୁଡ଼ା, ସଙ୍କରାଖୋଲ; କୋରାପୁଟ ଜିଲ୍ଲାରେ କୁନ୍ଦ୍ରା, ମଇଦଲପୁର, ଗାଡ଼ିଆ, ଜବୁଆ, ଦେଓଗାଁ; ବଲାଙ୍ଗିର ଜିଲ୍ଲାରେ ସାଇଁଇତଲା, ଲୋଇସିଂହା, ଦେଓଗାଁ, ବେଲଗାଁ, ତୁଣ୍ଡାପାଲି; କଳାହାଣ୍ଡି ଜିଲ୍ଲାରେ ଲାଞ୍ଜିଗଡ଼, ମଦନପୁର-ରାମପୁର, ମଦନପୁର, ଶଗଡ଼ା, ମେଦନୀପୁର, ମୋଟ ୫୦ଟି ଉପକେନ୍ଦ୍ର କାର୍ଯ୍ୟକାରୀ ହେଉଅଛି । ନିୟମାନୁଯାୟୀ ପ୍ରତ୍ୟେକ ଉପକେନ୍ଦ୍ର ଗୋଟିଏ ସ୍ଥାନରେ ୫ ବର୍ଷ କାର୍ଯ୍ୟକାରୀ ହେବା ପରେ ତାହା ଅନ୍ୟ ସ୍ଥାନକୁ ଉଠିଯାଏ ଓ ସେହିଭଳି କେତେଗୋଟି ଉପକେନ୍ଦ୍ରକୁ ନେଇ ଗୋଟିଏ ସର୍କଲ ମହୁଚାଷ କେନ୍ଦ୍ର ଖୋଲାହୁଏ । ବର୍ତ୍ତମାନ କଟକ ଜିଲ୍ଲାରେ କଟକ ସଦର, ବଡ଼ଚଣା; ବାଲେଶ୍ୱର ଜିଲ୍ଲାରେ ମିତ୍ରପୁର, ବାଲିଆପାଳ, ନାଟମୋ, ଜାମୁଝାଡ଼, ମୟୁରଭଞ୍ଜ ଜିଲ୍ଲାରେ ମାଣତ୍ରି; ଢେଙ୍କାନାଳ ଜିଲ୍ଲାରେ ବଇଣ୍ଡା; ପୁରୀ ଜିଲ୍ଲାରେ ଭୁଲସୀପୁର; ଗଞ୍ଜାମ ଜିଲ୍ଲାରେ ସୀତାନଗର; ଏପରି ମୋଟ ୧୦ଟି ସର୍କଲ ମହୁଚାଷ କେନ୍ଦ୍ର କାର୍ଯ୍ୟକାରୀ ହେଉଅଛି ।

ପ୍ରତ୍ୟେକ ମହୁଚାଷ ଉପକେନ୍ଦ୍ର ଓ ସର୍କଲ ମହୁଚାଷ କେନ୍ଦ୍ରମାନଙ୍କରେ ଜଣେ ଲେଖାଏଁ ଅଭିଜ୍ଞ କର୍ମଚାରୀ ଅଛନ୍ତି । ସେମାନେ ମହୁଚାଷୀମାନଙ୍କୁ ଉପକରଣମାନ ବିକ୍ରି କରିବା ସଙ୍ଗେ ସଙ୍ଗେ କିପରି ଭାବେ ମହୁଚାଷ କଲେ ଲାଭବାନ ହେବାକୁ ହୁଏ, ସେ ସମ୍ପର୍କରେ ଆବଶ୍ୟକୀୟ ପରାମର୍ଶମାନ ଦେଇଥାନ୍ତି ।

କେତେକଜଣ ମହୁଚାଷୀଙ୍କୁ ସ୍ୱତନ୍ତ୍ରଭାବେ ତାଲିମ ଦେଇ ମହୁଚାଷ ଦ୍ୱାରା ଜୀବିକା ନିର୍ବାହ କରିବା ଉଦ୍ଦେଶ୍ୟରେ ସେମାନଙ୍କୁ ଉପକରଣ ଓ ଆର୍ଥିକ ସାହାଯ୍ୟ ଦିଆଯାଇଛି । ଏହିଭଳି ଶିକ୍ଷିତ ମହୁଚାଷୀଙ୍କ ସଂଖ୍ୟା ହେଲା, ବାଲେଶ୍ୱର ଜିଲ୍ଲାରେ ଜଣେ, ... ଜିଲ୍ଲାରେ ଦୁଇଜଣ, ଓ ପୁରୀ ଜିଲ୍ଲାରେ ଜଣେ ।

ସ୍କୁଲରେ ପଢ଼ୁଥିବା ପିଲାମାନଙ୍କୁ ମହୁ... ପ୍ରାଥମିକ ଶିକ୍ଷା ଦେବା ନିମନ୍ତେ ବାଲେଶ୍ୱର ... ୧୧ଟି, କଟକ ଜିଲ୍ଲାରେ ୭ଟି, ଢେଙ୍କାନାଳ ... ୩ଟି, ଗଞ୍ଜାମ ଜିଲ୍ଲାରେ ଗୋଟିଏ, ପୁରୀ ଜିଲ୍ଲାରେ ଓ କୋରାପୁଟ ଜିଲ୍ଲାରେ ୨ଟି, ଏଭଳି ମୋଟ... ସ୍କୁଲକୁ ଉପକରଣ ତଥା ଆର୍ଥିକ ସାହାଯ୍ୟ ଯାଉଛି ।

ଯେଉଁ ଆଗ୍ରହୀ ବ୍ୟକ୍ତିମାନେ ମହୁମା... ଅଭାବରୁ ମହୁଚାଷ କରି ପାରୁନାହାନ୍ତି ସେ... ସୁଲଭ ମୂଲ୍ୟରେ ମହୁମାଛି ଦଳ ଯୋଗାଇ... ଉଦ୍ଦେଶ୍ୟରେ ପୁରୀ, ଗଞ୍ଜାମ ଓ ବାଲେଶ୍ୱର ଜି... ଗୋଟିଏ ଲେଖାଏଁ ମୋଟ ୩ଟି ମହୁମାଛି ... (Bee Nursery) ସ୍ଥାପିତ ହୋଇଛି । ନର୍ସରୀରେ ବୈଜ୍ଞାନିକ ଉପାୟରେ ହୃଷ୍ଟପୁଷ୍ଟ ... ରାଣୀମାଛି ଉତ୍ପନ୍ନ କରାଯାଇ ଦଳ ସହ ବିକ୍ରି କ...

ଏସବୁ କାମର ତଦାରଖ କରିବା... ବାଲେଶ୍ୱର, ପୁରୀ, କଟକ, ଛତ୍ରପୁର, ଜ... ଭବାନୀପାଟଣା, ସମ୍ବଲପୁର ଓ ଢେଙ୍କାନାଳ... ଗୋଟିଏ ଲେଖାଏଁ ଆଞ୍ଚଳିକ ମହୁଚାଷ ଅଫିସ ... ଓ ପ୍ରତ୍ୟେକ ଅଫିସରେ ଜଣେ ଲେଖାଏଁ ଏ... (Apiarist) ଅଛନ୍ତି ।

ମହୁ ଅମୃତ ତୁଲ୍ୟ ପଦାର୍ଥ । ଆୟୁର୍ବେଦମତେ ଯୋଗବାହୀ ଅର୍ଥାତ୍ ଯାହା ସଙ୍ଗରେ ଯୋଗ... ତାହାର ଗୁଣକୁ ଉଦ୍ବନ୍ଦିତ କରିବ । ମହୁ ... ସ୍ୱାଦୁ, ରେଚକ, ଲଘୁ, ଅଗ୍ନିଦୀପକ, ସ୍ୱର ବର୍ଦ୍ଧକ, ଶୋଧକ, ଅହ୍ଲାଦ ଜନକ, ଶୁକ୍ର ବର୍ଦ୍ଧକ ଓ ... ବର୍ଦ୍ଧକ । ଏହା କୁଷ୍ଠ, ମେହ, ଅର୍ଶ, ରକ୍ତପିତ୍ତ, ... ଦାହ, ବମନ, ଅତିସାର, କଫ, ଶ୍ୱାସ, ହିକ୍କା, ... ମଳବଦ୍ଧତା, କ୍ଷତ ଏବଂ କ୍ଷୟ ରୋଗ ନାଶ କରେ ।

୫୦୦ ଗ୍ରାମ ମହୁର ଗୁଣ ସହିତ ୬୦ଟି କୁକୁଡ଼ା ଅଣ୍ଡା, ୧୪୦ ଗ୍ରାମ ପାଚିଲା କଦଳୀ, ୧୩୦୦ ଗ୍ରାମ ଫୁଲକୋବି, ୬୦୦୦ ଗ୍ରାମ ବନ୍ଧାକୋବି ଓ ୨ ଲିଟର ଦୁଧର ଗୁଣ ସହିତ ସମାନ । ମହୁକୁ ଦୈନନ୍ଦିନ ଖାଦ୍ୟରୂପେ ପରିମାଣ ଅନୁଯାୟୀ ବ୍ୟବହାର କରିବା ଉଚିତ । କାରଣ ମହୁରେ Invert Sugar, Dentrin, Protein, Fruit Sugar, Grape Sugar, Sucrose, Nitrogen, Acid, Iron, Sodium, Copper, Potassium, Sulpher, Manganese, Calcium, Magnesium, Phosphorous, Aluminium, Zinc, Vitamin-B Complex ପ୍ରଭୃତି ବହୁ ପ୍ରକାର ଖାଦ୍ୟ ଉପାଦାନ ନିହିତ ଅଛି ।

ଗୋଟିଏ ହିସାବରୁ ଜଣାପଡ଼ିଛି ଯେ ୧୯୬୭-୬୮ ସୁଦ୍ଧା ଓଡ଼ିଶାର ୩,୯୬୩ଟି ଗ୍ରାମରେ ୧୨,୦୫୭ ଜଣ ମହୁଚାଷୀ ୧୯,୬୯୭ଟି ବାକ୍ସରେ ମହୁମାଛି ପାଳନ କରୁଛନ୍ତି ଏବଂ ଏହିସବୁ ବାକ୍ସରୁ ୬୮,୬୫୭ କିଲୋଗ୍ରାମ ମହୁ ଉତ୍ପାଦନ ହୋଇପାରିଛି । ୧୯୫୬-୫୭ ଠାରୁ ୧୯୬୭-୬୮ ସୁଦ୍ଧା ଓଡ଼ିଶାରେ ମହୁଚାଷରୁ ପ୍ରାୟ ୧୮ ଲକ୍ଷ ଟଙ୍କା ମୂଲ୍ୟର ମହୁ ଉତ୍ପାଦନ ହୋଇପାରିଛି । ମହୁଚାଷ ହୋଇ ନ ଥିଲେ ଫଳରେ ଥିବା ଉପରୋକ୍ତ ମୂଲ୍ୟର ମହୁ ହରାଇବାକୁ ପଡ଼ିଥାନ୍ତା । ତେଣୁ ସବୁ ଅଞ୍ଚଳରେ ମହୁଚାଷ ଆହୁରି ବ୍ୟାପକ ହେବା ଆବଶ୍ୟକ ।

(୧୬ ପୃଷ୍ଠାର ଅବଶିଷ୍ଟାଂଶ)

କରିପିବ ; ଏହି କାରଖାନା ନିର୍ମାଣରେ ୧ କୋଟି ୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଅଛି । ଏହି କାରଖାନା ନିର୍ମାଣ ପାଇଁ ଜାପାନରୁ ଯନ୍ତ୍ରପାତି ଖରିଦ ହୋଇଅଛି ।

ଶିଳ୍ପ ଉନ୍ନୟନ କର୍ପୋରେସନ ଯାଜପୁର ରୋଡ଼ଠାରେ ଗୋଟିଏ ଫେରୋ-କ୍ରୋମ୍ କାରଖାନା ପ୍ରାୟ ୬୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି । ୧୯୬୯ ଜନ୍ ମାସ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇ ଉତ୍ପାଦନ ଆରମ୍ଭ ହେବ ବୋଲି ଆଶା କରାଯାଏ । ପ୍ରଥମ ଅବସ୍ଥାରେ ଏହି କାରଖାନାରୁ ବର୍ଷକୁ ୧୦ ହଜାର ଟନ ଫେରୋ-କ୍ରୋମ ଉତ୍ପନ୍ନ ହେବ । ପରେ ଏହାର ଉତ୍ପାଦନ କ୍ଷମତା ୨୫ ହଜାର ଟନ୍‌କୁ ବୃଦ୍ଧି କରାଯାଇପାରିବ । ଚତୁର୍ଥ ଯୋଜନାକାଳରେ ଦେଶର ଷ୍ଟେନ୍-ଲେସ୍ ଷ୍ଟିଲ୍‌ର ଯଥେଷ୍ଟ ଆବଶ୍ୟକତା ଥିବା ଦୃଷ୍ଟିରୁ ଏହି କାରଖାନାର ବିଶେଷ ଗୁରୁତ୍ୱ ରହିଛି । ଏହି କାରଖାନା ବୈଦେଶିକ ମୁଦ୍ରା ସଞ୍ଚୟ କରିବାରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ପ୍ରତିରକ୍ଷା ଶିଳ୍ପର ବିକାଶରେ ମଧ୍ୟ ଯଥେଷ୍ଟ ସହାୟକ ହେବ । ଏହି କାରଖାନା ସ୍ଥାପିତ ହେଲେ ଏହାର ବିଭିନ୍ନ ବିଭାଗରେ ଶତାଧିକ କର୍ମଚାରୀ ନିଯୁକ୍ତ ହେବେ । ତା'ଛଡ଼ା ଖଣି ଓ ପରିବହନ କାର୍ଯ୍ୟରେ ମଧ୍ୟ ବହୁ ଲୋକ ନିଯୁକ୍ତ ହୋଇ ପାରିବେ । ଏହି କାରଖାନାର ୭୦ ଭାଗ ଯନ୍ତ୍ରପାତି ନରୱେ, ସ୍ୱିଡ଼େନ ଓ ଫ୍ରାନସ୍‌ରୁ ଅଣାଯାଇଅଛି ।

ଏତଦ୍‌ବ୍ୟତୀତ କର୍ପୋରେସନ୍ କୋରାପୁଟ ଜିଲ୍ଲା ଥିରୁବାଲିଠାରେ ଏକ ଫେରୋସିଲିକନ୍ କାରଖାନା, ଗଞ୍ଜାମଠାରେ ଏକ କଷ୍ଟିକ ସୋଡ଼ା କାରଖାନା ଏବଂ ଆସିକାଠାରେ ଏକ ଚିନିକାରଖାନା ସ୍ଥାପନ କରିବାରେ ଆର୍ଥିକ ଏବଂ ଅନ୍ୟାନ୍ୟ ସାହାଯ୍ୟ କରିଛି ।

ଓଡ଼ିଶାର ଶିଳ୍ପାୟନ ପାଇଁ ସରକାରଙ୍କର ଏହି କର୍ପୋରେସନ୍‌ର ଯଥେଷ୍ଟ ଅବଦାନ ରହିଛି । ଦେଶବାସୀଙ୍କର ଶ୍ରଦ୍ଧା, ସହଯୋଗ ଏବଂ ଶୁଭେଚ୍ଛା ନେଇ ଏହି ଅନୁଷ୍ଠାନଟି ସମୟର ଗତି ସଙ୍ଗେ ସଙ୍ଗେ ଉତ୍ତରୋତ୍ତର ଉନ୍ନତି କରିବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

*For Advance News and Progressive Views*

# *Read*

*Orissa's Most Popular and Unique Daily*

# ପ୍ରଜାତନ୍ତ୍ର

# *The Prajatantra*

**Famous for Various features**
**Latest in look and out-look**

**( A publication of the Prajatantra Prachar Samity )**

## Best Medium for your Advertisements

*Founder and Chairman*—DR. HAREKRUSHNA MAHTAB

*Editor*—SHRI SRIHARSHA MISRA

**Special Features:—Literary section (Sunday)**
**Children section (Monday) Farmers Forum (Tuesday) Drama, Danc and Cinema (Friday) Besides this Women section, Psychology section et**

***Also Advertise in***

**Orissa's Most Popular and Oldest Cultural Monthly Magazine**

# JHANKAR

*Edited by*—DR. HAREKRUSHNA MAHTAB

**A Publication of the Prajatantra Prachar Samity**
**Represents all that is best in Orissa's Art and Literature**

***For Particulars Please Contact :***

*Head Office*—Prajatantra Buildings, Cuttack-2

PHONE—1160, 199, 887—GRAM—PRAJATANTRA, CUTTACK

# ଓଡ଼ିଶାରେ ଗଭୀର ସମୁଦ୍ରରୁ ମାଛଧରା

କ୍ରମବର୍ଦ୍ଧିତ ଦେଶବାସୀଙ୍କ ଅନ୍ନସଂସ୍ଥାନ ନିମନ୍ତେ ଅଧିକ ଖାଦ୍ୟପଦାର୍ଥ ଉତ୍ପାଦନ କରିବାର ଆବଶ୍ୟକତା ଇତିମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଛି । ଏହି ପରିପ୍ରେକ୍ଷୀରେ ଅଧିକ ଖାଦ୍ୟ ଉତ୍ପାଦନକ୍ଷମ ଯେ କୌଣସି ଯୋଜନାର ସର୍ବାଧିକ ଗୁରୁତ୍ୱ ରହିଛି । ପୁଷ୍ଟିହୀନତା ବର୍ତ୍ତମାନ ଆମ ଦେଶରେ ଏକ ଜରୁରୀ ସମସ୍ୟା ରୂପେ ଦେଖା ଦେଇଛି । ତେଣୁ ଦେଶବାସୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ଦିଗରେ ସବୁ ପ୍ରକାର ଉଦ୍ୟମକୁ ଉତ୍ସାହିତ କରାଯିବ ।

ଆମ ଦେଶର ପୂର୍ବ ଉପକୂଳର ଦୈର୍ଘ୍ୟ ୧,୯୬୨ କିଲୋମିଟର । ଏଥିମଧ୍ୟରେ କେବଳ ଓଡ଼ିଶାରେ ୪୮୦ କିଲୋମିଟର ଦୀର୍ଘ ଉପକୂଳ ରହିଛି ଯାହାକି ପ୍ରଚୁର ମତ୍ସ୍ୟ ସମ୍ପଦରେ ଭରପୂର ।

ମାଛଧରା କାର୍ଯ୍ୟକ୍ରମକୁ ମୁଖ୍ୟତଃ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଛି । ତନ୍ମଧ୍ୟରୁ ଗୋଟିଏ ହେଲା ମାଛଚାଷ ଓ ଅନ୍ୟଟି ହେଲା ମାଛଧରା ।

ଅଭ୍ୟନ୍ତରୀଣ ଜଳାଶୟମାନଙ୍କରେ ସାଧାରଣତଃ ମାଛଚାଷ କରାଯାଇଥାଏ । ଏହି ଜଳାଶୟରେ ମାଛ ଜାଆଁଳ ଛଡ଼ାଯାଇ ପାଳନ କରାଯାଏ ଏବଂ ସେଗୁଡ଼ିକ ବଡ଼ ହୋଇଯିବା ପରେ ଧରାଯାଏ । କିନ୍ତୁ ସମୁଦ୍ର କିମ୍ବା ନଦୀ ମୁହାଣମାନଙ୍କରେ ଏପରି ମାଛ ଚାଷ କରିବାର ଆବଶ୍ୟକତା ପଡ଼ି ନ ଥାଏ । ଏ ସମସ୍ତ ସ୍ଥାନରେ ଆମ୍ଭମାନଙ୍କ ଆହାର ନିମନ୍ତେ ବିପୁଳ ମତ୍ସ୍ୟ ସମ୍ପଦ ପ୍ରକୃତିଦ୍ୱାରା ଗଚ୍ଛିତ ଅଛି । ଏ କ୍ଷେତ୍ରରେ ଆମର ପ୍ରଧାନ କାର୍ଯ୍ୟ ହେଲା, ପ୍ରକୃତିଦତ୍ତ ଏହି ମତ୍ସ୍ୟ ସମ୍ପଦକୁ ସଂଗ୍ରହ କରି ଦେଶବାସୀଙ୍କୁ ସୁବିଧାରେ ଯୋଗାଇ ଦେବା ।

ହିସାବ କରି ଦେଖାଯାଇଛି ଯେ ଉପକୂଳ ଠାରୁ ପ୍ରାୟ ୧୫ କିଲୋମିଟର ଯାଏ ସର୍ବମୋଟ ୫,୦୦୦ ବର୍ଗ କିଲୋମିଟର ପରିମିତ ସମୁଦ୍ରରେ ପ୍ରଚୁର ମାଛ ମାରିବାର ସୁବିଧା ରହିଛି । ଏହା ଛଡ଼ା ଗଭୀର ସମୁଦ୍ରରୁ ମାଛଧରା ପ୍ରଣାଳୀ ଅବଲମ୍ବନରେ ଅଧିକା ୫,୦୦୦ ବର୍ଗ କିଲୋମିଟର ପରିମିତ ଅଞ୍ଚଳରୁ ମାଛ ଧରାଯାଇପାରିବ । ଏହା ବ୍ୟତୀତ ଆମ ରାଜ୍ୟରେ ପ୍ରାୟ ୧,୮୦୦ କିଲୋମିଟର ପରିମିତ ନଦୀ ମୁହାଣ ଓ ସମୁଦ୍ର ଖାଡ଼ି ରହିଛି ଯେଉଁଠାରେ କି ଉପଯୁକ୍ତ ପ୍ରଣାଳୀରେ ପ୍ରଚୁର ମାଛ ମରାଯାଇପାରିବ ।

ରାଜ୍ୟର ସୁଦୀର୍ଘ ଉପକୂଳର ବଦ୍ଧଜଳ ଅଞ୍ଚଳରେ ବିଭିନ୍ନ ଜାତିର ଓ ବିଭିନ୍ନ ଆକାରର ମତ୍ସ୍ୟ ସମ୍ପଦରେ ଭରପୂର । ତେଣୁ ପ୍ରଚୁର ମାଛ ମରାଯିବା ନିମନ୍ତେ ଏ ସମସ୍ତ ଉପକୂଳ ଅଞ୍ଚଳ ବିଶେଷ ଅନୁକୂଳ ।

ମାଣ୍ଡାପାମ୍ ସ୍ଥିତ କେନ୍ଦ୍ରୀୟ ସାମୁଦ୍ରିକ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ, ମତ୍ସ୍ୟ ସମ୍ପଦରେ ଭରପୂର ଓଡ଼ିଶାର ସୁଦୀର୍ଘ ସମୁଦ୍ର ଉପକୂଳକୁ ସ୍ୱର୍ଣ୍ଣ ଖଣି ରୂପେ ତୁଳନା କରିବାକୁ ଯାଇ କହିଛନ୍ତି ଯେ ଏ ସମସ୍ତ ମତ୍ସ୍ୟ ସମ୍ପଦର ଏ ପର୍ଯ୍ୟନ୍ତ ସଦୁପଯୋଗ କରାଯାଇ ନାହିଁ ।

ପ୍ରାୟ ବିଗତ ୧୦ ବର୍ଷ ହେଲା ମତ୍ସ୍ୟ ବିଭାଗ ତରଫରୁ ପରୀକ୍ଷାମୂଳକ ଭାବେ ପାରାଦୀପଠାରେ ସମୁଦ୍ରରୁ ମାଛ ମରାଯାଉଛି । ପଥପ୍ରଦର୍ଶକ ଯୋଜନାରୂପେ ଏହି କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଥିବ । ପାରାଦୀପ ସଂଲଗ୍ନ ସମୁଦ୍ରରୁ ପ୍ରଚୁର ମାଛ ଧରାଯିବାର ସୁବିଧା ରହିଛି । ବିଶେଷତଃ ଏଠାରେ ପ୍ରଚୁର ପରିମାଣରେ ଚିଙ୍ଗୁଡ଼ି ମିଳିଥାଏ । ଏହି ଚିଙ୍ଗୁଡ଼ିର କେବଳ ଯେ ଆଭ୍ୟନ୍ତରୀଣ ଚାହିଦା ରହିଛି ତାହା ନୁହେଁ, ବିଦେଶରେ ମଧ୍ୟ ଏହାର ସର୍ବାଧିକ ଚାହିଦା ଅଛି । ବିଦେଶୀ ରାଷ୍ଟ୍ରମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକାରେ ଚିଙ୍ଗୁଡ଼ିର ସର୍ବାଧିକ ଚାହିଦା ରହିଛି । ତେଣୁ ଆମେରିକାକୁ ପ୍ରଚୁର ପରିମାଣର ଚିଙ୍ଗୁଡ଼ି ରପ୍ତାନି କରି ପାରିଲେ ମୂଲ୍ୟବାନ ବୈଦେଶିକ ମୁଦ୍ରା ରୋଜଗାର ମିଳିପାରିବ । ପାରାଦୀପଠାରେ ଶୀତମାସ ପର୍ଯ୍ୟନ୍ତ ଅର୍ଥାତ୍ ନଭେମ୍ବର ଠାରୁ ମାର୍ଚ୍ଚ ଅଧାଅଧି ପର୍ଯ୍ୟନ୍ତ ମାଛ ମାରିବାର ପ୍ରକୃଷ୍ଟ ସମୟ ।

୧୯୬୬ ଅକ୍ଟୋବର ୩୦ ତାରିଖ ଠାରୁ ରାଜ୍ୟ ମତ୍ସ୍ୟ ବିଭାଗ ତରଫରୁ ପାରାଦୀପ ଠାରେ ମାଛ ମାରିବା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି ମାଛମରା କାର୍ଯ୍ୟରେ ୫ଟି ଯନ୍ତ୍ରଚାଳିତ ଟ୍ରଲର ବା ବୋଟ ନିୟୋଜିତ ହୋଇଥିଲା । ପରେ ଏହି ଟ୍ରଲର ସଂଖ୍ୟା ୧୨ ବୃ... କରି ପ୍ରଚୁର ପରିମାଣର ମାଛ ମରାଗଲା । ଏହି ସ୍ୱଚାଳିତ ଟ୍ରଲରଗୁଡ଼ିକ ୫୫ରୁ ୯୦ ଅଶ୍ୱଶକ୍ତି ବିଶି...



ପାରାଦୀପଠାରେ ସମୁଦ୍ରରୁ ମାଛଧରା ହେଉଛି

ବୋଟଗୁଡ଼ିକର ଦୈର୍ଘ୍ୟ ପ୍ରାୟ ୩୩ ଫୁଟରୁ ୪୨ ଫୁ... ଏଠାରେ ୫୫ ଫୁଟ ଓ ୭୦ ଫୁଟ ଆକାରର ଟ୍ରଲ-ନେ... ବା ଜାଲ ସାହାଯ୍ୟରେ ମାଛ ମରାଯାଏ ।

ସମୁଦ୍ରରେ ମାଛ ମାରିବା ସହଜସାଧ୍ୟ ନୁହେଁ ... ଘୂର୍ଣ୍ଣିବାତ୍ୟା କିମ୍ବା ପ୍ରଚଣ୍ଡ ବେଗରେ ବାତ୍ୟା ପ୍ରବାହି... ହେଉଥିବା ସମୟରେ ମାଛଧରା ବୋଟରେ ମା... ମାରିବା ଅତ୍ୟନ୍ତ ବିପଦସଙ୍କୁଳ । ଅନ୍ୟ ପକ୍ଷ... ସାମୁଦ୍ରିକ ମାଛ ଗୋଟିଏ ସ୍ଥାନରେ ନ ରହି ଇତସ୍ତ... ବିଚରଣ କରନ୍ତି । ତେଣୁ ଉପଯୁକ୍ତ ସ୍ଥାନ ଅନୁସନ୍ଧା...

ନ କଲେ ମାଛ ମରାଗଲେ ଆଶାନୁରୂପ ଫଳ ମିଳି ନଥାଏ । ସମୁଦ୍ରର କେଉଁ ଅଞ୍ଚଳରେ ପ୍ରଚୁର ମାଛ ମିଳିପାରିବ ସେ ସଂପର୍କରେ ଅନୁସନ୍ଧାନ କରିବାପାଇଁ ଆଧୁନିକ ଯନ୍ତ୍ରପାତିର ସାହାଯ୍ୟ ନେବାକୁ ପଡ଼ିଥାଏ । ତେଣୁ ମାଛମରା ବୋଟମାନଙ୍କରେ ଏଭଳି ଯନ୍ତ୍ରପାତି (ଫିସ୍ ଫାଇଣ୍ଡର) ଲଗି ସେପରି ପ୍ରଚୁର ପରିମାଣରେ ମାଛ ମରାଯାଇ ପାରିବ ସେ ଦିଗରେ ମତ୍ସ୍ୟ ବିଭାଗ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି ।



ଯନ୍ତ୍ରଚାଳିତ ନୌକାସାହାଯ୍ୟରେ ମାଛଧରା ଯାଉଛି

ପାରାଦୀପ ବନ୍ଦରରେ ଟ୍ରଲିଂ ପ୍ରଣାଳୀରେ ମାଛ ଧରାଯାଏ । ସୂର୍ଯ୍ୟୋଦୟ ପୂର୍ବରୁ ମାଛଧରା ବୋଟଗୁଡ଼ିକ ସମୁଦ୍ର ଭିତରକୁ ଚାଲିଯାଆନ୍ତି ଏବଂ ଏହି ବୋଟ ସାହାଯ୍ୟରେ ଟ୍ରଲ-ନେଟକୁ ସମୁଦ୍ରରେ ବୁଡ଼ାଇ ଦିଆଯାଏ । ଜାଲରେ ଓଜନିଆ ଜିନିଷ (ସିଙ୍କର) ଲାଗିଥିବାରୁ ଏହା ସମୁଦ୍ରର ଶଯ୍ୟା ପର୍ଯ୍ୟନ୍ତ ଝୁଲିରହେ । ଜାଲର ଉପରଭାଗରେ ଫ୍ଲୋଟ ଅର୍ଥାତ ଫୋଲ ଭଳି ହାଲୁକା ଜିନିଷ ଲାଗିଥିବାରୁ ଏହା ସମୁଦ୍ରରେ ଭାସମାନ ଅବସ୍ଥାରେ ରହେ । ଜାଲ ଯେତେବେଳେ ବୁଡ଼ାଇ ଦିଆଯାଏ । ସେତେବେଳେ ମାଛଗୁଡ଼ିକ ଜାଲ ମୁଣି ଭିତରକୁ ଚାଲିଯାଆନ୍ତି ଏବଂ ଜାଲକୁ ବୋଟ ଉପରକୁ ଉଠାଇ ନେବା ପର୍ଯ୍ୟନ୍ତ ସେହି ମୁଣି ଭିତରେ ରହିଥାନ୍ତି । ଏହାକୁ ଟ୍ରଲିଂ ପ୍ରଣାଳୀ କୁହାଯାଏ । ଦିନ ଭିତରେ ଏଭଳି ୩-୪ ଥର ମାଛ ଧରାଯାଇ ସୂର୍ଯ୍ୟାସ୍ତ ପୂର୍ବରୁ ବୋଟଗୁଡ଼ିକ କୂଳକୁ ଫେରିଆସେ । ଏଭଳି ଭାବେ ଚିଙ୍ଗୁଡ଼ି ଓ ଦାମିକା ମାଛରୁ ଆରମ୍ଭ କରି ବିଭିନ୍ନ କିସମର ମାଛ ଧରାଯାଏ । ଟ୍ରଲର ସାହାଯ୍ୟରେ ଧରାଯାଉଥିବା ଦାମିକା ମାଛର ହାରାହାରି ଦର କିଲୋଗ୍ରାମ ପିଛା ଟ ୩୯ ଏବଂ ଅଖାଦ୍ୟ ମାଛର ଦର ପ୍ରାୟ ୨ ପଇସା । ମାଛଗୁଡ଼ିକୁ କୂଳକୁ ଅଣାଯିବା ପରେ ସେଗୁଡ଼ିକୁ ବିକ୍ରି ନିମନ୍ତେ ବଢ଼ାଯାଇଥାଏ ।

ପାରାଦୀପ ଠାରେ ଧରାଯାଉଥିବା ମାଛ ମଧ୍ୟରୁ ଶତକଡ଼ା ୬୦ ଭାଗ ଖାଇବା ନିମନ୍ତେ ଅନୁପଯୁକ୍ତ ବିବେଚିତ ହୋଇଥାଏ । ଏପର୍ଯ୍ୟନ୍ତ ଏହି ଅଖାଦ୍ୟ ମାଛର ଉପଯୁକ୍ତ ସଦୁପଯୋଗ କରାଯାଇ ପାରୁନାହିଁ । ଅଳ୍ପ ପରିମାଣର ମାଛକୁ ଶୁଖୁଆରେ ପରିଣତ କରାଯାଉଛି ଏବଂ ଅବଶିଷ୍ଟ ମାଛ ଫୋପାଡ଼ି ଦିଆଯାଇଥାଏ କିମ୍ବା ସାମାନ୍ୟ ଦାମରେ ବିକ୍ରି କରାଯାଇଥାଏ ।

ସାଧାରଣତଃ ଖାଦ୍ୟ ପାଇଁ ଅନୁପଯୁକ୍ତ ବିବେଚିତ ମାଛରୁ କୁକୁଡ଼ାମାନଙ୍କ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ । ଏହାଛଡ଼ା ଦେଶର ପଶ୍ଚିମ ଉପକୂଳରେ ଅବସ୍ଥିତ କେତେକ ସାର କାରଖାନାରେ କଞ୍ଚାମାଲ ରୂପେ ଏହି ଅଖାଦ୍ୟ ମାଛ ବ୍ୟବହୃତ ହୋଇଥାଏ । ରାଜ୍ୟ ପଶୁ-ପାଳନ ବିଭାଗର କୁକୁଡ଼ାପାଳନ ସଂସ୍ଥା ପାଇଁ ବାର୍ଷିକ ୨,୦୦୦ ଟନ୍ ମାଛଗୁଣ୍ଡ ଆବଶ୍ୟକ ହୋଇଥାଏ ଏବଂ ଏହି ମାଛଗୁଣ୍ଡ ବର୍ତ୍ତମାନ ବମ୍ବେରୁ ଖରିଦ କରାଯାଉଛି । ନିୟମିତ ଭାବେ ମାଛଗୁଣ୍ଡ ଯୋଗାଇ ଦିଆଗଲେ ବର୍ତ୍ତମାନର ଚାହିଦା ୫,୦୦୦ ଟନକୁ ଯେ ବୃଦ୍ଧି

ଫଳରେ ଏଥିରେ କୌଣସି ସନ୍ଦେହ ନାହିଁ । ବେସରକାରୀ ଉଦ୍ୟମରେ ପ୍ରତିଷ୍ଠିତ କେତେକ ଶିଳ୍ପ କାରଖାନା ପାରାଦୀପରୁ ମିଳୁଥିବା ଅଖାଦ୍ୟ ମାଛରୁ କୁକୁଡ଼ାମାନଙ୍କ ପାଇଁ ମାଛଗୁଣ୍ଡ ପ୍ରସ୍ତୁତ କରିବା ପାଇଁ ଉଦ୍ୟମ କରୁଛନ୍ତି ।

ମତ୍ସ୍ୟ ବିଭାଗର ଟ୍ରଲର ସାହାଯ୍ୟରେ ୧୯୬୮ ନଭେମ୍ବର ମାସ ଶେଷ ସୁଦ୍ଧା ୧୨୪,୭୭୪ କିଲୋଗ୍ରାମ ମାଛ ମରାଯାଇଛି ଏବଂ ଏହାର ମୂଲ୍ୟ ଟ ୭୮,୭୮୧୯ । ୧୯୬୮ ନଭେମ୍ବର ତଥା ମୋଟରେ ୨୮ ଦିନ ମାଛ ମରାଯାଇଥିଲା । ପ୍ରବଳ ବାତ୍ୟା ହେତୁ ନଭେମ୍ବର ମାସ ୧୧ ତାରିଖ ଠାରୁ ୧୪ ତାରିଖ ଯାଏ ମାଛ ମାରିବା ସମ୍ଭବପର ହୋଇ ନ ଥିଲା । ଦୈନିକ ବୋଟ୍ ପିଛା ୪୫୦ କିଲୋଗ୍ରାମ ମାଛ ମରାଯାଇଥିଲା ଏବଂ ଏହାର ମୂଲ୍ୟ ଟ ୨୮୪୯ । ଦୈନିକ ବୋଟ ପରିଚାଳନା ଓ କର୍ମଚାରୀଙ୍କ ବାବଦରେ ମୋଟରେ ଟ ୧୬୦୦ ଖର୍ଚ୍ଚ ହୋଇଥାଏ । ତେଣୁ ଦୈନିକ ପ୍ରତି ବୋଟ ପିଛା ହାରାହାରି ଟ ୧୨୪୯ ଆୟ ହୋଇଥାଏ ।

ଗତ ଡିସେମ୍ବର ପହିଲା ଦିନଟି ବିଶେଷ ଉଲ୍ଲେଖଯୋଗ୍ୟ । କାରଣ ଅନ୍ୟାନ୍ୟ ଦିନ ତୁଳନାରେ ଏହି ଦିନ ସର୍ବାଧିକ ମୂଲ୍ୟର ମାଛ ମାରିବା ସମ୍ଭବପର ହୋଇଥିଲା । ଉକ୍ତ ଦିନ ୧୧ଟି ବୋଟ୍ ସାହାଯ୍ୟରେ ସର୍ବମୋଟ ୭,୯୮୬ କିଲୋଗ୍ରାମ ମାଛ ଧରା ହୋଇଥିଲା । ଏହାର ମୂଲ୍ୟ ଥିଲା ଟ ୯,୩୮୫ ଅର୍ଥାତ ଉକ୍ତ ଦିନ ପ୍ରତି ବୋଟ ପିଛା ଟ ୮୭୧୯ ଆୟ ହୋଇଥିଲା ।

ପାରାଦୀପ ଠାରେ ପ୍ରଚୁର ମାଛ ମରାଯିବାର ଯେଉଁ ସମ୍ଭାବନା ରହିଛି ତାହା ବିଶେଷ ଉଜ୍ଜ୍ୱଳ ବୋଲି ଏଥିରୁ ସ୍ପଷ୍ଟ ଜଣାପଡ଼େ । ଅନ୍ୟ ପକ୍ଷରେ ମତ୍ସ୍ୟସମ୍ବନ୍ଧ ସଂଗଠନର ଉପଯୁକ୍ତ ଅନୁସନ୍ଧାନ କରାଯିବା ପରେ ମାଛଧରା ବୋଟମାନଙ୍କରେ ଅଧୁନାତନ ଯନ୍ତ୍ରପାତି ଖଞ୍ଜାଗଲେ ସର୍ବାଧିକ ପରିମାଣର ମାଛ ମାରିବା ସମ୍ଭବପର ହୋଇପାରିବ ।

ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ଓ ଅନ୍ୟାନ୍ୟ ... ମଧ୍ୟ ସରକାରୀ ଉଦ୍ୟମରେ ପ୍ରଚୁର ମାଛ ମରାଯାଉ... ଏହି ଦୁଇଟି ସ୍ଥାନରେ ଗିଲ୍-ନେଟିଂ ପ୍ରଣାଳୀରେ ... ମରାଯାଇଥାଏ ।

ଓଡ଼ିଶାର ୪୮୦ କିଲୋମିଟରର ଦୀର୍ଘ ଉପ... ରହିଥିଲେ ସୁଦ୍ଧା ବର୍ତ୍ତମାନ ମାତ୍ର ୩ଟି ସ୍ଥାନରେ ... ମରାଯାଉଛି ଏବଂ ମତ୍ସ୍ୟ ସମ୍ପଦରେ ଭରପୂର ... ଉପକୂଳର ସଦୁପଯୋଗ ଏପର୍ଯ୍ୟନ୍ତ କରାଯାଇ ନାହିଁ ...

ସମୁଦ୍ରରୁ ମାଛ ମରାଯିବା ପରଠାରୁ ନଷ୍ଟ ... ମାଛ ପଚିବାକୁ ଆରମ୍ଭ କରେ । ତେଣୁ ମାଛ ମ... ଯିବାର ଅଳ୍ପ ସମୟ ମଧ୍ୟରେ ଖାଉଟିମାନଙ୍କ ନିକଟ... ପହଞ୍ଚିବା ଆବଶ୍ୟକ । ଦୂର ସ୍ଥାନକୁ ମାଛ ପଠାଇବା... ହେଲେ ବରଫ ଭିତରେ ପଠାଇବାକୁ ହୋଇଥାଏ । ଏହାଦ୍ୱାରା ମାଛ ସହଜରେ ନଷ୍ଟ ହୁଏ ନାହିଁ । ତେଣୁ ସମୁଦ୍ରକୂଳ ପ୍ରଚୁର ପରିମାଣରେ ମାଛ ମରାଗଲେ ବରଫ କଳ ଓ ଶୀତଳ ଭଣ୍ଡାରମାନ ସ୍ଥାପନ କରିବାକୁ ପଡ଼ିବ ।

ଏହା ବ୍ୟତୀତ ଓଡ଼ିଶାର ବହୁ ଉପକୂଳରେ ମୂଲ୍ୟବାନ ମତ୍ସ୍ୟ ସମ୍ପଦ ରହିଥିଲେ ସୁଦ୍ଧା ବ୍ୟବସାୟ ଭିତ୍ତିରେ ଯେ ସବୁର ଉପଯୋଗ କରାଯାଇ ପାରୁନାହିଁ । ଏ ଦିଗରେ ପ୍ରଧାନ ପ୍ରତିବନ୍ଧକ ହେଉଛି ଯାତାୟାତ ସୁବିଧାର ଅଭାବ । ଓଡ଼ିଶାର ଉପକୂଳ ସହିତ ଯୋଗାଯୋଗ ରକ୍ଷାକାରୀ ରାସ୍ତାଘାଟ ନ ଥିବାରୁ ସମୁଦ୍ରରୁ ମରାଯାଉଥିବା ମାଛ ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତରିତ କରିବା ସମ୍ଭବପର ନୁହେଁ ।

ପ୍ରକୃତି ଦ୍ୱାରା ଆମପାଇଁ ସୃଷ୍ଟି କରୁ ଅଫୁରନ୍ତ ଖାଦ୍ୟଭଣ୍ଡାର ସମୁଦ୍ର, ଗର୍ଭରେ ଗଚ୍ଛିତ ରହିଛି । ଆମର କର୍ତ୍ତବ୍ୟ ହେଉଛି ଏଗୁଡ଼ିକୁ ସମୁଦ୍ରରୁ ସଂଗ୍ରହ କରି ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା । କାରଣ ...

ଉତ୍କଳ ପ୍ରସଙ୍ଗ, ଜାନୁଆରୀ—୧୯୬୯

ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମକୁ ମତ୍ସ୍ୟ ସମ୍ପଦର ଉପଯୁକ୍ତ ଅନୁସନ୍ଧାନ କରାଯିବା ସଙ୍ଗେ ସଙ୍ଗେ ଆମର ସୁଦୀର୍ଘ ଉପକୂଳରେ ମାଛଧରା ପୋତାଶ୍ରୟ, ଲଣ୍ଡିଂ ଓ ବେରଥିଂ ଆଦିର ସୁବିଧା, ବରଫ କଳ, ଶୀତଳ ଭଣ୍ଡାର, ଅଧୁନିକ ଯନ୍ତ୍ରପାତି ଓ ଉପକରଣରେ ସଜ୍ଜିତ ବୋଟ ଇତ୍ୟାଦିର ବ୍ୟବସ୍ଥା କରାଗଲେ ପ୍ରକୃତିଦତ୍ତ ଏହି ଅଫୁରନ୍ତ ଖାଦ୍ୟଭଣ୍ଡାର ଦେଶବାସୀଙ୍କ ଉପକାରରେ ଆସିପାରିବ ।



ଗଭୀର ସମୁଦ୍ରର ମାଛଧରା ହେଉଛି

# ଚିନ୍ତାର ଅବକାଶ

* ସତ୍ ଓ କୋମଳ ଚିନ୍ତାର ଉପକାରିତା ଉପଲବ୍ଧି କରିବା ପ୍ରବୃତ୍ତି ପାଖରୁ ଆମେ ବର୍ତ୍ତମାନ ଦୂରେଇ ଯାଉଛୁ । ଠିକ୍‌ଭାବରେ କହିବାକୁ ଗଲେ ଓ ଯଦି ଆମ୍ଭେମାନେ ନିଜକୁ ପ୍ରତାରିତ ନ କରୁ ତାହାହେଲେ ବର୍ତ୍ତମାନ ଅବସ୍ଥା ସହିତ ନିଜକୁ ଖାପଖୁଆଇ ଚଳିବା କଷ୍ଟକର ମନେହୁଏ ।

* ଚିନ୍ତାରେ ଶିଷ୍ଟତା, କାର୍ଯ୍ୟରେ ଶାଳୀନତା ଦେଶର ଜନସାଧାରଣଙ୍କର ଯେ ଗୋଟିଏ ଅତ୍ୟାବଶ୍ୟକୀୟ ଗୁଣ ଏହା କ୍ରମେ କ୍ରମେ ସାଧାରଣ ଜୀବନକ୍ଷେତ୍ରରୁ ଅପସରି ନ ଯିବାର୍ହିଁ ସମ୍ଭାବ୍ୟତା ।

* ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଚିନ୍ତାଦୃଷ୍ଟିରୁ ସମୂହକଲ୍ୟାଣ ଲାଗି ସମ୍ବାଦପତ୍ରର ଆବଶ୍ୟକତା ସମସ୍ତେ ଉପଲବ୍ଧି କରନ୍ତି ।

**କିଏ ଗ୍ରହଣ କରେ ?**

**ଲଙ୍ଗଳ ନାଁ ଚାଷୀ**

ଦୈନିକ "ସ୍ୱରାଜ୍ୟ" ପଢ଼ିଲେ ଆପଣ ବିଶେଷ ବିଶ୍ୱାସଯୋଗ୍ୟ ସମ୍ବାଦ ପାଇବେ

ନବ ପ୍ରତିଷ୍ଠିତ ସମ୍ବାଦପତ୍ରରେ ଅଗ୍ରଣୀ—

# ଦୈନିକ "ସ୍ୱରାଜ୍ୟ"

ପୋ : ଭୁବନେଶ୍ୱର-୨, ଜି : ପୁରୀ, ଓଡ଼ିଶା

(ଆପଣଙ୍କ ଅଞ୍ଚଳର ଏଜେଣ୍ଟଙ୍କୁ କିମ୍ବା ଅଫିସକୁ ଗ୍ରାହକ ହେବାଲାଗି ପତ୍ର ଲେଖନ୍ତୁ)

ଗ୍ରାହକମାନଙ୍କ ପାଇଁ

| | |
|---|---|
| ମାସିକ | .. ଟ ୩·୦୦ |
| ତ୍ରୈମାସିକ | .. ଟ ୯·୦୦ |
| ଷାଣ୍ମାସିକ | .. ଟ ୧୮·୦୦ |
| ବାର୍ଷିକ | .. ଟ ୩୬·୦୦ |

ବିଜ୍ଞାପନ ଦାତାଙ୍କ ପାଇଁ

| | |
|---|---|
| ଏକ ପୃଷ୍ଠା | .. ଟ ୮୮୦·୦୦ |
| ଅର୍ଦ୍ଧ ପୃଷ୍ଠା | .. ଟ ୪୮୦·୦୦ |
| ଚତୁର୍ଥ ପୃଷ୍ଠା | .. ଟ ୨୨୦·୦୦ |
| କଲମ ଇଞ୍ଚ | .. ଟ ୧·୪୦ |
| କଲମ ସ୍ପେ: ନି: | .. ଟ ୨·୨୦ |

ଧାରାବାହିକ ବିଜ୍ଞାପନ ଦରରେ ରିହାତି ମିଳେ ।

ଦେୟ ମୁଦ୍ରା ଅଫିସ ପାଇବା ପରେ ପତ୍ରିକା ଡାକ ଦ୍ୱାରା ପଠାଯାଏ ।

ନାରାୟଣ ଚୌଧୁରୀ

# ବାପୂଜୀ ସ୍ମରଣେ

ବାପୂଜୀ ହେ ଆମ ଜାତିର ଜନକ ଜୀବନର ଗଉରବ
ଭରତ ମାଟିର କୋଟି କଂଠର ସଂବେଗ, ବଇଭବ
ଏ ଶୁଭ ଦିବସେ ହେ ବୀର, ଜନକ
ଏ ଜାତିର ଯଶ କପୋଳ ତିଲକ
ପ୍ରଣତ ବାଡ଼ୁଛି ଏ' ମାଟିର ଫୁଲ, ଗଛ ଓ ପତ୍ର ଯେତେ
ଦଳିତ ଜନତା ଏବେବି ଡାକୁଛି ଆଶିଷ ଦେବକ ପତେ ।

ଏ' ଧରଣୀ ଆଜ ସିକ୍ତ ହୋଇନ ଶ୍ରାବଣର ଧାର ପାତେ
ଏ' ସାଗର ଆଜ ଶୁଖି ଯାଇନାହିଁ ବଇଶାଖ ଖର ତାତେ
ହସୁନ ମଳୟ, ଫୁଟୁନି କୁସୁମ
ଗାଉନ କୋକିଳ ସ୍ୱର ପଞ୍ଚମ
ସବୁ କିଛୁ ଆଜ ବିଳୟ ଭଜୁଛି ତୁମରି ପାଇଁକି ବାପୁ
ତୁମର ପୂଜାର ଅବହେଳା ଯୋଗୁଁ, ଏ' ତୁମର ଅଭିଶାପୁ !

ତୁମର ସେବାର ଭଗିରଥ ଆଜ ମରଣ-ତୋରଣ ତଳେ
ତୁମ ନସ୍ଥାର ନୀଳକଂଠ ଯେ ଜୀବନ-ଅସ୍ତାଚଳେ
ବସୁଛ ଆଜ ଅହିଂସା ତୁମର
ବିଜୟୀ ହିଂସା କୋଟି କଂଠର
କାନ୍ଦୁଛି ଆଜ ଏ ଦେଶର ମାଟି, ଆକାଶ, ପବନ, ଜଳ
ଏ ଜାତିକୁ କାହିଁ ଦେଲ ଏ ମନ୍ତ୍ର, ଏମାନେ ଯେ ହୀନ ବଳ ।

ଉତ୍କଳ ପ୍ରସଙ୍ଗ, ଜାନୁଆରୀ—୧୯୬୯

## ଶାଶ୍ୱତ ସନ୍ଦେଶ

ଦେଖିନୁ ତୁମକୁ ଚକ୍ଷୁ ପଲକରେ କହିନୁ ପଦେହେ କଥା
ଶୁଣିନୁ ତୁମର ବକ୍ତୃତା ମାଳା, ତୁମ ପ୍ରାର୍ଥନା ଗାଥା

ପଢ଼ିଛୁ, ଶୁଣିଛୁ ତୁମ ଜୀବନର
ଦଶ ଦଶନ୍ଧ ମହ ମଣିଷର

ଦେଶ ପାଇଁ ତୁମେ ଜୀବନ ଦେଇଛ ନିଜ ଫେଶନ ଛାଡ଼ି
କୋଟି ସନ୍ତାନ ଭାରତ ମାତାର ହାତରୁ କାଢ଼ିଛ ବେଡ଼ି ।

ବାର ବାର ତୁମେ ବନ୍ଦୀ ହୋଇଛ, ସହିଛ ଯାତନା
ହସି ହସି ତୁମେ ବରି ନେଇଅଛ ଅପମାନ ସବୁ

ଜୀବନ ଯୁଦ୍ଧେ ହାରି ନାହିଁ କେବେ
ସାହସରୁ କେବେ ଟଳି ନାହିଁ ଲବେ

ଗୋଟିଏ କଣ୍ଠେ କୋଟିଏ ଲୋକର ଆକୁଳତା ତୁମ
ଗାର ଦର୍ପରେ ଆଘାତ ହାଣିଛ ସ୍ୱାଧୀନ ଭାରତ

ସବୁଜ ହୋଇଲା ସ୍ୱାଧୀନ ସୂର୍ଯ୍ୟ ଭାରତ ପୂର୍ବ ପଟେ
ପରାଧୀନତାର ଅମା ଅନ୍ଧାରୁ ହସି ହସି ଏଇ ଉଠେ

ବିନାଶର ପଥ ଅଛି ବହୁଦୂର
ହାୟ ସହ ନାହିଁ ବାଳ ସୂର୍ଯ୍ୟର

ବୁଜି ଦେଲ ଆଖି ସବୁଦିନ ପାଇଁ ଅତତାୟୀ ଗୁଳି ଫୁଟେ
ବୋଲ ଦେଇଗଲ ଉତ୍ତର ପଶୁ ଅତ୍ୟାଚାରର ଓଠେ ।

ସବୁଦିନ ପରି ଆସୁଛି ପ୍ରଭାତ, ସଂଧ୍ୟା, ରଜନୀ
ଅଟକି ରହିଛି ସୂତା ବାଡ଼ାଳନ ସମସ୍ତ [illegible]

ପ୍ରାର୍ଥନା ସଭା ଖାଲି ପଡ଼ିଅଛି
ଏ' ଭାରତବାସୀ ଲୋକେ ପୋଛୁଛି

ଗାନ୍ଧୀ ହେ ତୁମେ ଫେରିବକି ଏହି ପୁଣ୍ୟ ଭାରତ
ଲକ୍ଷ ଜନତା ଅଶ୍ରୁର ଫୁଲ ଦେଉଁଛି ପାଇଁନ ଜ

ଉତ୍କଳ ପ୍ରସଙ୍ଗ, ଜାନୁଆରୀ— ୧

ାବୀର, ଯୀଶୁ, ରସୁଲ୍, ବୁଦ୍ଧ ଯେତେ ମହୀୟାନ ଲୋକ
ତେ ଧର୍ମର ପ୍ରଣେତା ଉଦ୍ଗାତା, ଏଇ ପୃଥିବୀର ଲୋକ
ସବୁଠାରୁ ତୁମେ ଅଟ ମହୀୟାନ୍
ସବୁ ଧର୍ମଠୁଁ ଅଟ ବଳୀୟାନ
ାଣ୍ଟିଏ କଂଠେ ସବୁ ଧର୍ମକୁ ପାଇଲ ଏକାଠି କରି
ାଣ୍ଟିଏ କଂଠେ କୁହାଇଲ ତୁମେ ଇଂରେଜ ରାଜ ଗୁଲି ।

ତୁମ ଯୁଦ୍ଧରେ ଇଂରେଜ ଗଲା ଦୁଇଶ ବର୍ଷ ପରେ
ଧ୍ୱଂସ ହେଲନି ଏ' ଭୂମିର ଜଣ ରକ୍ତ ବନ୍ଧନ ଥରେ
କାନ୍ଦନି ବଧୂ ସିନ୍ଦୂର ପୋଛି
କାନ୍ଦନି ମାତା ପୁଅ ମରିଛି
ଭାରତ ଜନନୀ କାନ୍ଦନି କେବେ ନର୍ଯ୍ୟାତନାରେ ପଡ଼ି
ତିରଙ୍ଗା ବାନା ହସିଉଠି ଅଛି ଫରଫର ହୋଇ ଉଡ଼ି ।

ନ ହସିଥିବ ଗାନ୍ଧୀ ହେ ତୁମେ ଏ'ଜାତି ଜନକ ପରା
ନଶ୍ୱର ସ୍ୱାଧୀନତା ଆଜି ଧ୍ୱଂସେ ଲଭିଛି କାରା
ସୁନୀଳ ଆକାଶେ ମୁକ୍ତ କପୋତ
ନୃଟି ଚାଲୁଅଛି ଶାନ୍ତିର ସ୍ରୋତ
ଲ ଗନ୍ଧେ ମନ୍ଦ ମଳୟ କୋଇଲର କୁହୁ ତାନ
ଲ ଆଜି ମହୋଦଧି ଜଳ କଳ କଳ କଳ ସ୍ୱନ ।

ତୁମ ତିରୋଧାନ ପରେ ଆମେ ଯେତେ ତୁମର ଦସ୍ତାବ ସବୁ
ତୁମ କଳ୍ପିତ ରାମ ରାଜ୍ୟର ପଥ ଆମେ ଖୋଜୁଥିବୁ
ଆମ ନଶ୍ୱର ମୃତ୍ୟୁର ଦ୍ୱାରେ
ଘନ ତମିସ୍ରା ଆମ ଚକ୍ଷୁରେ
ଅଂଧ ହେଲୁଣି ରାମ ରାଜ୍ୟର ରାସ୍ତା ପାଉନୁ ଆଉ
ଗାନ୍ଧୀ ହେ ତୁମେ ରାସ୍ତା ଦେଖାଅ କହୁ ବାଟ ଆମେ ଯାଉ ।

## ବାପୁଜୀ ସ୍ମରଣେ

କେତେ ଦିନ ଆଉ ଚଳିବୁ ଏଦେଶେ ତୁମ ନାମ ଜକି ଜକି
ଅଧା କାମ ଆଜି ଶେଷ ହେବ ନାହିଁ ଯାହା ରଖିଥିଲ ବାକି
ତୁମ ରକ୍ତରେ ଆମେ ହୋରି ଖେଳୁ
ଅନ୍ତତ, ମଦ୍ୟେ ଦେଶକଥା ଭୁଲୁ
ପୂଜ୍ୟ ପୂଜାର ସମ୍ମାନ ଆମେ ଦେଇ ଶିଖିଲୁନି ଆଜି
ନିଜର ପୂଜାରେ ବ୍ୟସ୍ତ ଯେ ଆମେ ଶାନ୍ତନାହୁଁ କହୁ ଯୁକ୍ତି ।

ସୃଜମା ଘଣ୍ଟାର ମୋହ ଝଂକାର ପୃଥିବୀ ଗାଉ
ଶ୍ରାବଣର କାନେ ବାଜୁନି ବାଦ୍ୟ ଚପଳା ଖେଳୁ
ମହୋଦଧି ଆଜି ହେଉନି ଅଧି
କଲ୍ଲୋଳେ ନଦୀ ହେଉନି ଶଧି
ଭାରତ ଜନନୀ କଣ୍ଠରେ ଆଜି ଫୁଟୁନି ଗୀ
ଦୂରଆଡ଼େ ଆଜି ଶୁଭୁଯାଉଅଛି ଶକୁନ, ଶଗା

ଏ ଦେଶ ମଣିଷ ପାଉନି ମୁଠାଏ ଅନ୍ନ, ଟୋପାଏ ପାଣି
ପିନ୍ଧିବାକୁ ସେ ବସନ ନାହିଁ ତା' ହାଡ଼ ହେଉଅଛି ଗଣି
ସହି ଯନ୍ତ୍ରଣା ସନ୍ତା ଜଠରେ
ସନ୍ତାନ ଝରେ ମାତୃ କୋଳରେ
ସୁନାର ଭାରତ ହେଲାଣି ନିସ୍ୱ ଈଶ୍ୱର ଦରବାରେ
ଅର୍ଥ, ଡାକୁଛି ଉତ୍ତର ପଟେ ବୋମା ବାରୁଦର ସ୍ୱରେ ।

ଏ ବେଳେ ଆମକୁ ରାସ୍ତା ଦେଖାଅ ଜାତିର ପୂ
ଘୋର ବର୍ଷାର ପିଚ୍ଛିଳ ପଥେ ତୁମେହିଁ ଧଣ
ସ୍ୱର୍ଗରୁ ତୁମ ଆଶୀଷ ବରଷ
ଭାରତ ଏ ମାଟି କୁସୁମରେ ହସୁ
ହସି ଉଠିବାରେ ଗଙ୍ଗା ଯମୁନା ଭାରତ ଜ
ଫୁଲ ଚନ୍ଦନେ ପୂଜିବୁ ତୁମକୁ ଏଭଳି ଆମ

---

ଉତ୍କଳ ପ୍ରସଙ୍ଗ, ଜାନୁଆରୀ—

ଦେବଦତ୍ତ ମିଶ୍ର

# ଜନ୍ମ ବିଭୀଷିକା

ଭାରତର ଲୋକସଂଖ୍ୟା ୫୨ କୋଟି। ପ୍ରତି ୫ ଜଣରେ ଗୋଟିଏ ପରିବାର ବୋଲି ବିଚାର କଲେ ଆମ ଦେଶରେ ସାଢ଼େ ଦଶକୋଟି ପରିବାର ଅଛନ୍ତି। ପୃଥିବୀର ପ୍ରତି ୩ ଜଣରେ ଜଣେ ଭାରତୀୟ ! ବିଶ୍ୱ ଜନସଂଖ୍ୟାର ଶତକଡ଼ା ୧୪ ଭାଗ, ଏ ଦେଶରେ ବସବାସ କରନ୍ତି। ଖ୍ରୀଷ୍ଟାବ୍ଦର ପ୍ରାରମ୍ଭରେ ପୃଥିବୀର ଲୋକସଂଖ୍ୟା ଥିଲା, ୨୦୦ ବା ୩୦୦ ନିୟୁତ। ଏହି ସଂଖ୍ୟା ଦ୍ୱିଗୁଣିତ ହେବାକୁ ପ୍ରାୟ ୧୬ଟି ଶତାବ୍ଦୀ ଲାଗି ଯାଇଅଛି। ୧୮୫୦ ମସିହାରେ ପୃଥିବୀର ଲୋକସଂଖ୍ୟା ଥିଲା ୧୦୦ କୋଟି ଏବଂ ୧୯୩୦ ବେଳକୁ ହେଲା ୨୦୦ କୋଟି ଫଳରେ ଜନସଂଖ୍ୟା ବୃଦ୍ଧି ଅଧିକ ଦ୍ରୁତତର ହୋଇ ଉଠିଲା। ଜାତିସଂଘର ଲୋକସଂଖ୍ୟା ସଂକ୍ରାନ୍ତ ବାର୍ଷିକ ରିପୋର୍ଟରେ ପ୍ରକାଶ କରାଯାଇଅଛି ଯେ ପୃଥିବୀର ଲୋକସଂଖ୍ୟା ଦୈନିକ ଏକ ଲକ୍ଷ ୮୦ ହଜାର ବା ବାର୍ଷିକ ୬ କୋଟି ୫୦ ଲକ୍ଷ ହାରରେ ବଢ଼ୁଅଛି। ଯଦି ଏହି ହାରରେ ଲୋକସଂଖ୍ୟା ବଢ଼ିଚାଲେ ତାହାହେଲେ ଆଗାମୀ ୨୦୦୬ ମସିହା ବେଳକୁ ସମଗ୍ର ପୃଥିବୀର ଲୋକସଂଖ୍ୟା ଦ୍ୱିଗୁଣିତ ହୋଇଯିବ। ୧୯୩୮ ମସିହା ଶେଷସୁଦ୍ଧା ଆମର ଲୋକସଂଖ୍ୟା ବାର୍ଷିକ ୧.୪ ହାରରେ ବୃଦ୍ଧି ପାଉଥିବା ସ୍ଥଳେ '୧୯୬୨' ମସିହା ଶେଷସୁଦ୍ଧା ତାହା ୨.୪ ହାରରେ ବୃଦ୍ଧି ପାଉଅଛି। ମୃତ୍ୟୁ ହାରକୁ ବଢ଼ିବାକୁ ନ ଦେଇ ଜୀବନ ଧାରଣମାନକୁ ଉନ୍ନତ କରିବାକୁ ହେଲେ ଜନ୍ମହାର ହଜାର ପ୍ରତି ୪୦ରୁ ୨୫କୁ କମାଇବାକୁ ହେବ। ଲୋକସଂଖ୍ୟା ଜ୍ୟାମିତିକ ଗତିରେ ବଢ଼ୁଥିବାବେଳେ ଖାଦ୍ୟ ଉତ୍ପାଦନ ଗାଣିତିକ ସୂତ୍ରରେ ବୃଦ୍ଧି ପାଇ ପଛରେ ପଡୁଅଛି। ଆମ ଦେଶରେ ପ୍ରତିଦିନ ୫୫,୦୦୦ ଶିଶୁ ଜନ୍ମ ଗ୍ରହଣ କରୁଅଛନ୍ତି। ଅର୍ଥାତ୍ ପ୍ରତି ଦେଢ଼ ସେକେଣ୍ଡରେ ୧ଟି ଶିଶୁ ଜନ୍ମଲାଭ କରେ। ପ୍ରତ୍ୟେକ ବର୍ଷ ଲୋକସଂଖ୍ୟାରେ ୧୩ ନିୟୁତ ଏପରିଭାବରେ ମିଶୁଥାଏ। ରାଜ୍ୟ ଦୃଷ୍ଟିରୁ ବିଚାର କଲାଗଲେ ବାର୍ଷିକ ଶତକଡ଼ା ୨.୫ ହାରରେ ଜନସଂଖ୍ୟା ବୃଦ୍ଧି ପାଉଅଛି। ପ୍ରତି ଘଣ୍ଟାରେ ଆମରାଜ୍ୟରେ ୪୮ଟି ଶିଶୁ ଜନ୍ମ ଗ୍ରହଣ କରୁଅଛନ୍ତି। ଏହି ବର୍ଦ୍ଧିତ ଜନସଂଖ୍ୟା ପାଇଁ ୯୯,୩୩୦ ବାସ ଗୃହ ୧୬୬,୦୦୦ ଗୁକଣି, ୪୯୬,୦୦୦ କୁଇଣ୍ଟାଲ ଖାଦ୍ୟ, ୬,୪୪୬,୦୦୦

ମିଟର ଲୁଗା, ୧୪,୯୦୦ ପ୍ରାଥମିକ ସ୍କୁଲ ଶିକ୍ଷକ ଓ ୪,୯୭୦ ପ୍ରାଥମିକ ସ୍କୁଲ ଆବଶ୍ୟକ । ୧୯୦୧ ମସିହାରେ ଆମରାଜ୍ୟରେ ଜନସଂଖ୍ୟା ୧୦,୩୦,୨୯୧ ଥିବାସ୍ଥଳେ ୧୯୫୧ରେ ୧,୪୬,୪୫,୯୪୬ ହୋଇ ଆଜି ୨,୦୩,୨୦,୮୦୨ରେ ପରିଣତ ହୋଇଅଛି । ସହ କେବଳ କଟକ ସହରର ଲୋକସଂଖ୍ୟା ଦେଖାଯାଏ, ତେବେ ୧୯୦୭ ଠାରୁ ଆଉଗୋଟିଏ କଟକ ସହର ସୃଷ୍ଟି ହୋଇଅଛି । ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ଘଟିବା ଫଳରେ ଭାରତୀୟ ସାଧାରଣ ଆୟୁ ୨୨ରୁ ୫୦କୁ ହେଲାଣି । ବର୍ତ୍ତମାନ ହିସାବ ଅନୁଯାୟୀ ବର୍ଷରେ ଜନସଂଖ୍ୟା ୨୦ କୋଟି ୧୦ ଲକ୍ଷ ହେଉଥିବାବେଳକୁ ମୃତ୍ୟୁ ସଂଖ୍ୟା ମାତ୍ର ୮୦ ଲକ୍ଷ ହେଉଛି । ଫଳରେ ପ୍ରତିବର୍ଷ ୧ କୋଟି ୨୦ ଲକ୍ଷ ଲୋକ ଅଧିକ କାର୍ଯ୍ୟକ୍ଷମ ହେଉ ଅଛନ୍ତି । ଆମଦେଶର କ୍ଷେତ୍ରଫଳ ସମଗ୍ର ବିଶ୍ୱର ୨.୪% ଅଂଶ । ଏହି ଭୂମିକାକୁ ଯଦି ବିଚାର କରାଯାଏ ତେବେ ସୁଦ୍ଧା ଆମକୁ ସମଗ୍ର ବିଶ୍ୱର ୧୪.୦୦% ଜନସଂଖ୍ୟାକୁ ମୁଣ୍ଡପିଛା ହାରାହାରି ୦.୪ ଏକର ଜମି ଯୋଗାଇବାକୁ ପଡ଼ିବ । ଓଡ଼ିଶାରେ ୧୯୬୧ ମସିହା ଗଣନା ଅନୁଯାୟୀ ଗୃହ ପାଳିତ ପଶୁମାନଙ୍କର ସଂଖ୍ୟା ହେଲେ ୯୮,୧୦,୦୦୦ ଏବଂ କୃଷି-ଯୋଗ୍ୟ ଜମିର ପରିମାଣ ହେଲା ୧୪୫,୫୧୫,୨୫୩ ଏକର । ଏଣୁ ଜନସଂଖ୍ୟା ଅନୁପାତରେ ମୁଣ୍ଡ ପିଛା କୃଷିଜମିର ପରିମାଣ ଏକ ଏକରରୁ କମ ଥିବାସ୍ଥଳେ ଗୃହ ପାଳିତ ପଶୁମାନଙ୍କର ଅନୁପାତରେ ଏହା ୧.୫ ଏକର । ୧୫ ବର୍ଷ ମଧ୍ୟରେ ଖାଦ୍ୟ ଉତ୍ପାଦନ ବଢ଼ିଥିଲେ ସୁଦ୍ଧା ଖାଦ୍ୟ ଖର୍ଚ୍ଚ ପରିମାଣ ୧୬.୮ ଆଉନସରୁ ୧୨.୪ ଆଉନସକୁ କମି ଯାଇଅଛି । ଦେଶର ଅର୍ଥନୀତି ବିଶାରଦମାନେ ନିଶ୍ଚିତଭାବେ ଅନୁଭବ କରନ୍ତି ଯେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ମୁଣ୍ଡପିଛା ଆୟରେ ଥିବା ତାରତମ୍ୟର ସଂକୋଚନ କରି ଏବଂ ଜନ୍ମହାରରେ ସମାନୁପାତିକ ଅଭିବୃଦ୍ଧି ଆଣି ଦେଶର ଯୋଜନାବଦ୍ଧ ଅଗ୍ରଗତିକୁ ଗତିଶୀଳ କରାଇବା ଏକାନ୍ତ ବାଞ୍ଛନୀୟ ।



ଏହିସବୁ ବିଚାର କରାଗଲେ ଜଣାଯାଏ ଯେ ସଂଖ୍ୟା ବୃଦ୍ଧିର କ୍ଷିପ୍ରତା ସମସ୍ତ ସାଫଲ୍ୟକୁ ନଷ୍ଟ କ ଆମର ଉନ୍ନତ ଜୀବନ ଯାପନ ଓ ସୁଖୀ ଭବି ଗଠନର ସମସ୍ତ ଆଶା ପଣ୍ଡ କରିବାକୁ ଉଦ୍ୟ ପରିବାର ନିୟନ୍ତ୍ରଣର କାର୍ଯ୍ୟକ୍ରମକୁ ଅଧିକ ଲୋକ ଓ ବ୍ୟାପକ କରିବା ଉଦ୍ଦେଶ୍ୟରେ ପ୍ରତି ୪ ଅନ୍ତରରେ ଏହି ପକ୍ଷ ପାଳନ କରାଯାଏ । ସାଧାରଣଙ୍କୁ ଏଥିପ୍ରତି ଆକୃଷ୍ଟ କରିବାପାଇଁ ପ୍ର ପତ୍ର, ସଂବାଦ ପତ୍ର, ଟେଲିଭିଜନ ଦ୍ୱ ଆଲୋଚନାଚକ୍ର, ସାଧାରଣ ସଭା, ବ୍ୟକ୍ତିଗତ ସାକ୍ଷା କାର ବିଭିନ୍ନ ପ୍ରବନ୍ଧ, ଚାମକାଠିଆ, ପାଲା, ଚଳ ଓ ପ୍ରଦର୍ଶନୀ ଇତ୍ୟାଦି ମାଧ୍ୟମରେ ପରିବାର ନିୟେ ପକ୍ଷ ପାଳନର ଉଦ୍ଦେଶ୍ୟ ବୁଝାଇ ଦିଆ ଯାଇଥା ରାଜ୍ୟର ସମସ୍ତ ଡାକ୍ତରଖାନା ଓ ପ୍ରାଥମିକ ସ୍ୱ କେନ୍ଦ୍ରମାନଙ୍କରେ ଗର୍ଭନିରୋଧ ଅପରେସନ୍‌ର, ନ ପ୍ରୟୋଗ, ନିରୋଧ, ବ୍ୟବହାର ଜନ୍ମନିରୋଧ ଉପ ଓ ପରିବାର ନିୟନ୍ତ୍ରଣର ଅନ୍ୟ କେତୋଟି ସମ୍ବନ୍ଧରେ ବହୁଳଜ୍ଞାନ ଦାନ ଉଦ୍ଦେଶ୍ୟରେ ପ୍ରଦ ଦର୍ଶନର ସୁବିଧା ଅଛି । ଜନସାଧାରଣ ଏହି ପାଳନର ମହତ୍ତ୍ୱ ଉପଲବ୍ଧି କରି ଏହାକୁ ସଫ କରାଇବା ଦିଗରେ ସାହାଯ୍ୟ କରିବେ ବୋଲି ଆ କରାଯାଏ । ଏହି ଯୋଜନା ଜରିଆରେ ବିବାହିତ ପୁ ଓ ସ୍ତ୍ରୀଙ୍କୁ ସୁବିଧା ଉପାୟ ଅବଲମ୍ବନ କରି ପରି ନିୟନ୍ତ୍ରଣ ନିମନ୍ତେ ପ୍ରବର୍ତ୍ତାଇ ଦିଆ ଯାଇଥାଏ । ଗୋଟିଏ ସର୍ବଜୀବନ ସଂଗଠନ । ଏହାର ପ୍ରମୁଖ ବେସରକାରୀ ଆମ ସମସ୍ତଙ୍କର ପ୍ରତିନିଧି କର୍ମ ଅଦ୍ୟାପି ହେବ ନାହିଁ । ଠିକ ଯେଉଁଭଳି ବ୍ୟକ୍ତି ସହଯୋଗ, ଅସ୍ୱାବନ୍ତ ନିଶାନିବାରଣ ଯୋ ସଫଳ ହେଲା, ଜନ୍ମ ନିୟନ୍ତ୍ରଣ ପିତା ମାତାଙ୍କ ସହଯୋ ବିନା ସଫଳହେବା ଅସମ୍ଭବ । ବ୍ୟକ୍ତିଗତ ସହଯୋ ନ ମିଳିଲେ ଜନ୍ମ ନିୟନ୍ତ୍ରଣ ଅସମ୍ଭବ । ନବାଗ

(ଅବଶିଷ୍ଟାଂଶ ୫୫ ପୃଷ୍ଠା ଦେଖନ୍ତୁ)

ଚନ୍ଦ୍ର ଶେଖର ମହାପାତ୍ର

# ଅଷ୍ଟ୍ରିଆ ପର୍ଯ୍ୟଟକ ଦଳଙ୍କର ଓଡ଼ିଶାରେ ତିନି ଦିନ

ମାତ୍ର ୭୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଅଷ୍ଟ୍ରିଆ ଦେଶରୁ ପ୍ରାୟ ୩୦ ଜଣ ପୁରୁଷ ଓ ମହିଳା ତିନି ଦିନ ାଇଁ ଓଡ଼ିଶା ଗସ୍ତରେ ଆସିଥିଲେ । ପ୍ରଥମେ ହିଟଲରର ଙ୍କ ପରେ ମିଳିତ ରାଷ୍ଟ୍ରସଂଘ ପକ୍ଷରୁ ଚତୁଃଶକ୍ତି ଧୀନରେ ଦୀର୍ଘଦିନ ପରାଧୀନ ରହିବା ପରେ ଏହି ଦଶ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳକୁ ୁକ୍ତିଲାଭ କଲା । ୧୯୪୦ ମସିହାରେ ହିଂସା ଓ ରକ୍ତହତ୍ୟାର ବିଭୀଷିକା ବନ୍ଦ କରିବା ପାଇଁ ବିଶ୍ୱର ଜଣେ ଶାନ୍ତିକାମୀ ନାଗରିକଭାବେ ହିଟଲରଙ୍କୁ ଆବେଦନ ଜଣାଇଥିଲେବେଳେ ଏହି ଦେଶ ହିଟଲରଙ୍କ ର୍ମମ କବଳରେ ଥିଲା । ନରରକ୍ତ ପିପାସୀ ବ୍ୟାଘ୍ର- ଳି ହିଟଲର ଭାରତର ଚର୍ଚ୍ଚିଲଙ୍କ ଭାଷାରେ ଏହି ର୍ଦ୍ଧନଗ୍ନ ଫକୀରର ପରାମର୍ଶର ସୁଦୂର ପ୍ରସାରୀ ରିଣାମ ଉପଲବ୍ଧି କରିପାରିଲେ ନାହିଁ ।

୧୯୬୯ ମସିହା ଜାନୁଆରୀ ୧୧ ତାରିଖ ସକାଳେ ମାନ ଯୋଗେ ଏହି ପ୍ରତିନିଧି ଦଳ ଓଡ଼ିଶା ଆସିଲେ ାନ୍ଧୀ ଦେଶର ଏକ ରାଜ୍ୟରେ ଗାନ୍ଧୀ ଆଦର୍ଶ କିପରି ାସ୍ତବରେ ପରିଣତ ହେଉଅଛି ସେ ବିଷୟରେ ାସ୍ତବ ଜ୍ଞାନ ହାସଲ ଉଦ୍ଦେଶ୍ୟରେ । ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀଜୀଙ୍କର ସଫଳ ନେତୃତ୍ୱ ଯୋଗୁଁ ସର୍ବଂସହ ଅସହାୟ ଭାରତୀୟ ଜନତା ଅହିଂସା ପନ୍ଥାରେ ନ୍ୟାଯ୍ୟ ଦାବୀ ହାସଲ ଦିଗରେ ପ୍ରଭାବିତ ହୋଇଅଛି । ମାତ୍ର ଦେଶ ଗଠନ କ୍ଷେତ୍ରରେ ଗାନ୍ଧୀଜୀଙ୍କର ଆଦର୍ଶର ପ୍ରଭାବ କେତେଦୂର ରହିଅଛି ତାହା ଏବେ ମଧ୍ୟ ସାରା ବିଶ୍ୱରେ ଏକ ପ୍ରଶ୍ନବାଚକଭାବେ ରହିଅଛି । ପ୍ରତିବର୍ଷ ବହୁସଂଖ୍ୟକ ଗବେଷକ ମଧ୍ୟ ଭାରତ ଆସୁଅଛନ୍ତି ।

ଅଷ୍ଟ୍ରିଆ ଏକ ଗଣତାନ୍ତ୍ରିକ ରାଷ୍ଟ୍ର । ଏଠାରେ ୮ଟି ରାଜ୍ୟ ଅଛି । କେନ୍ଦ୍ରରେ ଏକ ଫେଡେରାଲ ସରକାର ପ୍ରତିଷ୍ଠିତ । ଗତ ନିର୍ବାଚନରେ କୌଣସି ଦଳ ସଂଖ୍ୟା ଗରିଷ୍ଠ ହୋଇ ନ ପାରିବାରୁ ଏ ଦେଶରେ ଏକ ମିଳିତ ସରକାର ଗଠିତ ହୋଇ ସଫଳତାର ସହିତ କାର୍ଯ୍ୟ ତୁଲାଇଥିଲା । ଏ ନିର୍ବାଚନରେ ଗଣତାନ୍ତ୍ରିକ ଦଳ ସଂଖ୍ୟା ଗରିଷ୍ଠ ହୋଇ ମନ୍ତ୍ରୀମଣ୍ଡଳ ଗଠନ କରିଅଛି ।

ଏମାନେ ମୁଖ୍ୟତଃ ଜର୍ମାନଭାଷୀ, ତଥାପି ସେମାନଙ୍କ ମଧ୍ୟରୁ କେତେକ ପୁରୁଷ ଓ ମହିଳା

ଇଂରେଜୀରେ ମଧ୍ୟ କଥା ଭାଷା କରୁଥିଲେ । ଏହି ଦଳରେ ଅବସରପ୍ରାପ୍ତ ବିଚାରପତି, ଇଞ୍ଜିନିୟର, ଡାକ୍ତର, ଶିକ୍ଷକ, ଶିକ୍ଷୟିତ୍ରୀ, ଏବଂ ପର୍ଯ୍ୟଟକଙ୍କ ଗାଇଡ୍ ମଧ୍ୟ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କର ୨୫ ବର୍ଷ ବୟସ୍କ ପୁଅ ଭାରତରେ ସନ୍ନ୍ୟାସ ବ୍ରତ ଗ୍ରହଣ କରି ବନାରସରେ ଅଛନ୍ତି । ବର୍ତ୍ତମାନ ଉକ୍ତ ପୁଅଙ୍କ ସହିତ ତାଙ୍କ ମାଆଙ୍କର କେବଳ ଲୌକିକ ସଂପର୍କ ରହିଅଛି । ଭାରତ ଆଗମନ ସମୟରେ ସେ ଗେରୁଆ ବସ୍ତ୍ର ପରିଧାନ କରିଥିବା ତାଙ୍କର ଯୁବକ ସନ୍ନ୍ୟାସୀ ପୁଅର ଦର୍ଶନ ଲଭିବାର ସୁଯୋଗ ପାଇ ବିଶେଷ ପ୍ରୀତ ହୋଇଥିଲେ । ସୁବିଧା ବା ଅବସର ଥିଲେ ଭାରତରେ ଅଧିକ ସମୟ କଟାଇବା ତାଙ୍କର ଇଚ୍ଛା ଥିଲା । ବିଶେଷତଃ ପୁଅର ବନ୍ଧନ ଛିନ୍ନ କରି ଭାରତରୁ ବିଦାୟ ନେବା ତାଙ୍କ ପକ୍ଷରେ ଅଧିକ ଦୁଃଖ ଦାୟକ ହେଉଅଛି । ତଥାପି ତାଙ୍କର ଆଉ ଦୁଇଟି ପୁଅ ଓ ଝିଅ ଦେଶରେ ଥିବାରୁ ସେମାନଙ୍କ ପ୍ରତି କର୍ତ୍ତବ୍ୟ ଅନୁରୋଧରେ ଆପଣା ଦେଶରେ ତାଙ୍କୁ ରହିବାକୁ ପଡ଼ୁଅଛି ।

ସେ ଭାରତରେ ସର୍ବୋଦୟ ନେତା ଜୟପ୍ରକାଶଙ୍କର ଅଷ୍ଟ୍ରିଆରେ ଗାଇଡ୍ ଥାଇ ଭାରତରେ ଗାନ୍ଧିଜୀଙ୍କର ଆଦର୍ଶ କିପରି ବାସ୍ତବରେ ପରିଣତ ହେଉଅଛି ସେ ସଂପର୍କରେ ସମ୍ୟକ ଧାରଣା ହାସଲ କରିଥିଲେ ।

ବିଦେଶୀ ପର୍ଯ୍ୟଟକମାନଙ୍କ ଭଳି ସେମାନେ କୋଣାର୍କ ପରିଦର୍ଶନ କରି ପୁରୀର ସମୁଦ୍ରରେ ଆନନ୍ଦରେ ସ୍ନାନ କରି ଭୁବନେଶ୍ୱରର କେତେକ ଦର୍ଶନୀୟ ସ୍ଥାନ ମଧ୍ୟ ପରିଦର୍ଶନ କରିଥିଲେ ।

ବିଶ୍ୱ ଭ୍ରାତୃଭାବ ସୃଷ୍ଟି ଉଦ୍ଦେଶ୍ୟରେ ପର୍ଯ୍ୟଟନ ଓ ଜ୍ଞାନ ଆହରଣ କରିବା ପାଇଁ 'ସାର୍ଭସ' ନାମକ ସଂସ୍ଥା ପକ୍ଷରୁ ସେମାନଙ୍କର ଭାରତ ଗସ୍ତର ଆୟୋଜନ କରାଯାଇଥିଲା ।



ଏହି ସଂସ୍ଥାର ଭାରତରେ ଜଣେ ସର୍ବୋଦୟ
ଶ୍ରୀ ହରି ବଲ୍ଲଭ ପରେଖ ଦାୟିତ୍ୱରେ ଅଛନ୍ତି ।
ବରୋଦାରେ ରହନ୍ତି । ଏହି ଦଳର ପ୍ରତି
ଭାବେ ସେ ମଧ୍ୟ ଆସିଥିଲେ । ସେମାନେ
ବିଷୟରେ ଜ୍ଞାନ ଆହରଣ ପାଇଁ ବିଭିନ୍ନ ଦେଶ
ଟନ କରନ୍ତି । ଏବର୍ଷ ଗାନ୍ଧୀ ଜନ୍ମ ଶତବା
ଉତ୍ସବ ଭାରତରେ ପାଳନ କରାଯାଉଥିବାରୁ ସେ
ଗାନ୍ଧୀ ଆଦର୍ଶ କିପରି ଏ ଦେଶରେ ବାସ୍ତ
ପରିଣତ ହେଉଅଛି ସେ ବିଷୟରେ ପ୍ରତ୍ୟକ୍ଷ
ହାସଲ ପାଇଁ ଭାରତ ପର୍ଯ୍ୟଟନ କରିଥିଲେ ।

ଗୁଜୁରାଟର ଏକ ଗ୍ରାମଦାନ ଗ୍ରାମକୁ ଯାଇ ସେ
ଗ୍ରାମଦାନ ବିଷୟରେ କିଛି ବା ଧାରଣା କରିଥିଲେ
ତେଣୁ ଓଡ଼ିଶାରେ ଆଉ କୌଣସି ଗ୍ରାମଦାନ ଗ୍ରାମ
ନ ଯାଇ ସର୍ବୋଦୟ କର୍ମୀମାନଙ୍କ ସହିତ ଗାନ୍ଧୀ
ଓ ଏହାର ବାସ୍ତବ କାର୍ଯ୍ୟକାରିତା ସଂପର୍କରେ
ଭାବେ ଆଲୋଚନା କରିଥିଲେ । ଗାନ୍ଧୀ
ଶତବାର୍ଷିକୀ ପାଳନ ପାଇଁ ଓଡ଼ିଶା କମିଟିର ସଂ
ଶ୍ରୀ ହରମୋହନ ପଟ୍ଟନାୟକ ମଧ୍ୟ ଏ ଦିଗରେ
ସହଯୋଗ କରିଥିଲେ ।

ଓଡ଼ିଶାରେ ରାଉରକେଲା କାରଖାନା
ଯୋଜନାରେ ଅଷ୍ଟ୍ରିଆର ମଧ୍ୟ ଅଂଶ ଅଛି ।
ଦେଶର ଏକ କମ୍ପାନୀ ଏହି ନିର୍ମାଣରେ ଅଂଶୀ
ଥିଲା ।

ସେ ଦେଶର ଲୋକ ସଂଖ୍ୟା ଓଡ଼ିଶାର ୫
୨ ଭାଗ ହେଲେହେଁ ଓଡ଼ିଶା ଅପେକ୍ଷା ସେମ
ଯଥେଷ୍ଟ ଉନ୍ନତ ଏବଂ ସମୃଦ୍ଧ । ସେ ଦେ
ସର୍ବାଧିକ କାଟତି ଥିବା ଗୋଟିଏ ଦୈନିକ ସଂବାଦ
୧୦ ଲକ୍ଷରୁ ଅଧିକ ବିକ୍ରି ହୁଏ । ତଥାପି ୮ଟି
ରାଜ୍ୟରେ ମଧ୍ୟ ଏକାଧିକ ଦୈନିକ ସଂବାଦପତ୍ର ଅ

ଲୁହା ଓ ପ୍ଲାଷ୍ଟିକ ଜିନିଷ ପାଇଁ ଅଷ୍ଟ୍ରିଆର
ଅଛି । ଶିଳ୍ପ କ୍ଷେତ୍ରରେ କ୍ରମେ ସମୃଦ୍ଧ ହେବାରେ

ଏବେ ସାପ୍ତାହିକ ଶ୍ରମ ସମୟ ହ୍ରାସପାଇଁ ଶ୍ରମିକ ଇଉନିୟନମାନଙ୍କ ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଅଛି ।

ପର୍ଯ୍ୟଟନ ଏକ ଉନ୍ନତ ଶିଳ୍ପ ଭାବେ ସେ ଦେଶରେ ପରିଣତ ହୁଏ । ବିଦେଶୀ ପର୍ଯ୍ୟଟକମାନଙ୍କ ସୁବିଧା ଅନୁସାରେ ପରିଷ୍କାର ପରିଚ୍ଛନ୍ନ ସୁବ୍ୟବସ୍ଥା ସଂପନ୍ନ ହୋଟେଲରେ ଅବସ୍ଥାନ କରିବାକୁ ସୁବିଧା ରହିଛି ।

ସେମାନଙ୍କ ମଧ୍ୟରୁ ଜଣେ ମହିଳା ଭାରତରେ ତାଙ୍କର ଅଭିଜ୍ଞତା ସଂପର୍କରେ ଆଲୋଚନା ପ୍ରସଙ୍ଗରେ କହିଲେ ସେ ବନାରସରେ ସେମାନେ ଗୋଟିଏ ଦିନ ରହିଥିଲେ । ସେଠାରେ ହୋଟେଲର ଜଣେ କର୍ମଚାରୀଙ୍କୁ ସେ ଗୋଟିଏ କୋକାକୋଲା ଆଣିବା ପାଇଁ ପଠାଇଲେ । ମାତ୍ର ଉକ୍ତ କର୍ମଚାରୀ ଆସିବାରେ ଏତେ ବିଳମ୍ବ କଲେ ଯେ ତାଙ୍କର ଧୈର୍ଯ୍ୟଚ୍ୟୁତ ଘଟିଥିଲା । ଶେଷରେ ହୋଟେଲର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ସେ କହିଲେ ତାଙ୍କର ଏ ସ୍ଥାନରେ ଅବସ୍ଥାନର ସମୟ ମାତ୍ର କେତେ ଘଣ୍ଟା । ସେଥିରୁ ଯଦି ଘଣ୍ଟାଏ କେବଳ ଅପେକ୍ଷା କରିବାରେ ଅତିବାହିତ ହୁଏ ତା'ହେଲେ ସେ କୌଣସି ଏକ ସ୍ଥାନ ପରିଦର୍ଶନର ସୁବିଧାରୁ ମଧ୍ୟ ବଂଚିତ ହେବେ ନାହିଁ କି ? ହୋଟେଲ ପରିଚାଳକ ଏହା ଉପଲବ୍ଧି କରି ତୁରନ୍ତ ଆଉ ଏକ ଲୋକଦ୍ୱାରା କୋକାକୋଲା ଅଣାଇଦେଲେ ।

ତାଙ୍କ ମତରେ ପର୍ଯ୍ୟଟକମାନଙ୍କୁ ୪ଟି ସର୍ବାଦୌ ସୁବିଧା ଯୋଗାଇ ଦେବା ଆବଶ୍ୟକ । (୧) ପରିଷ୍କାର ପରିଚ୍ଛନ୍ନ ସୁବ୍ୟବସ୍ଥା ସଂପନ୍ନ ହୋଟେଲ । (୨) ଆବଶ୍ୟକୀୟ ଖାଦ୍ୟ ଓ ଅନ୍ୟାନ୍ୟ ଜିନିଷ ଯୋଗାଇ ଦେବାର ହୋଟେଲ୍ କର୍ତ୍ତୃପକ୍ଷଙ୍କର ତତ୍ପରତା । (୩) ସୁପରିଚାଳିତ ହୋଟେଲ ଓ ଗାଇଡ଼ ସଂଗଠନ । (୪) ସୁସ୍ୱାଦୁ ଆମିଷ ଖାଦ୍ୟ ।

୧୯୨୫ ମସିହାରେ ଗାନ୍ଧିଜୀ ଏକ ମ୍ୟୁନିସିପାଲିଟିର ନାଗରିକ ସଂବର୍ଦ୍ଧନାର ଉତ୍ତରରେ କହିଥିଲେ— "ମ୍ୟୁନିସିପାଲିଟିର ପ୍ରଥମ କାର୍ଯ୍ୟ ହେଉଛି— ନଗର ପରିଷ୍କାର । ରାସ୍ତା, ନର୍ଦ୍ଦମା ଓ ଘରଗୁଡିକ କେବଳ ପରିଷ୍କାର ରଖିପାରିଲେ ମ୍ୟୁନିସିପାଲିଟି ଆପଣାର କର୍ତ୍ତବ୍ୟ ଯଥାର୍ଥଭାବେ ସଂପାଦନ କରୁଅଛି ବୋଲି ସେ ବୁଝିବେ ।"

ଏବେ ଭାରତରେ ବିଦେଶୀ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାପାଇଁ ବହୁ ସଂଖ୍ୟକ ଉନ୍ନତ ସୁବ୍ୟବସ୍ଥା ସଂପନ୍ନ ହୋଟେଲ ପ୍ରତିଷ୍ଠା କରାଗଲାଣି, ସଂଗଠନ କରାଗଲାଣି, ପରିବହନ ବ୍ୟବସ୍ଥାର ମଧ୍ୟ ଅନେକ ଉନ୍ନତି ହେଲାଣି । ମାତ୍ର ବିଦେଶୀ ପର୍ଯ୍ୟଟକଙ୍କର ମନ ବୁଝିବା ମଧ୍ୟ ଏକ ପ୍ରଧାନ କର୍ତ୍ତବ୍ୟ । ସେମାନଙ୍କ ସହିତ କିଛି ସମୟ ଆଲୋଚନାରୁ ମୋର ଏହି ଧାରଣା ହେଲା ।

---

୬୨ ପୃଷ୍ଠାର ଅବଶିଷ୍ଟାଂଶ

ଜୀବନରେ ଆନନ୍ଦାନୁଭୂତ ହେବାର ସମସ୍ତ ଅନ୍ତ ବାଞ୍ଛିତ ହୋଇଗଲାଣି । ଗ୍ରାମାଞ୍ଚଳରେ ବିଭିନ୍ନ ରାଜନୈତିକ ଗୋଷ୍ଠିର ଲୋକେ ଏହି କାର୍ଯ୍ୟକ୍ରମର ଅପପ୍ରଚାର ଚଳାଇଥାନ୍ତି । ଲୁପ ପ୍ରୟୋଗ ଓ ଜନ୍ମନିରୋଧ ବଟିକା ବ୍ୟବହାରର କୁପ୍ରଭାବ ସମ୍ବନ୍ଧରେ ଲୋକମାନଙ୍କୁ ପ୍ରଭାବିତ କରିବାପାଇଁ ଚେଷ୍ଟା କରନ୍ତି । ତେଣୁ ଜନସାଧାରଣଙ୍କୁ ଅନୁରୋଧ ଯେ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଯେକୌଣସି ବିଷୟରେ ସନ୍ଦେହ ଜାତ-ହେଲେ ନିକଟସ୍ଥ ଡାକ୍ତର କିମ୍ବା ଜନ୍ମ ନିୟନ୍ତ୍ରଣ କେନ୍ଦ୍ରସ୍ଥ ନିଯୁକ୍ତିପ୍ରାପ୍ତ ଡାକ୍ତରଙ୍କ ସଙ୍ଗେ ପରାମର୍ଶ କରନ୍ତୁ ।

**ବାସ୍ତବରେ ଶ୍ରେଷ୍ଠ ପରିବାର ହିଁ
ସୁଖୀ ପରିବାର ।**

# ସଞ୍ଚୟ ସ୍ଲୋଗାନ୍

୧ । ଆପଣଙ୍କ ସଞ୍ଚୟ ଦେଶ ତଥା ଆପଣଙ୍କ ନିଜର ନିରାପତ୍ତାର ମୂଳଭିତ୍ତି ।

୨ । ଜାତୀୟ ସଞ୍ଚୟ ଯୋଜନାରେ ପୁଞ୍ଜି ଖଟାଇ ଦେଶର ନିର୍ମାଣରେ ଅଂଶୀଦାର ହୁଅନ୍ତୁ ।

୩ । ସଞ୍ଚୟ ଗୋଷ୍ଠୀସମୂହ ଜାତୀୟ ସଞ୍ଚୟ ଆନ୍ଦୋଳନର ପ୍ରାଣକେନ୍ଦ୍ର । ନିକଟତମ ସଞ୍ଚୟ ଗୋଷ୍ଠୀ[illegible] ଯୋଗ ଦିଅନ୍ତୁ ।

୪ । ବିଚାର ସହିତ ବ୍ୟୟ କଲେ ସଞ୍ଚୟ ପାଇଁ ବାଟ ମିଳେ ।

୫ । ପ୍ରିୟଜନ ଓ ଆତ୍ମୀୟସ୍ୱଜନଙ୍କ ସୁଖଶାନ୍ତି ନିମନ୍ତେ ସଞ୍ଚୟ କରନ୍ତୁ ।

୬ । ଆପଣଙ୍କ ପରିବାର ସ୍ୱାର୍ଥେ ଆପଣ ସଞ୍ଚୟ କରନ୍ତୁ । ଜାତି ମଧ୍ୟ ସେହି ଆଶାକରେ ।

୭ । ପୋଷ୍ଟ ଅଫିସରେ ଗୋଟିଏ ପି. ଟି. ଡି. ଏକାଉଣ୍ଟ ଖୋଲି ଆୟକର ରିହାତିର ସୁବିଧା[illegible] ନିଅନ୍ତୁ ।

୮ । ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କ୍ ଆପଣଙ୍କ ବ୍ୟାଙ୍କ୍ । ଏଥିରେ ଗୋଟିଏ ଏକାଉଣ୍ଟ ଖୋଲି[illegible] ଶତକଡ଼ା ବାର୍ଷିକ ୩½ ଟଙ୍କା ଆୟକର ମୁକ୍ତ ସୁଧ ଲାଭ କରନ୍ତୁ ।

୯ । ୧୨ ବର୍ଷିଆ ଜାତୀୟ ପ୍ରତିରକ୍ଷା ସାର୍ଟିଫିକେଟ୍ ଖରିଦ କରି ବାର୍ଷିକ ଶତକଡ଼ା ୬.୨୫ କରମୁକ୍ତ[illegible] ସୁଧ ଅର୍ଜନ କରନ୍ତୁ ।

# ଆମ ଗାଁ

## ହଲର ଓ ଢିଙ୍କିକୁଟା ଚାଉଳ ସଂଗ୍ରହ

ଭାରତର ଖାଦ୍ୟ କର୍ପୋରେସନ୍ ଦ୍ୱାରା ସଂଗୃହୀତ ହେଉଥିବା ଚାଉଳକୁ ଅଣେଇନେବା ପାଇଁ ଓଡ଼ିଶା ସରକାର ସ୍ଥିର କରିଛନ୍ତି ଯେ ଯେଉଁଠାରେ ଢିଙ୍କିକୁଟା ଓ ହଲର କୁଟା ଚାଉଳ ଯଥେଷ୍ଟ ପରିମାଣରେ କିଣିବାକୁ ମିଳୁଛି, ସେଭଳି କେତେକ ବଛା ବଛା ସ୍ଥାନର ସେଭଳି ଚାଉଳ ସଂଗ୍ରହ କରିବେ । ଏହି ଭାବରେ ଯେଉଁ ଚାଉଳ ସଂଗୃହୀତ ହେବ, ତାହା ଆଭ୍ୟନ୍ତରୀଣ ବ୍ୟବହାରରେ ଲାଗିବ ଏବଂ ଆବଶ୍ୟକ ହେଲେ ବାହାରକୁ ରପ୍ତାନି ହେବ । ତେଣୁ ୧୯୬୮-୬୯ ଖରିଫ୍ ବର୍ଷରେ ପରୀକ୍ଷାମୂଳକ ସ୍ତରରେ ଢେଙ୍କିକୁଟା ଓ ହଲର କୁଟା ଚାଉଳ କିଣିବା ପାଇଁ ଏକ ପରିକଳ୍ପନା ଶୁରୁ କରାଯାଇଅଛି ।

ଏହି ପରିକଳ୍ପନାନୁସାରେ ଉତ୍ପାଦନକାରୀ, ମହଜୁଦକାରୀ କିମ୍ବା ଧାନ ହଲରର ମାଲିକଙ୍କଠାରୁ ଏଥି ନିମିତ୍ତ ଏକ ଚୁକ୍ତିନାମା ବଳରେ ନିଯୁକ୍ତ ଯୋଗାଣ ଏଜେଣ୍ଟମାନଙ୍କ ଦ୍ୱାରା ଚାଉଳ ସଂଗୃହୀତ ହେବ । ରେଳ ଷ୍ଟେସନମାନଙ୍କରେ ଏହି ଚାଉଳ ଜମା ନିମିତ୍ତ ନିମ୍ନୋକ୍ତ ଦର ପ୍ରଯୁଜ୍ୟ ହେବ । ଯଥା—କୁଇଣ୍ଟାଲ ପ୍ରତି ମୋଟା ଚାଉଳ ଟ୮୦·୩୦ ପ, ସରୁ ଚାଉଳ ଦର ଟ୮୮·୨୫ ପ ଓ ଅତି ସରୁ ଦର ଟ୯୯·୩୮ ପ ।

ଯଦି ରେଳଷ୍ଟେସନ ଠାରୁ ଦୂରରେ ଥିବା କୌଣସି ସ୍ଥାନରେ ଏହି ଚାଉଳ ଜମା କରାଯାଏ, ତେବେ ପରିବହନ ଖର୍ଚ୍ଚ ସ୍ୱରୂପ କେ. ଜି. ପିଛା ଟ·୦୩ ପଇସା ହାରରେ ଓ କୁଇଣ୍ଟାଲ ପ୍ରତି ସର୍ବୋଚ୍ଚ ଟ୧·୫୦ ପଇସା ହିସାବରେ ଏଥିରୁ ମୂଲ୍ୟ ହ୍ରାସ କରାଯିବ । ଏଫ୍. ଏ. କଉ ଷ୍ଟାଣ୍ଡାର୍ଡର ଚାଉଳ ପ୍ରତି ମଧ୍ୟ ଉପରୋକ୍ତ ଦର ପ୍ରଯୁଜ୍ୟ ହେବ । ଯଦି ଚାଉଳର ଗୁଣ ନିର୍ଦ୍ଧାରିତ ମାନ ଠାରୁ ଊଣା ହୁଏ ତେବେ ଦର କାଟି ଦିଆଯିବ । ଯୋଗାଣ ଏଜେଣ୍ଟମାନଙ୍କୁ ନୂତନ ଅଖା ଯୋଗାଣ ପାଇଁ ଗୋଟା ଟ ୨·୫୦ ପଇସା ହିସାବରେ ଦିଆଯିବ । ପୁରୁଣା ଅଖାଗୁଡ଼ିକ ଗ୍ରହଣ କରାଯିବ ନାହିଁ ।

# ଓଡ଼ିଶା ଚାଉଳ ଓ ଧାନ ନିୟନ୍ତ୍ରଣ ଆଦେଶନାମାର ସଂଶୋଧନ

ଓଡ଼ିଶା ସରକାର ୧୯୬୫ ର ଓଡ଼ିଶା ଚାଉଳ ଓ ଧାନ ନିୟନ୍ତ୍ରଣ ଆଦେଶର କେତେକ ଆବଶ୍ୟକୀୟ ଧାରା ତାଙ୍କର ତା ୨୫ । ୧୧ । ୧୯୬୮ ର ୩୦୮୭୨ ନମ୍ବର ବିଜ୍ଞପ୍ତିରେ ସଂଶୋଧନ କରିଅଛନ୍ତି । କିନ୍ତୁ ଏହି ସଂଶୋଧନର ତାତ୍ପର୍ଯ୍ୟ ସଠିକ୍ ଭାବେ ସଂପୃକ୍ତ ବ୍ୟକ୍ତି ସ୍ତରରେ ସ୍ପଷ୍ଟ ବୁଝା ହୋଇ ନ ଥିବା ବିଷୟ ସରକାରଙ୍କର ଦୃଷ୍ଟିକୁ ଆସିଛି । ଏହି ସଂଶୋଧନ ଫଳରେ ଯେଉଁ ସବୁ ପରିବର୍ତ୍ତନ ଘଟିବ ତାହା ଏଠାରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଉଛି—

(କ) ଯେଉଁ ଅଞ୍ଚଳ ଓଡ଼ିଶାର ସୀମାନ୍ତବର୍ତ୍ତୀ ସବୁ ଜିଲ୍ଲାରେ ରାଜ୍ୟ ଭିତରକୁ ୧୬ କିଲୋମିଟର ବା ୧୦ ମାଇଲ ମଧ୍ୟରେ ରହିଛି । ସେହି ସବୁ ଅଞ୍ଚଳକୁ 'ସୀମାନ୍ତ ଅଞ୍ଚଳ' ବୋଲି ସାବ ପର୍ଯ୍ୟାୟଭୁକ୍ତ କରାଯାଇଛି ।

(ଖ) ଲାଇସେନ୍ସ ପ୍ରାପ୍ତ ଡିଲର, କୃଷକ କିମ୍ବା ଜମି ମାଲିକ ଅଥବା ଯେଉଁ ଲୋକଙ୍କୁ ଏହି ନିୟନ୍ତ୍ରଣ ଆଦେଶର ୩ୟ ଧାରାର ୧ମ ଉପଧାରାନୁଯାୟୀ ସ୍ୱତନ୍ତ୍ର ଭାବେ ନିଷ୍କୃତି ଦିଆଯାଇଛି, ସେମାନଙ୍କ ବ୍ୟତୀତ ଅନ୍ୟ କୌଣସି ଲୋକ ଗୋଟିଏ ଦିନ ମଧ୍ୟରେ ଉପରୋକ୍ତ ସୀମାନ୍ତ ଅଞ୍ଚଳ ମଧ୍ୟରେ ଚାଉଳ ବା ଧାନ କିମ୍ବା ଧାନ ଓ ଚାଉଳ ଉଭୟ ୧ କୁଇଣ୍ଟାଲରୁ ଅଧିକ କିଣି ପାରିବେ ନାହିଁ ଓ ରାଜ୍ୟ ମଧ୍ୟରେ ଅନ୍ୟତ୍ର ପାଞ୍ଚ କୁଇଣ୍ଟାଲରୁ ଅଧିକ କିଣି ପାରିବେ ନାହିଁ ।

(ଗ) ଲାଇସେନ୍ସ ପ୍ରାପ୍ତ ଡିଲର କୃଷକ କିମ୍ବା ଜମିମାଲିକ ଅଥବା ଯେଉଁ ଲୋକଙ୍କ୍ ଏହି ନିୟନ୍ତ୍ରଣ ଆଦେଶର ୩ୟ ଧାରାର ୧ମ ଉପଧାରାନୁଯାୟୀ ସ୍ୱତନ୍ତ୍ର ଭାବେ ନି… ଦିଆଯାଇଛି, ସେମାନଙ୍କ ବ୍ୟତୀତ ଅ… କୌଣସି ଲୋକ ଗୋଟିଏ ଦିନ ମଧ୍ୟ… ଉପରୋକ୍ତ ସୀମାନ୍ତ ଅଂଚଳ ମଧ୍ୟ… ଚାଉଳ ବା ଧାନ କିମ୍ବା ଧାନ ଓ ଚା… ଉଭୟ ୧ କୁଇଣ୍ଟାଲରୁ ଅଧିକ ବି… କରିପାରିବେ ନାହିଁ ଓ ରାଜ୍ୟ ମଧ୍ୟ… ଅନ୍ୟତ୍ର ୫ କୁଇଣ୍ଟାଲରୁ ଅଧିକ ବି… ପାରିବେ ନାହିଁ ।

(ଘ) ଲାଇସେନ୍ସ ପ୍ରାପ୍ତ ଡିଲର, କୃଷକ କି… ଜମିମାଲିକ ଅଥବା ଯେଉଁ ବ୍ୟକ୍ତିଙ୍କ୍… ନିୟନ୍ତ୍ରଣ ଆଦେଶର ୩ୟ ଧାରାର ୧… ଉପଧାରାନୁଯାୟୀ ସ୍ୱତନ୍ତ୍ରଭାବେ ନିଷ୍କୃ… ଦିଆଯାଇଛି, ସେମାନଙ୍କ ବ୍ୟ… କୌଣସି ଲୋକ ଏହି ସୀମାନ୍ତ ଅଂଚ… ମଧ୍ୟରେ ଧାନ କିମ୍ବା ଚାଉଳ ଅଥବା ଧା… ଓ ଚାଉଳ ଉଭୟ ୨ କୁଇଣ୍ଟାଲରୁ ଅଧି… ମହଜୁଦ କରିପାରିବେ ନାହିଁ ଏବଂ ରା… ମଧ୍ୟରେ ଅନ୍ୟତ୍ର କୌଣସି ସ୍ଥାନରେ ୧… କୁଇଣ୍ଟାଲରୁ ଅଧିକ ମହଜୁଦ କରିପାରି… ନାହିଁ ।

(ଙ) ଯେଉଁ ଲୋକ ରାଜ୍ୟ ମଧ୍ୟରେ (ସୀମା… ଅଂଚଳ ବ୍ୟତୀତ) ୧୦ କୁଇଣ୍ଟାଲରୁ ଅଧି… ଧାନ କିମ୍ବା ଚାଉଳ ବା ଧାନ ଓ ଚା… ଏକତ୍ର ମହଜୁଦ କରୁଥିବେ ଏବଂ ସୀମା… ଅଞ୍ଚଳରେ ୨ କୁଇଣ୍ଟାଲରୁ ଅଧି… କାରବାର କରୁଥିବେ, ଅନ୍ୟଥା ପ୍ରମାଣି… ନ ହେଲେ ସେଥିରୁ ସେମାନେ ଡିଲ…

ଭାବରେ ବ୍ୟବସାୟ କରୁଛନ୍ତି ବୋଲି ବୁଝିବାକୁ ହେବ ।

୨ । ଅନ୍ୟ କଥାରେ କହିବାକୁ ଗଲେ ଯୋଗାଣ ବିଭାଗର ୧ । ୫ । ୧୯୬୮ ମସିହା ୮୫୬୮ ନମ୍ବର ବିଜ୍ଞପ୍ତି ଅନୁସାରେ ଯେଉଁ ସଂଶୋଧିତ ନିୟନ୍ତ୍ରଣ ପ୍ରକାଶ କରାଯାଇଥିଲା, ସେଥିରେ ଉଲ୍ଲିଖିତ ମତେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଯେଉଁ ସୀମାନ୍ତ ଅଞ୍ଚଳ ୧୬ କିଲୋମିଟର ବା ୧୦ ମାଇଲ ଏବଂ ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ଯେଉଁ ସୀମାନ୍ତ ଅଞ୍ଚଳ ୮ କିଲୋମିଟର ବା ୫ ମାଇଲ ରଖାଯାଇଥିଲା, ତାହା ଆଉ ସେପରି ରହିଲା ନାହିଁ । ତାହାର ପରିବର୍ତ୍ତେ ସମଗ୍ର ରାଜ୍ୟରେ ସୀମାନ୍ତ ଠାରୁ ୧୬ କିଲୋମିଟର ବା ୧୦ ମାଇଲ ଦୂରଭିତରୁ ସୀମାନ୍ତ ଅଞ୍ଚଳ ରୂପେ ଧରାଯାଇଛି । ତା ୧ । ୫ । ୧୯୬୮ ମସିହା ସଂଶୋଧିତ ନିୟନ୍ତ୍ରଣ ଆଦେଶନାମାନୁଯାୟୀ ସୀମାନ୍ତ ଅଞ୍ଚଳରେ ୧୦ କିମ୍ବା ୨୦ କ୍ୱିଣ୍ଟାଲ ଧାନ ବା ଚାଉଳ ଅଥବା ଧାନ ଓ ଚାଉଳ ଉଭୟ ମହଜୁଦ ରଖିବା ଏବଂ ରାଜ୍ୟର ଅନ୍ୟତ୍ର ୫୦ କ୍ୱିଣ୍ଟାଲ ମହଜୁଦ ରଖିବା ତଥା ସୀମାନ୍ତ ଅଞ୍ଚଳରେ ଦୈନିକ ୫ କ୍ୱିଣ୍ଟାଲ କିମ୍ବା ୨ କ୍ୱିଣ୍ଟାଲ ଧାନ ବା ଚାଉଳ ଅଥବା ଧାନ ଓ ଚାଉଳ ଉଭୟ କ୍ରୟ କିମ୍ବା ବିକ୍ରୟ କରିବା ଏବଂ ରାଜ୍ୟ ମଧ୍ୟରେ ଅନ୍ୟତ୍ର ଯେ କୌଣସିଠାରେ ୧୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ କ୍ରୟ ବା ବିକ୍ରୟ କରିବାର ଯେଉଁ ନିର୍ଦ୍ଦେଶନାମା ଥିଲା, ତାହା ପ୍ରତ୍ୟାହାର କରିନିଆଗଲା ଓ ତା ବଦଳରେ ଉପରୋକ୍ତ ନିୟମଗୁଡ଼ିକ ରଖାଗଲା ।

୩ । ଏହି ପ୍ରେସନୋଟ ଦ୍ୱାରା ଯୋଗାଣ ବିଭାଗର ତା ୨୭ । ୪ । ୧୯୬୮ ମସିହାରେ ପ୍ରକାଶିତ ପ୍ରେସ-ନୋଟର କୋହଳ ନୀତିଗୁଡ଼ିକୁ ରଦ୍ଦ କରାଗଲା ।

---

# ମେଟ୍ରିକ ପଦ୍ଧତି ଓଜନ ଓ ମାପ ପ୍ରଚଳନ

ସର୍ବସାଧାରଣ ଅବଗତ ଅଛନ୍ତି ଯେ ମେଟ୍ରିକ ଓଜନ ଓ ମାପ ପଦ୍ଧତି ପ୍ରଚଳନ ହେବାର ବାର ବର୍ଷ ପୂର୍ଣ୍ଣ ହୋଇ ଗଲାଣି । ସମଗ୍ର ଦେଶରେ ବର୍ତ୍ତମାନ ମେଟ୍ରିକ୍ ଓଜନ ଓ ମାପର ପ୍ରଚଳନ ବାଧ୍ୟ ବାଧକ ହୋଇଛି ଏବଂ ଅନ୍ୟ କୌଣସି ପଦ୍ଧତିକୁ ଆଇନ୍ ଅନୁସାରେ ଅନୁମୋଦନ କରାଯାଇ ନାହିଁ । ଯେଉଁ ବ୍ୟକ୍ତିମାନେ ବର୍ତ୍ତମାନ ସୁଦ୍ଧା ଆଇନ୍ ଅନୁସାରେ ସ୍ୱୀକୃତ ହୋଇଥିବା ଓଜନ ଓ ମାପ ଏବଂ ଓଜନ ଓ ମାପ ଯନ୍ତ୍ରପାତି ବ୍ୟତୀତ ଅନ୍ୟାନ୍ୟ ଓଜନ ଓ ମାପ ବ୍ୟବହାର କରୁଥିବେ, ସେମାନଙ୍କୁ ନିୟମ ଅନୁସାରେ ବିଚାରାଳୟରେ ଅଭିଯୁକ୍ତ ଓ ଦଣ୍ଡିତ କରାଯାଇ ପାରିବ ।

ମାନବ ଜାତିର ଅର୍ଥନୈତିକ ଓ ଶିଳ୍ପ ଅଗ୍ରଗତି ସହିତ ସଂପୃକ୍ତ ବିଭିନ୍ନ କାର୍ଯ୍ୟକଳାପରେ କୌଣସି ନା କୌଣସି ଆକାରରେ ଓଜନ ଓ ମାପ ବ୍ୟବହାର କରାଯାଇଥାଏ । ଏପରିକି ଡାକ୍ତରମାନେ ସେମାନଙ୍କ ରୋଗୀମାନଙ୍କୁ ଚିକିତ୍ସା କଲାବେଳେ ରକ୍ତଚାପମାନଯନ୍ତ୍ର, ଜ୍ୱରମାପକ ଯନ୍ତ୍ର ଏବଂ ଅନ୍ୟାନ୍ୟ ଧରଣର ଓଜନ ଓ ମାପ ଯନ୍ତ୍ରପାତି ବ୍ୟବହାର କରିଥାନ୍ତି । ବୈଜ୍ଞାନିକ ମଧ୍ୟ ତାହାଙ୍କ ଗବେଷଣା କାର୍ଯ୍ୟରେ ସଫଳତା ହାସଲ କରିବା ପାଇଁ ନିର୍ଭୁଲ ଓଜନ ଓ ମାପ ଯନ୍ତ୍ରପାତିର ସାହାଯ୍ୟ ନେଇଥାଆନ୍ତି । ସବୁଆଡ଼େ କିଣାବିକା କାରବାରରେ ସାଧାରଣ ଓଜନ ଓ ମାପ ବ୍ୟବହାର କରିବା ଦେଖାଯାଇଥାଏ । ଯାନବାହାନ ଚଳାଚଳ

ପାଇଁ ଯେଉଁ ପେଟ୍ରୋଲ ଓ ପେଟ୍ରୋଲଜାତ ଜିନିଷ ଅତ୍ୟାବଶ୍ୟକ, ସେ ସବୁର କାରବାର ମଧ୍ୟ ପେଟ୍ରୋଲ ପମ୍ପ, ଟ୍ୟାଙ୍କଲରି, ଭଲ୍ୟୁମିଟର, କଣ୍ଟେନର ପ୍ରଭୃତି ମାପ ଯନ୍ତ୍ରପାତି ସାହାଯ୍ୟରେ କରାଯାଇଥାଏ । କ୍ଷୁଦ୍ର ଓ ବୃହତ୍ ଶିଳ୍ପଗୁଡ଼ିକୁ ନିଜର ଶିଳ୍ପକାର୍ଯ୍ୟ ପରିଚାଳନା କରିବାପାଇଁ ପ୍ଲାଟ୍‌ଫର୍ମ ଓଜନ ଯନ୍ତ୍ର, ଓ୍ୱେ ବ୍ରିଜ୍, କ୍ରେନ୍ ଓ୍ୱେର୍, ଲୋଡସେଲ ମେସିନ୍ ଭଳି ବିଭିନ୍ନ ଧରଣର ଓଜନ ଓ ମାପ ଯନ୍ତ୍ରପାତି ଉପରେ ନିର୍ଭର କରିବାକୁ ପଡ଼ଥାଏ । ବହୁଦିନଧରି ବ୍ୟବହାର କରାଯିବା ଓ ଯାନ୍ତ୍ରିକ ତ୍ରୁଟି ଫଳରେ ଓଜନ ଓ ମାପ ଯନ୍ତ୍ରପାତି କ୍ଷୟପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ଠିକ୍ ଓଜନ ରଖେ ନାହିଁ । ଏଣୁ ବିଭିନ୍ନ ଧରଣର ଓଜନ ଓ ମାପ ଯନ୍ତ୍ରପାତିଗୁଡ଼ିକୁ ଠିକ୍‌ଭାବେ ପରୀକ୍ଷା କରିବା ପାଇଁ ଦେଶର ସବୁରାଜ୍ୟରେ ଓଜନ ଓ ମାପ ସଂଗଠନ ମାନ ସ୍ଥାପନ କରାଯାଇଛି । ସେହି ଉଦ୍ଦେଶ୍ୟରେ ଏ ରାଜ୍ୟରେ ମଧ୍ୟ ଆଧୁନିକ ପରୀକ୍ଷା (ଟେଷ୍ଟିଂ) ଯନ୍ତ୍ରପାତି ଓ ତାଲିମ ପ୍ରାପ୍ତ ତଥା ଯୋଗ୍ୟତା ସଂପନ୍ନ କର୍ମଚାରୀଙ୍କୁ ନେଇ ଗୋଟିଏ ସଂଗଠନ ସ୍ଥାପନ କରାଯାଇଛି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଉତ୍ପାଦନକାରୀ ତଥା ବ୍ୟବସାୟୀମାନଙ୍କୁ ଏ ସଂକ୍ରାନ୍ତରେ ରାଜ୍ୟ ସରକାର ଲାଇସେନ୍‌ସମାନ ପ୍ରଦାନ କରିଛନ୍ତି । ଉତ୍ପାଦନକାରୀମାନଙ୍କଦ୍ୱାରା ନିର୍ମିତ ହୋଇଥିବା ଓ ବ୍ୟବସାୟୀମାନଙ୍କଦ୍ୱାରା ବିକ୍ରି କରାଯାଇଥିବା ଓଜନ ଓ ମାପଗୁଡ଼ିକ ବଜାରକୁ ବିକ୍ରୟ ହେବାପାଇଁ ଆସିବା ପୂର୍ବରୁ ସେଗୁଡ଼ିକ ଓଜନ ଓ ମାପ କର୍ତ୍ତୃପକ୍ଷଙ୍କ ଦ୍ୱାରା ଠିକ୍‌ଭାବେ ପରୀକ୍ଷାକରି ଦେଖାଯାଇଥାଏ ।

ଯେଉଁ ବ୍ୟକ୍ତିମାନେ ଓଡ଼ିଶା ଓଜନ ଓ ମାପ କଣ୍ଟ୍ରୋଲରଙ୍କ ଠାରୁ ଲାଇସେନ୍‌ସ ହାସଲ କରି ନାହାଁନ୍ତି, ସେମାନେ ଏଭଳି ଜିନିଷ ଉପରୋକ୍ତ ଉଦ୍ଦେଶ୍ୟରେ କାରବାର କରିବାପାଇଁ କ୍ଷମତା ପ୍ରାପ୍ତ



ନୁହଁନ୍ତି । ତେଣୁ, କେବଳ ଲାଇସେନ୍‌ସ ପ୍ରାପ୍ତ ବ୍ୟବସାୟୀଙ୍କଠାରୁ ଆବଶ୍ୟକ ଓଜନ ଓ ମାପଗୁଡ଼ିକ ନେବାପାଇଁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଉଛି ।

ଯେଉଁ ଓଜନ, ମାପ ଏବଂ ଓଜନ ଓ ମାପ ଯନ୍ତ୍ରପାତିଗୁଡ଼ିକ ଦୈନନ୍ଦିନ ବ୍ୟବହାର ଫଳରେ ତ୍ରୁଟି ପୂର୍ଣ୍ଣ ହୋଇଯାଉଛି, ସେଗୁଡ଼ିକୁ ଠିକ୍ କରିବା ପାଇଁ ମରାମତି ଆବଶ୍ୟକ । ଏଥି ନିମିତ୍ତ ମରାମତିକାରୀଙ୍କୁ ଓଜନ ଓ ମାପର କଣ୍ଟ୍ରୋଲରଙ୍କ ଦ୍ୱାରା ଲାଇସେନ୍‌ସ ଦିଆଯାଇଅଛି ।

୧୯୫୮ ମସିହା ଓଡ଼ିଶା ଓଜନ ଓ ମାପ (ପ୍ରଚଳନ) ଆଇନ ଓ ତଦ୍‌ଧୀନ ନିୟମାନୁଯାୟୀ ଓଜନ ଓ ମାପ ଏବଂ ଓଜନ ଓ ମାପ ଯନ୍ତ୍ରପାତିଗୁଡ଼ିକୁ ନିର୍ଦ୍ଧାରିତ ବ୍ୟବଧାନରେ ମାନ ଯାଞ୍ଚ କରାଯାଇ ମୋହର ଦିଆଯିବା ଆବଶ୍ୟକ । ଉପରୋକ୍ତ ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ କେନ୍ଦ୍ରସ୍ଥାନମାନଙ୍କରେ ପ୍ରୟୋଗ ଗବେଷଣାଗାରମାନ ସ୍ଥାପିତ ହୋଇଅଛି । ଓଜନ ଓ ମାପର ବ୍ୟବହାରକାରୀମାନେ ଆଇନ୍ ଅନୁସାରେ ସେମାନଙ୍କର ଓଜନ ଓ ମାପ ଏବଂ ମାପ ଓଜନ ଯନ୍ତ୍ରପାତିଗୁଡ଼ିକୁ ନିୟମାନୁଯାୟୀ ଏଠାରେ ମାନ ଯାଞ୍ଚ କରାଇ ଓ ମୋହର ମରାଇ ନେବାକୁ ଅନୁରୋଧ ।

ଓଜନ ଓ ମାପର ନିର୍ଦ୍ଧାରିତ ମାନରକ୍ଷା ଏକ ବଡ଼ ସଂସ୍କାର । ଏହା ସହିତ ସବୁ ଶ୍ରେଣୀର ଲୋକମାନେ ନିବିଡ଼ ଭାବେ ସଂପୃକ୍ତ । ଓଜନ ଓ ମାପରେ ପ୍ରମାଦ ଶୂନ୍ୟତା ହିଁ ସୁରକ୍ଷିତ ବ୍ୟବସାୟ କାରବାର, ବାଣିଜ୍ୟ, ବୈଜ୍ଞାନିକ ବିକାଶ, ସଠିକ୍ ଯୋଜନା, ସୁଷ୍ଠୁ କାର୍ଯ୍ୟ ସଂପାଦନା ଏବଂ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟାବଳୀ ଓ ଉତ୍କର୍ଷ ନିୟନ୍ତ୍ରଣ ବ୍ୟବସ୍ଥାରେ ସାହାଯ୍ୟ କରିଥାଏ । ଏହି ପ୍ରୟୋଜନୀୟ ସଂସ୍କାରକୁ ସଫଳ ଭାବରେ କାର୍ଯ୍ୟକାରୀ କରିବାରେ ସହଯୋଗ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ ।

# ଧାତବ ତୂଳି ରେଜିଷ୍ଟ୍ରି

ଭାରତରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଧାତବ ତୂଳମାନ (ବଏଲରମାନ) ୧୯୨୩ର ଭାରତୀୟ ବଏଲର ଆଇନ (୧୯୨୩ର ୫ ଆଇନ) ଅନୁସାରେ ରେଜିଷ୍ଟ୍ରି କରାଯିବା ଆବଶ୍ୟକ ବୋଲି ସଂପୃକ୍ତ ସମସ୍ତଙ୍କ ଗୋଚରକୁ ଏତଦ୍ୱାରା ଅଣାଯାଉଛି । ଏହି ଆଇନରେ ବ୍ୟବସ୍ଥା ଅଛି ଯେ ଏଭଳି ସମସ୍ତ ବଏଲରକୁ ୧୯୫୦ର ଭାରତୀୟ ବଏଲର ନିୟମାବଳୀର ବ୍ୟବସ୍ଥା ମାନି କାର୍ଯ୍ୟ କରିବାକୁ ହେବ । ଏବେ ସରକାରଙ୍କ ଦୃଷ୍ଟିକୁ ଆସିଛି ଯେ ବଏଲର୍ ତିଆରି କରୁଥିବା ଅନ୍ୟାନ୍ୟ ଦେଶର ନିର୍ଦ୍ଧାରିତ ନିୟମ (ଷ୍ଟାଣ୍ଡାର୍ଡ କୋର୍ଡ) ଅନୁଯାୟୀ ନିର୍ମିତ ବଏଲରମାନ ବେଳେବେଳେ ଓଡ଼ିଶାର ମୁଖ୍ୟ ବଏଲର୍ ପରିଦର୍ଶକ (ଚିଫ୍ ଇନ୍ସପେକ୍ଟର ଅଫ୍ ବଏଲରସ୍)ଙ୍କ ବିନା ପରାମର୍ଶରେ ଆମଦାନୀ କରା-ଯାଉଛି ଓ ରେଜିଷ୍ଟ୍ରି ପାଇଁ ଉପସ୍ଥାପିତ କରାଯାଉଛି । ବଏଲରଗୁଡ଼ିକ ଉକ୍ତ ନିୟମାବଳୀର ଧାରାଗୁଡ଼ିକ ମାନି କାର୍ଯ୍ୟକରିବା ଅବଶ୍ୟ ହେଉଥିବାରୁ ସେଗୁଡ଼ିକୁ ରେଜିଷ୍ଟ୍ରି ପାଇଁ ଗ୍ରହଣ କରିବା ମୁଖ୍ୟ ବଏଲର୍ ପରିଦର୍ଶକଙ୍କ ପକ୍ଷେ କଷ୍ଟକର ହୋଇପଡ଼ୁଛି ।

ତେଣୁ ଏଥିସହ ସଂପୃକ୍ତ ସମସ୍ତଙ୍କୁ ଜଣାଇ ଦିଆଯାଉଛି ଯେ ବଏଲରଗୁଡ଼ିକ ଆମଦାନୀ ହୋଇପାରିବା ପରେ ସେ ଗୁଡ଼ିକୁ ଗ୍ରହଣ କରିବା ନେଇ ଯେଉଁସବୁ ବାଦାନୁବାଦ ଦେଖାଦେଉଛି, ତାହା ଏଡ଼ିବାକୁ ହେଲେ ଅନ୍ୟ କୌଣସି ଷ୍ଟାଣ୍ଡାର୍ଡକୋର୍ଡ ଅନୁଯାୟୀ ନିର୍ମିତ ବଏଲର୍ ଆମଦାନୀ କରିବା ପୂର୍ବରୁ ଆଗେ ସେଗୁଡ଼ିକ ଗୃହୀତ ହେବ ନ ହେବା ସଂପର୍କରେ ମୁଖ୍ୟ ବଏଲର୍ ପରିଦର୍ଶକଙ୍କ ସହ ପରାମର୍ଶ କରାଯିବା ଆବଶ୍ୟକ । ତାହାହେଲେ ସେଗୁଡ଼ିକ ଆସି ଏରାଜ୍ୟରେ ପହଞ୍ଚିବା ସଙ୍ଗେ ସଙ୍ଗେ ଉକ୍ତ ଆଇନର ଧାରା ଅନୁଯାୟୀ ନିର୍ବିଘ୍ନରେ ରେଜିଷ୍ଟ୍ରି ପାଇଁ ଗୃହୀତ ହୋଇପାରିବ ।

# ପୁସ୍ତକ ପ୍ରକାଶନ ନିମନ୍ତେ ଆର୍ଥିକ ସାହାଯ୍ୟ

## ସବ-କମିଟି ଗଠନ

ସାଂସ୍କୃତିକ ବ୍ୟାପାର ବିଭାଗ ଆରମ୍ଭ ହେବା ଦିନଠାରୁ ସାହିତ୍ୟର ଉନ୍ନତି ନିମନ୍ତେ ପୁସ୍ତକ ପ୍ରକାଶ କରିବାପାଇଁ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ତଥା ଲେଖକମାନଙ୍କୁ ଏକକାଳୀନ ଗ୍ରାଣ୍ଟ ଆକାରରେ ଅର୍ଥ ଦିଆଯାଉଛି । ସରକାରୀ ଗ୍ରାଣ୍ଟର ଯଥାର୍ଥ ଉପଯୋଗ ଏବଂ ପୁସ୍ତକଗୁଡ଼ିକର ଗୁରୁତ୍ୱ ତଥା ମୂଲ୍ୟ ନିର୍ଦ୍ଧାରଣ କରିବାପାଇଁ ନିମ୍ନଲିଖିତ ବିଶେଷଜ୍ଞମାନଙ୍କୁ ନେଇ ଅଳ୍ପଦିନ ତଳେ ଗୋଟିଏ ସବ୍-କମିଟି ଗଠିତହୋଇଛି ।

(୧) ସାଂସ୍କୃତିକ ବ୍ୟାପାର ବିଭାଗର ନିର୍ଦ୍ଦେଶକ (ଚେୟାରମ୍ୟାନ) (୨) ଶ୍ରୀ ସର୍ବେଶ୍ୱର ଦାସ (ସରକାରୀ

ସଭ୍ୟ) ଅଧ୍ୟାପକ, ଆଇ. ଏ. ଏସ୍. କୋଚିଙ୍ଗ କ୍ୟାମ୍ପ, ରେଭେନ୍ସା କଲେଜ, କଟକ, (୩) ପ୍ରଫେସର ପ୍ରହ୍ଲାଦ ପ୍ରଧାନ (ବେସରକାରୀ ସଭ୍ୟ), ବାଣୀ ବିହାର ସଂସ୍କୃତ ବିଭାଗର ମୁଖ୍ୟ ଅଧ୍ୟାପକ, ଭୁବନେଶ୍ୱର, (୪) ଶ୍ରୀ ରାଜକିଶୋର ପଟ୍ଟନାୟକ (ବେ-ସରକାରୀ ସଭ୍ୟ) ଆଡ୍‌ଭୋକେଟ, ପୁରୀ ଘାଟ ରୋଡ୍, କଟକ, (୫) ଶ୍ରୀ କେଦାରନାଥ ମହାପାତ୍ର (ସରକାରୀ ସଭ୍ୟ), ପ୍ରତ୍ନତତ୍ତ୍ୱ ବିଭାଗର ସୁପରିନ୍‌ଟେଣ୍ଡେଣ୍ଟ, ଭୁବନେଶ୍ୱର (୬) ଶ୍ରୀ କେ. ସି. ବେହେରା (ବେସରକାରୀ ସଭ୍ୟ) ଓଡ଼ିଆ ବିଭାଗ ରିଡ଼ର, ଭଦ୍ରକ କଲେଜ, ଭଦ୍ରକ, ବାଲେଶ୍ୱର, (୭) ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ (ବେସରକାରୀ ସଭ୍ୟ), ଦେଉଳ, ପୁରୁଣା, କଲେଜ ଲେନ୍, କଟକ-୨, ଡକ୍ଟର ଗୋକୁଳାନନ୍ଦ ମହାପାତ୍ର (ସରକାରୀ ସଭ୍ୟ) ରସାୟନ ବିଭାଗ, ରେଭେନ୍ସା କଲେଜ, କଟକ (୯) ପଦ୍ମଶ୍ରୀ ସଚ୍ଚି ରାଉତରାୟ (ବେସରକାରୀ ସଭ୍ୟ) ମେରିଆ ବଜାର, କଟକ-୧, (୧୦) ମ୍ୟାନେଜର ଟେକ୍ସଟ୍‌ବୁକ୍ ପ୍ରେସ୍ (ସରକାରୀ ସଭ୍ୟ), ଭୁବନେଶ୍ୱର (୧୧) ଶ୍ରୀ କାହ୍ନୁଚରଣ ମହାନ୍ତି (ବେସରକାରୀ ସଭ୍ୟ) ରାଜାବଗିଚା, କଟକ-୧, (୧୨) କନଭେନର୍ ଶ୍ରୀ [illegible] ଚରଣ ପଟ୍ଟନାୟକ (ବେସରକାରୀ ସଭ୍ୟ) ଓ (୧[illegible] ଉପ-ନିର୍ଦ୍ଦେଶକ, ସାଂସ୍କୃତିକ ବ୍ୟାପାର (ଅବୈ[illegible]

---

## ଅତ୍ୟାବଶ୍ୟକ ଜନସେବା ସଂସ୍ଥାରୂପେ ଘୋଷିତ ଶିଳ୍ପ

ଗଞ୍ଜାମ ଜିଲ୍ଲାର ଅସ୍କା ସମବାୟ ଚିନି କାରଖାନା ଓ କଟକ ଜିଲ୍ଲାର ଚୌଦ୍ୱାରସ୍ଥ ଲୁଗା-କଳକୁ ଛଅମାସ ସକାଶେ ରାଜ୍ୟ ସରକାର ଅତ୍ୟାବଶ୍ୟକ ଜନ ସେବା ସଂସ୍ଥା (ପବ୍ଲିକ୍ ୟୁଟିଲିଟି ସର୍[illegible] ବୋଲି ଘୋଷଣା କରିଛନ୍ତି ।

---

## ଓଡ଼ିଶାର ଗାଁ ଗହଳରେ ଅଭିଜ୍ଞ ଆୟୁର୍ବେଦୀୟ ଘରୋଇ ଚିକିତ୍ସକମାନଙ୍କ ରେଜିଷ୍ଟ୍ରେସନ

ଓଡ଼ିଶା ଆୟୁର୍ବେଦ ଔଷଧ ସଂଶୋଧନ ଆଇନ ୧୯୬୭ ଅନୁଯାୟୀ ଗାଁ ଗହଳରେ ୧୦ ବର୍ଷ କାଳ କ୍ରମାଗତ ଭାବେ ବ୍ୟବସାୟ କରି ଚିକିତ୍ସା କରିଥିବା ଅଭିଜ୍ଞ କବିରାଜମାନେ ୧୯୭୦ ମସିହା ଅଗଷ୍ଟ ମାସ ଶେଷ ସୁଦ୍ଧା ଓଡ଼ିଶା ଆୟୁର୍ବେଦିକ କାଉନସିଲ ଦ୍ୱାରା ରେଜିଷ୍ଟ୍ରିଭୁକ୍ତ ହେବାର କଥା । କିନ୍ତୁ ଦୁଃଖର କଥା ଓଡ଼ିଶାର ଗାଁଗହଳରେ ବଂଶପରଂପରା କ୍ରମେ ଆୟୁର୍ବେଦୀୟ ଚିକିତ୍ସାରେ ଅଭିଜ୍ଞ ବୈଦ୍ୟ ବନ୍ଧୁ ଲୋ[illegible]

ଉତ୍କଳ ପ୍ରସଙ୍ଗ, ଜାନୁଆରୀ—୧୯୬୯

ଲକ୍ଷ ଲୋକଙ୍କର ଚିକିତ୍ସା ଆବହମାନକାଳରୁ କରି ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ରେଜିଷ୍ଟ୍ରିଭୁକ୍ତ ହୋଇ ନାହାନ୍ତି । ଯେଉଁ ଅଭିଜ୍ଞ ଚିକିତ୍ସକମାନେ ନିର୍ଦ୍ଦିଷ୍ଟ ସମୟମଧ୍ୟରେ ରେଜିଷ୍ଟ୍ରିଭୁକ୍ତ ହୋଇପାରିବେ ନାହିଁ, ସେମାନେ ୧୯୭୦ ଅଗଷ୍ଟ ପରେ ଆଉ ରେଜିଷ୍ଟ୍ରିଭୁକ୍ତ ହୋଇ ପାରିବେ ନାହିଁ । ଏହି ସମୟରେ ରେଜିଷ୍ଟ୍ରିଭୁକ୍ତ ନ ହୋଇ ଯେଉଁମାନେ ଆୟୁର୍ବେଦ ଚିକିତ୍ସା କରିବେ ସେମାନେ ଆଇନତଃ ଦଣ୍ଡନୀୟ ହେବେ ଓ ସେମାନଙ୍କର ଚିକିତ୍ସା କାର୍ଯ୍ୟକୁ ବେଆଇନ ଘୋଷଣା କରାଯିବ । ଏଣୁ ଯଥାଶୀଘ୍ର ଆଇନର ସୁଯୋଗ ଗ୍ରହଣ କରି ଦେଶର ଅଭିଜ୍ଞ ଚିକିତ୍ସକଗଣ ରେଜିଷ୍ଟ୍ରିଭୁକ୍ତ ହୁଅନ୍ତୁ ।

ଜଣେ ଆୟୁର୍ବେଦ ଚିକିତ୍ସକ ରେଜିଷ୍ଟ୍ରିଭୁକ୍ତ ହେଲେ ତାହାଙ୍କର ପ୍ରମାଣପତ୍ର କୋର୍ଟ, କଚେରି ଓ ସରକାରୀ କାର୍ଯ୍ୟାଳୟରେ ଗୃହୀତ ହେବ ଓ ସେ ଆୟୁର୍ବେଦ ଚିକିତ୍ସା ଉପଯୋଗେ ଯାବତୀୟ ଔଷଧ ବ୍ୟବହାର କରିବାର ଆଇନସଂଗତ ଅଧିକାର ପାଇବେ ଏବଂ ଔଷଧ ପ୍ରସ୍ତୁତ ପାଇଁ (ସୁରା, ପାରା, କର୍ପୂର ଓ ଅନ୍ୟ ପ୍ରଭୃତି) ଆବଶ୍ୟକୀୟ ଦ୍ରବ୍ୟ ସୁବିଧାରେ ପାଇ ପାରିବେ । ଏହି ରେଜିଷ୍ଟ୍ରିଭୁକ୍ତ ଚିକିତ୍ସକଗଣ କାଉନସିଲ ପ୍ରତିଯୋଗିତାରେ ଭୋଟ ଦେବା ତଥା ପ୍ରାର୍ଥୀ ହେବା ସୁବିଧା ମଧ୍ୟ ପାଇ ପାରିବେ ।

ରେଜିଷ୍ଟ୍ରିଭୁକ୍ତ ହେବାକୁ ହେଲେ, ପ୍ରତ୍ୟେକ ପ୍ରାର୍ଥୀ ପ୍ରଥମେ ୨୦ ପଇସା ଡାକ ଟିକଟ ସହ ଅନୁମୋଦିତ ଫର୍ମ ପାଇବାପାଇଁ "ରେଜିଷ୍ଟ୍ରାର; ଓଡ଼ିଶାରାଜ୍ୟ ଆୟୁର୍ବେଦ ପରିଷଦ, ୟୁନିଟ୍ ନଂ ୩, ପୋ: ଅ: ଭୁବନେଶ୍ୱର, ଜିଲ୍ଲା ପୁରୀ" ଠିକଣାରେ ଦରଖାସ୍ତ କରିବେ । ତା ପରେ ଦରଖାସ୍ତ ଫର୍ମକୁ ଯଥାଯଥ ଭାବରେ ପୂରଣ କରି ଉପଯୁକ୍ତ ପ୍ରମାଣପତ୍ର ସହିତ ରେଜିଷ୍ଟ୍ରେସନ୍ ଫି ଟ ୨୭ କାଉନସିଲ ଅଫିସକୁ ପଠାଇଲେ କାଉନସିଲ ପକ୍ଷରୁ ଉକ୍ତ ପ୍ରାର୍ଥୀଙ୍କୁ ଲାଇସେନ୍ସ ପଠାଇ ଦିଆଯିବ ।

ଆୟୁର୍ବେଦ ଶିକ୍ଷା ଓ ଚିକିତ୍ସାର ପ୍ରଚାର ଓ ପ୍ରସାର ଦୃଷ୍ଟିରୁ ପ୍ରତ୍ୟେକ କବିରାଜ ପରସ୍ପର ମଧ୍ୟରେ କାଉନସିଲର ଏହି ନିବେଦନ ପ୍ରଚାର କରି ଯଥାଶୀଘ୍ର ରେଜିଷ୍ଟ୍ରିଭୁକ୍ତ ହେବାକୁ ଯତ୍ନବାନ ହେବାପାଇଁ ଅନୁରୋଧ । ନିର୍ଦ୍ଦିଷ୍ଟ ସମୟ ଅତିବାହିତ ହୋଇଗଲେ ଭବିଷ୍ୟତରେ ରେଜିଷ୍ଟ୍ରିଭୁକ୍ତ ହେବାର ସୁଯୋଗରୁ ବଂଚିତ ହେଲେ ସେଥିପାଇଁ ଏହି କାଉନସିଲ ଦାୟୀ ହେବ ନାହିଁ । ଅନ୍ୟ କୌଣସି ଅନୁଷ୍ଠାନର ରେଜିଷ୍ଟ୍ରେସନ ଆଇନ୍ ଅନୁମୋଦିତ ନୁହେଁ ।

---

## ସଂବାଦ ପତ୍ର ସଂସ୍ଥା ଆସୋସିଏଟେଡ୍ ପ୍ରେସମାନଙ୍କର ବିଶେଷ ଆବଶ୍ୟକତା ପୂରଣ ପାଇଁ ୧୯୬୮-୬୯ର ଆମଦାନି ନୀତି

୧୯୬୯ ଅପ୍ରେଲ-ମାର୍ଚ୍ଚ ଲାଇସେନ୍ସ ପ୍ରଦାନ ସମୟ ମଧ୍ୟରେ ସଂବାଦ ପତ୍ର ସଂସ୍ଥା/ଆସୋସିଏଟେଡ୍ ପ୍ରେସମାନଙ୍କର ବିଶେଷ ଆବଶ୍ୟକତା ପୂରଣ ନିମନ୍ତେ ଭାରତ ସରକାର ଆମଦାନି-ନୀତି ଘୋଷଣା କରିଛନ୍ତି । ଆମଦାନି ଲାଇସେନ୍ସ ପାଇଁ ଦରଖାସ୍ତ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ୧୯୬୮ର

ନିୟମାବଳୀ ଓ କାର୍ଯ୍ୟବିଧି ପ୍ରସ୍ତୁତିକାର (ହ୍ୟାଣ୍ଡବୁକ୍ ଅଫ୍ ରୁଲସ୍ ଏଣ୍ଡ ପ୍ରୋସିଡ଼ୁଅର) ୨୧୨ (ଡ) ଅନୁଚ୍ଛେଦରେ ସୂଚୀତ ସମସ୍ତ ପର୍ଯ୍ୟନ୍ତ ପ୍ରିଂ ଲାଇସେନ୍ସ ବା ଅନୁମତି ପତ୍ର ବ୍ୟବହାର କରୁଥିବେ, ସେମାନେ ୧୯୬୮-୬୯ ପାଇଁ ଲାଇସେନ୍ସ ପାଇବାକୁ ଉପଯୁକ୍ତ ବିବେଚିତ ହେବେ । ପୂର୍ବରୁ ମିଳିଥିବା କାଗଜକୁ କିପରି ଉପଯୋଗ କରାଯାଇଛି, ତାହାର ପ୍ରମାଣ ସ୍ୱରୂପ ପ୍ରିଂ ଲାଇସେନ୍ସର ଏକ ଫଟୋ ନକଲ ଓ ସେମାନଙ୍କ ବ୍ୟାଙ୍କରେ ଋଣ ପତ୍ର ଖୋଲି ପାଇଥିବ ତାହାର ସାର୍ଟିଫିକେଟ ଦାଖଲ କରିବାକୁ ହେବ । ସେହିସବୁ ସଂବାଦପତ୍ର ସଂସ୍ଥାଗୁଡ଼ିକ ବର୍ତ୍ତମାନ କାର୍ଯ୍ୟ କରୁଛନ୍ତି, ସେମାନେ ଆମଦାନୀ ଓ ରପ୍ତା ମୁଖ୍ୟ ନିୟନ୍ତ୍ରକ, (ଚିଫ୍ କଣ୍ଟ୍ରୋଲର ଅଫ୍ ଇମ୍ପୋ ଆଣ୍ଡ ଏକ୍ସପୋର୍ଟ), ନୂଆଦିଲ୍ଲୀଙ୍କ ନିକଟକୁ ସି ସଳଖ ଦରଖାସ୍ତ ପଠାଇ ପାରିବେ । ନବଗଠି ସଂସ୍ଥାଗୁଡ଼ିକର ଦରଖାସ୍ତ ଓଡ଼ିଶା ଶିଳ୍ପ ନିର୍ଦ୍ଦେଶକ ଜରିଆରେ ପଠାଯିବ । ସେହିସବୁ କାଗଜ ଆମଦା କରାଯାଇ ପାରିବ, ତାର ବିବରଣୀ ଜିଲ୍ଲା ଶି ଅଧିକାରୀ/ଶିଳ୍ପାଞ୍ଚଳର ସହକାରୀ ମେନେଜରମାନଙ୍କ କାର୍ଯ୍ୟାଳୟରୁ ମିଳିପାରିବ । ଦରଖାସ୍ତ ଦେବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ନିର୍ଦ୍ଧାରିତ ଫର୍ମ ଓ ସ୍ୱତନ୍ତ୍ର ନିଶ୍ଚିତ ରୂପେ ୧୯୬୯ ଫେବୃଆରୀ ମଧ୍ୟରେ ଦରଖାସ୍ତ ଦାଖଲ କରିବାକୁ ହେବ ।

# TARIFF CARD

# THE 'UTKAL PRASANGA'

## MECHANICAL DETAILS

| | | |
|---|---|---|
| Overall Size | ... | 24×18 CM. |
| Size of printed page | .. | 19×15 CM. |
| Number of columns | .. | 2 |
| Width of columns | .. | 7·2 CM. |
| Type of Printing Press | | |
| 'L' Press Screen | .. | 85 |

Matrix not accepted, Release instructions or stop-orders should reach us six weeks before the date of publication.

## ADVERTISING RATES

### (CONTRACT RATES—MINIMUM 4 insertions)

| Position | Full page per insertion in Rs. | | Half page per insertion in Rs. | | Quarter page per insertion in Rs. | |
|---|---|---|---|---|---|---|
| | Casual | Contract | Casual | Contract | Casual | Contract |
| Ordinary position .. | 150 | 100 | 85 | 65 | 50 | 40 |
| 2nd cover .. | 200 | 150 | Minimum full page | | | |
| 3rd cover .. | 200 | 150 | Ditto | | | |
| Back cover in double colour | 250 | 200 | Ditto | | | |

*Please Note*:

Minimum size of insertion is a quarter page.

Coloured advertisement space would be made available for the back cover only: A surcharge of 25 per cent would be levied on the above rate of cover page for each extra colour.

All advertisement charges are payable strictly in advance.

Further details may be had from

**MANAGER OF PUBLICATIONS, HOME (PUBLIC RELATIONS) DEPARTMENT**

**GOVERNMENT OF ORISSA, NEW CAPITAL, BHUBANESWAR**

GRAM; 'PUBLICITY'—PHONE No. 1196

# *Matrubhumi*

THE ONLY INDEPENDENT ORIYA DAILY

CUTTACK-1

Telephones—277 : 349 | 1984

Telegram—MATRUBHUMI

**AFFORDS**

**quicker than the quickest & surer than the surest means of mass.**

**Contact for your sales message in Orissa with it's.**

* Undiluted coverage
* Unbiased views
* Unbeaten popularity
* Unleant non-party policy

# ମାତୃଭୂମି

ଓଡ଼ିଶାର ଜନପ୍ରିୟ ଏକମାତ୍ର ସ୍ୱାଧୀନ ଦୈନିକ

କଟକ-୧

ଆଜିର ଏଇ ଗଣରାଜ୍ୟ ଦିବସରେ ଦେଶ ଓ ଦେଶବାସୀଙ୍କର
କଲ୍ୟାଣ ଓ ସମୃଦ୍ଧି କାମନା କରୁଛି ।


—MP-II [ Home (PR) ] 88—10,000—29-1-1969



...ଶହୀଦ ନଗର ଠାରେ ଜାନୁଆରୀ ୬ ତାରିଖ ଦିନ ସରକାରୀ ମହିଳା ମହାବିଦ୍ୟାଳୟର
...ଙ୍କ ଦ୍ୱାରା ମହାବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟନ ଉତ୍ସବ ଉପଲକ୍ଷେ ଅଭିନୀତ
ଏକାଙ୍କିକାର ଏକ ଦୃଶ୍ୟ ।

ମହାବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟନ ଉତ୍ସବ ଉପଲକ୍ଷେ ଅଭିନୀତ ନୃତ୍ୟ ନାଟିକା
'କାହିଁ ଅଭିଯାନ'ର ଗୋଟିଏ ଦୃଶ୍ୟ ।



Vol. XXV, No. 6 UTKAL PRASANGA Regd. No.
Licence No. C. R. N. P-5 Licenced to post without pre-payment

# CALENDAR FOR THE YEAR 1969

## JANUARY

| | | | | | |
|---|---|---|---|---|---|
| Sunday | * | 5 | 12 | 19 | 26 |
| Monday | * | 6 | 13 | 20 | 27 |
| Tuesday | * | 7 | 14 | 21 | 28 |
| Wednesday | 1 | 8 | 15 | 22 | 29 |
| Thursday | 2 | 9 | 16 | 23 | 30 |
| Friday | 3 | 10 | 17 | 24 | 31 |
| Saturday | 4 | 11 | 18 | 25 | * |

## FEBRUARY

| | | | | | |
|---|---|---|---|---|---|
| Sunday | * | 2 | 9 | 16 | 23 |
| Monday | * | 3 | 10 | 17 | 24 |
| Tuesday | * | 4 | 11 | 18 | 25 |
| Wednesday | * | 5 | 12 | 19 | 26 |
| Thursday | * | 6 | 13 | 20 | 27 |
| Friday | * | 7 | 14 | 21 | 28 |
| Saturday | 1 | 8 | 15 | 22 | * |

## MARCH

| | | | | | |
|---|---|---|---|---|---|
| Sunday | 30 | 2 | 9 | 16 | 23 |
| Monday | 31 | 3 | 10 | 17 | 24 |
| Tuesday | * | 4 | 11 | 18 | 25 |
| Wednesday | * | 5 | 12 | 19 | 26 |
| Thursday | * | 6 | 13 | 20 | 27 |
| Friday | * | 7 | 14 | 21 | 28 |
| Saturday | 1 | 8 | 15 | 22 | 29 |

## APRIL

| | | | | | |
|---|---|---|---|---|---|
| Sunday | * | 6 | 13 | 20 | 27 |
| Monday | * | 7 | 14 | 21 | 28 |
| Tuesday | 1 | 8 | 15 | 22 | 29 |
| Wednesday | 2 | 9 | 16 | 23 | 30 |
| Thursday | 3 | 10 | 17 | 24 | * |
| Friday | 4 | 11 | 18 | 25 | * |
| Saturday | 5 | 12 | 19 | 26 | * |

## MAY

| | | | | | |
|---|---|---|---|---|---|
| Sunday | * | 4 | 11 | 18 | 25 |
| Monday | * | 5 | 12 | 19 | 26 |
| Tuesday | * | 6 | 13 | 20 | 27 |
| Wednesday | * | 7 | 14 | 21 | 28 |
| Thursday | 1 | 8 | 15 | 22 | 29 |
| Friday | 2 | 9 | 16 | 23 | 30 |
| Saturday | 3 | 10 | 17 | 24 | 31 |

## JUNE

| | | | | | |
|---|---|---|---|---|---|
| Sunday | 1 | 8 | 15 | 22 | 29 |
| Monday | 2 | 9 | 16 | 23 | 30 |
| Tuesday | 3 | 10 | 17 | 24 | * |
| Wednesday | 4 | 11 | 18 | 25 | * |
| Thursday | 5 | 12 | 19 | 26 | * |
| Friday | 6 | 13 | 20 | 27 | * |
| Saturday | 7 | 14 | 21 | 28 | * |

## JULY

| | | | | | |
|---|---|---|---|---|---|
| * | 6 | 13 | 20 | 27 | Sunday |
| * | 7 | 14 | 21 | 28 | Monday |
| 1 | 8 | 15 | 22 | 29 | Tuesday |
| 2 | 9 | 16 | 23 | 30 | Wednesday |
| 3 | 10 | 17 | 24 | 31 | Thursday |
| 4 | 11 | 18 | 25 | * | Friday |
| 5 | 12 | 19 | 26 | * | Saturday |

## AUGUST

| | | | | | |
|---|---|---|---|---|---|
| 31 | 3 | 10 | 17 | 24 | Sunday |
| * | 4 | 11 | 18 | 25 | Monday |
| * | 5 | 12 | 19 | 26 | Tuesday |
| * | 6 | 13 | 20 | 27 | Wednesday |
| * | 7 | 14 | 21 | 28 | Thursday |
| 1 | 8 | 15 | 22 | 29 | Friday |
| 2 | 9 | 16 | 23 | 30 | Saturday |

## SEPTEMBER

| | | | | | |
|---|---|---|---|---|---|
| * | 7 | 14 | 21 | 28 | Sunday |
| 1 | 8 | 15 | 22 | 29 | Monday |
| 2 | 9 | 16 | 23 | 30 | Tuesday |
| 3 | 10 | 17 | 24 | * | Wednesday |
| 4 | 11 | 18 | 25 | * | Thursday |
| 5 | 12 | 19 | 26 | * | Friday |
| 6 | 13 | 20 | 27 | * | Saturday |

## OCTOBER

| | | | | | |
|---|---|---|---|---|---|
| * | 5 | 12 | 19 | 26 | Sunday |
| * | 6 | 13 | 20 | 27 | Monday |
| * | 7 | 14 | 21 | 28 | Tuesday |
| 1 | 8 | 15 | 22 | 29 | Wednesday |
| 2 | 9 | 16 | 23 | 30 | Thursday |
| 3 | 10 | 17 | 24 | 31 | Friday |
| 4 | 11 | 18 | 25 | * | Saturday |

## NOVEMBER

| | | | | | |
|---|---|---|---|---|---|
| 30 | 2 | 9 | 16 | 23 | Sunday |
| * | 3 | 10 | 17 | 24 | Monday |
| * | 4 | 11 | 18 | 25 | Tuesday |
| * | 5 | 12 | 19 | 26 | Wednesday |
| * | 6 | 13 | 20 | 27 | Thursday |
| * | 7 | 14 | 21 | 28 | Friday |
| 1 | 8 | 15 | 22 | 29 | Saturday |

## DECEMBER

| | | | | | |
|---|---|---|---|---|---|
| * | 7 | 14 | 21 | 28 | Sunday |
| 1 | 8 | 15 | 22 | 29 | Monday |
| 2 | 9 | 16 | 23 | 30 | Tuesday |
| 3 | 10 | 17 | 24 | 31 | Wednesday |
| 4 | 11 | 18 | 25 | * | Thursday |
| 5 | 12 | 19 | 26 | * | Friday |
| 6 | 13 | 20 | 27 | * | Saturday |

FIGURES IN RED INK INDICATE SUNDAYS AND HOLIDAYS

Printed at the Orissa Government Press, Madhupatna, Cuttack-3